


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008




କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ


୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ-୩୨ ● ସଂଖ୍ୟା-୨୮ ● ୨୩ ଫେବୃଆରୀ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-28 ● 23rd February 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଲାଗୁ ହେଲା ୱାର୍କ ପାସବୁକ ବ୍ୟବସ୍ଥା: ପୂର୍ତ୍ତ ବିଭାଗ ପ୍ରଶାସନରେ ହେବ ଅନେକ ପରିବର୍ତ୍ତନ

ଭୁବନେଶ୍ୱର, ୨୨।୨

ନ୍ୟୁଜ୍ ବ୍ୟୁରୋ

ୱାର୍କ ପାସବୁକ ଦ୍ୱାରା ବ୍ୟବସ୍ଥାରେ ଆସିବ ଆହୁରି ସ୍ୱଚ୍ଛତା । କାମ ଅଧିକ ତ୍ୱରାନ୍ୱିତ ହେବ ଏବଂ ଶୀଘ୍ର ସରିବ। ଏଥିପାଇଁ ପୂର୍ତ୍ତ ବିଭାଗ ପ୍ରଶାସନର ଅନେକ ଗୁଡ଼ିକ ପରିବର୍ତ୍ତନ ହେବାକୁ ଯାଉଛି, ଯାହାକୁ ସମସ୍ତ ଇଞ୍ଜିନିୟରିଂ ବିଭାଗ ମଧ୍ୟ ଅନୁସରଣ କରିବେ । ପ୍ରତି ପ୍ରକଳ୍ପର ଆନୁମାନିକ ମୂଲ୍ୟ କେତେ, କେତେ କାମ ସରିଛି ଏହି ସବୁ ତଥ୍ୟ ସର୍ବସାଧାରଣଙ୍କ ପାଇଁ ପାସ ବୁକରେ ଉପଲବ୍ଧ ରହିବ । ଲୋକମାନେ ବିଭାଗର ୱେବସାଇଟରେ ନିର୍ଦ୍ଦିଷ୍ଟ ପ୍ରକଳ୍ପ ବାବଦରେ ସମସ୍ତ ତଥ୍ୟ ଜାଣିପାରିବେ । ଏହା ପ୍ରଥମେ ପୂର୍ତ୍ତ ବିଭାଗରେ କାର୍ଯ୍ୟକାରୀ ହେବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଏଥିରେ ପଞ୍ଚାୟତିରାଜ ବିଭାଗ ବି ସାମିଲ ହେବ। ଏହାସହ ପୂର୍ତ୍ତ ବିଭାଗର ୱାର୍କ ଡାସବୋର୍ଡ ମଧ୍ୟ ଆରମ୍ଭ କରାଯାଇଛି । ଯେଉଁଥିରେ ସମସ୍ତ ପ୍ରକଳ୍ପ ଗୁଡ଼ିକର ତଥ୍ୟ ରହିବ, ଯାହାକି ସରକାରୀ ବ୍ୟବହାର ପାଇଁ ଉପଯୋଗ କରାଯିବ।





ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଏବଂ ଅଧିକାରୀମାନେ ପ୍ରକଳ୍ପ ଗୁଡିକର ନିୟମିତ ମନିଟରିଂ କରିପାରିବେ। ପ୍ରକଳ୍ପର ଆକାର, କେଉଁ ଏଜେନ୍ସି କାମ କରୁଛି, ପ୍ରକଳ୍ପର ସ୍ଥିତି କଣ, ରେଗୁଲାର ଅପଡେଟ ହେବା, ପ୍ରକଳ୍ପର ଆନୁମାନିକ ମୂଲ୍ୟ କେତେ, କେବେ ପ୍ରକଳ୍ପ ଆରମ୍ଭ ହେଲା, କେତେ କାମ ସରିଛି ଏ ସବୁ ବାବଦରେ ଡାସବୋର୍ଡରେ ବିଶଦ ବିବରଣୀ ରହିବ । ଯାହାଦ୍ୱାରା ସରକାରୀ ସ୍ତରରେ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକୁ ମନିଟରିଂ କରାଯାଇପାରିବ । ପ୍ରଥମ ପର୍ଯ୍ୟାୟରେ ପୂର୍ତ୍ତ ବିଭାଗରେ ଆରମ୍ଭ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମ୍ୟ ଉନ୍ନୟନ ଏବଂ ଜଳ ସମ୍ପଦ ବିଭାଗରେ ମଧ୍ୟ କାର୍ଯ୍ୟକାରୀ ହେବ। ପ୍ରକଳ୍ପ ଗୁଡ଼ିକ ସଂପୂର୍ଣ୍ଣ ହେବାରେ ଆଉ ଅହେତୁକ ବିଳମ୍ବ ହେବ ନାହିଁ ।

## ସୁଭଦ୍ରା ମା'ମାନଙ୍କ ଅନ୍ତର୍ନିହିତ ଶକ୍ତିର ଜାଗରଣ ପାଇଁ 'ସୁଭଦ୍ରା ଶକ୍ତି' ମେଳାର ଆୟୋଜନ

ଭୁବନେଶ୍ୱର, ୨୨।୨

ନ୍ୟୁଜ୍ ବ୍ୟୁରୋ

ସୌଭାଗ୍ୟଦାୟିନୀ ଶକ୍ତିର ପ୍ରତିରୂପ ହେଉଛନ୍ତି ଆମ ସୁଭଦ୍ରା ମା' ମାନେ । ସୁଭଦ୍ରା ମା'ମାନଙ୍କ ମଧ୍ୟରେ ରହିଛି ଅସୀମ ଶକ୍ତି । ତେଣୁ ସେମାନେ ହେଉଛନ୍ତି "ସୁଭଦ୍ରା ଶକ୍ତି"। ସୁଭଦ୍ରା ମା'ମାନଙ୍କ ସେଇ ଅନ୍ତର୍ନିହିତ ଶକ୍ତିର ଜାଗରଣ ପାଇଁ ଆମ ସରକାର, ଆଜି ଏହି "ସୁଭଦ୍ରା ଶକ୍ତି" ମେଳାର ଆୟୋଜନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଭୁବନେଶ୍ୱରର ଜନତା ମୈଦାନ ଠାରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାର ଉଦ୍‌ଘାଟନୀ ସମାରୋହରେ କହିଛନ୍ତି ।

ଶନିବାର ଆରମ୍ଭ ହୋଇଥିବା ଏହି ସୁଭଦ୍ରା ଶକ୍ତି ମେଳାରେ ୭୦୦ ରୁ ଅଧିକ ଏସଏଚଜି ମାନେ ୩୦୦ ରୁ ଅଧିକ ଷ୍ଟଲରେ ୨୦୦ରୁ ଅଧିକ ସାମଗ୍ରୀର ପ୍ରଦର୍ଶନ କରିଛନ୍ତି। ଏହି ମେଳା ୯ ଦିନ ଧରି ଚାଲିବ। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ଓ କଳାକୃତି,





ମିଲେଟ ଓ ଅର୍ଗାନିକ ଉତ୍ପାଦ, ଖାଦ୍ୟ ଓ ମସଲା ସାମଗ୍ରୀ, ଟେରାକୋଟା ଓ ବାଉଁଶ ଶିଳ୍ପ ଆଦି ଅନେକ ଉତ୍ପାଦ ସ୍ଥାନ ପାଇଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏ ମେଳା କେବଳ ଏକ ସାଧାରଣ ପ୍ରଦର୍ଶନୀ ନୁହେଁ । ଏହା ଆମ ଓଡ଼ିଶାର ମା', ଭଉଣୀ ଏବଂ ଝିଅମାନଙ୍କର ସଫଳତାର କାହାଣୀ । ସେମାନଙ୍କ ପ୍ରତିଭା, ଦକ୍ଷତା ଓ ଉଦ୍ୟମର ନିଦର୍ଶନ । ଆମ ସରକାର ପାଇଁ ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ୍ ନୁହେଁ, ଏହା ଏକ ଆନ୍ଦୋଳନ । ବ୍ୟକ୍ତିଗତ ସ୍ତରରେ ହେଉ ବା ଗ୍ରୁପ ସ୍ତରରେ ହେଉ, ପ୍ରତ୍ୟେକ ମହିଳା ଯେପରି ଦକ୍ଷ ଉଦ୍ୟୋଗୀ ହୋଇ, ଆର୍ଥିକ ସ୍ୱତନ୍ତ୍ରତା ହାସଲ କରିବେ, ସେଥିପାଇଁ ଆମର ଉଦ୍ୟମ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାତୃ *(ପୃଷ୍ଠା ୭ରେ)*

## ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ମାୟାଧର ରାଉତଙ୍କ ପରଲୋକ, ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୨।୨

ନ୍ୟୁଜ୍ ବ୍ୟୁରୋ

ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ମାୟାଧର ରାଉତଙ୍କ ଶନିବାର ନୂଆଦିଲ୍ଲୀସ୍ଥିତ ବାସଭବନରେ ୯୨ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ପୁଅ ଏହି ବିଷୟରେ ସୂଚନା ଦେଇଛନ୍ତି । ଶ୍ରୀ ରାଉତ କହିଛନ୍ତି, ଶନିବାର ସକାଳେ ସେ ନାତିନାତୁଣୀ ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କ ସହ ଜଳଖିଆ ଖାଇଥିଲେ। ସେ କୌଣସି ରୋଗରେ ପୀଡ଼ିତ ନଥିଲେ ଏବଂ ବାର୍ଦ୍ଧକ୍ୟ ଜନିତ କାରଣରୁ ତାଙ୍କର ଦେହାନ୍ତ ହୋଇଛି। ଲୋଧି ରୋଡ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ।

୧୯୩୩ ମସିହା ଜୁଲାଇ ୬ ତାରିଖରେ ଓଡ଼ିଶାରେ ଜନ୍ମଗ୍ରହଣ କରିଥିବା ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ମାୟାଧର ରାଉତ ୧୯୫୦ ଦଶକରେ ଶାସ୍ତ୍ର ଭିତ୍ତିକ ଜ୍ଞାନ ବଳରେ ଓଡ଼ିଶୀ ନୃତ୍ୟର ପୁନରୁଦ୍ଧାର କରିଥିଲେ। ସେ ପ୍ରଥମେ ୧୯୪୪ ମସିହାରେ ମଞ୍ଚରେ ଗୋଟିପୁଅ ନୃତ୍ୟ ଉପସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ସେ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ର ଭିତ୍ତିକ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ଦେବା ପାଇଁ ଏହାର ପୁନର୍ଗଠନ ପାଇଁ କାର୍ଯ୍ୟ କରିଥିଲେ। ଶ୍ରୀ ରାଉତ ୧୯୫୨ ମସିହାରେ କଟକ *(ପୃଷ୍ଠା ୭ରେ)*

## ଶକ୍ତିକାନ୍ତ ଦାସ ହେଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

ନୂଆଦିଲ୍ଲୀ, ୨୨।୨

ଦୁଇ ଓଡ଼ିଆଙ୍କୁ ମିଳିଛି ପ୍ରଧାମନ୍ତ୍ରୀଙ୍କ ପ୍ରମୁଖ ସଚିବ ଦାୟିତ୍ୱ। ପୂର୍ବରୁ ପି.କେ.ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଦାୟିତ୍ୱ ପଦରେ ନିଯୁକ୍ତି ହୋଇଥିବାବେଳେ ଶନିବାର ଆଉ ଜଣେ ଓଡ଼ିଆ ଏହି ପଦରେ ଅଧିଷ୍ଠିତ ହୋଇଛନ୍ତି। ସେ ହେଉଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ। ଶନିବାର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ଓଡ଼ିଆ ପୁଅ ଶକ୍ତିକାନ୍ତ ଦାସଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି । ପି.କେ. ମିଶ୍ରଙ୍କ ସହ ଦ୍ୱିତୀୟ ପ୍ରମୁଖ ସଚିବ ଭାବେ ଶ୍ରୀ ଦାସ ଦାୟିତ୍ୱ ତୁଲାଇବେ ବୋଲି କୁହାଯାଇଛି। ଶକ୍ତିକାନ୍ତ ଦାସଙ୍କୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱିତୀୟ ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବା ସମ୍ପର୍କରେ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟର ପ୍ରସ୍ତାବକୁ କ୍ୟାବିନେଟ ନିଯୁକ୍ତି କମିଟି ଅନୁମୋଦନ ଦେଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାପୂର୍ବରୁ ପି.କେ.ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଦାୟିତ୍ୱରେ ରହିଛନ୍ତି।





ଉର୍ଜିତ ପଟେଲଙ୍କ ଇସ୍ତଫା ପରେ ଓଡ଼ିଆ ପୁଅ ଶକ୍ତିକାନ୍ତ ଦାସଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନୂଆ ଗଭର୍ଣ୍ଣର ଭାବେ ନିଯୁକ୍ତି ମିଳିଥିଲା। ୧୯୮୦ ବ୍ୟାଚର ତାମିଲନାଡୁ କ୍ୟାଡର ଆଇଏଏସ ଅଫିସର ଶକ୍ତିକାନ୍ତ ଦାସ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଭାବେ ଅବସର ଗ୍ରହଣ କରିଛନ୍ତି । ଶକ୍ତିକାନ୍ତ ଦାସ କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଏବଂ ଖର୍ଚ୍ଚ ବିଭାଗର ଯୁଗ୍ମ ସଚିବ, ତାମିଲନାଡୁ ସରକାରଙ୍କ ସ୍ୱତନ୍ତ୍ର ରାଜସ୍ୱ କମିଶନର, ଶିଳ୍ପ ବିଭାଗର ସଚିବଙ୍କ ସହ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପଦରେ କାର୍ଯ୍ୟ କରିଛନ୍ତି। ଏହି ଓଡ଼ିଆ ପୁଅଙ୍କ ପାଠପଢା ରାଜଧାନୀ ଭୁବନେଶ୍ୱରରୁ ହିଁ ଆରମ୍ଭ ହୋଇଥିଲା। ପିଲାଟି ଦିନୁ ଜଣେ ମେଧାବୀ ଛାତ୍ର ଥିବା ଶ୍ରୀ ଦାସଙ୍କ ଭୁବନେଶ୍ୱର ଡିଏମ ସ୍କୁଲରୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପର୍ଯ୍ୟନ୍ତ ଯାତ୍ରା ବେଶ ସଫଳ ରହିଛି।

## ମୁସଲିମ୍ ବିଧାୟକଙ୍କୁ ମିଳିବ ନାହିଁ ନମାଜ ବ୍ରେକ୍ : ୯୦ ବର୍ଷର ପରମ୍ପରାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

ଦିସ୍‌ପୁର, ୨୨।୨

ଆସାମ ସରକାରଙ୍କ ବଡ଼ ନିଷ୍ପତ୍ତି। ବିଧାନସଭାରେ ଦଶନ୍ଧି ଧରି ଚାଲିଆସୁଥିବା ଅର୍ଥାତ ନମାଜ ପାଇଁ ବିରତି ପରମ୍ପରାକୁ ସରକାର ସମାପ୍ତ କରିଛନ୍ତି । ଯଦିଓ ଏହି ନିଷ୍ପତ୍ତି ଗତ ବର୍ଷ ଅଗଷ୍ଟ ମାସରେ ନିଆଯାଇଥିଲା, ହେଲେ ବଜେଟ ଅଧିବେଶନ ସମୟରେ ଏହାକୁ କାର୍ଯ୍ୟକାରୀ କରାଯାଇଛି । ତେବେ ଆସାମ ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ବ୍ୟାପକ ବିରୋଧ ପ୍ରଦର୍ଶନ ଦେଖିବାକୁ ମିଳୁଛି।

ସରକାରଙ୍କ ନିଷ୍ପତ୍ତି ନେଇ ଏଆଇୟୁଡିଏଫ ବିଧାୟକ ରଫିକୁଲ ଇସଲାମ ନିଜର ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ, ସଂଖ୍ୟା ଆଧାରରେ ଏହି ନିଷ୍ପତ୍ତି ଲାଗୁ କରାଯାଇଛି । ବିଧାନସଭାରେ ପ୍ରାୟ ୩୦ ଜଣ ମୁସଲିମ ବିଧାୟକ ଅଛନ୍ତି । ଆମେ ଏହି ପଦକ୍ଷେପ ବିରୋଧରେ ଆମର ମତ ପ୍ରକାଶ କରିଥିଲୁ, କିନ୍ତୁ ସେମାନଙ୍କ (ଭାଜପା) ପାଖରେ



ସଂଖ୍ୟା ଅଛି ଏବଂ ସେହି ଆଧାରରେ ସେମାନେ ଏହାକୁ ଲାଗୁ କରୁଛନ୍ତି।

କହିରଖୁଛୁ, ବାଚସ୍ପତି ବିଶ୍ୱଜିତ ଦୈମାରୀ ସମ୍ବିଧାନକୁ ଦୃଷ୍ଟିରେ ରଖି ପ୍ରସ୍ତାବ ଦେଇଥିଲେ ଯେ, ଆସାମ ବିଧାନସଭା ଅନ୍ୟ ଦିନ ପରି ଶୁକ୍ରବାର ମଧ୍ୟ ଏହାର କାର୍ଯ୍ୟ ପରିଚାଳନା କରିବା ଉଚିତ। ଏହି ନିୟମ କମିଟି ସମ୍ମୁଖରେ ରଖାଯାଇଥିଲା, ଯାହାକୁ କମିଟି ସର୍ବସମ୍ମତିକ୍ରମେ ଗୃହିତ କରିଛି।

ଆସାମ ବିଧାନସଭାରେ ଲାଗୁ ଏହି ପରମ୍ପରା ଅନୁଯାୟୀ, ମୁସଲିମ ବିଧାୟକମାନଙ୍କୁ ଶୁକ୍ରବାର ନମାଜ ପାଠ କରିବା ପାଇଁ ଦୁଇ ଘଣ୍ଟାର ବିରତି ଦିଆଯାଉଥିଲା। ଏହାର ଅର୍ଥ ହେଉଛି ଏହି ସମୟ ମଧ୍ୟରେ ଗୃହର କୌଣସି କାର୍ଯ୍ୟ ହେଉ ନ ଥିଲା। ଏବେ ଏହାକୁ ବନ୍ଦ କରିଦିଆଯିବା ପରେ ବିରୋଧୀ ଦଳ ଗୃହର ଏହି ନିଷ୍ପତ୍ତିର ତୀବ୍ର ବିରୋଧ କରିଛନ୍ତି ଏବଂ ଏହାକୁ ସଂଖ୍ୟାଗରିଷ୍ଠଙ୍କ ସ୍ୱେଚ୍ଛାଚାରିତା ବୋଲି କହୁଛନ୍ତି।

ବିଧାନସଭାର ନିଷ୍ପତ୍ତି ପରେ, ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏହି *(ପୃଷ୍ଠା ୭ରେ)*

## ଜଙ୍ଗଲରୁ ନକ୍ସଲ ସାମଗ୍ରୀ ଉଦ୍ଧାର କଲେ ଯବାନ

ମାଲକାନଗିରି, ୨୨।୨

ନ୍ୟୁଜ୍ ବ୍ୟୁରୋ

ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାର ଜିଲ୍ଲା ପୁଲିସ, ୧୩୧ ସିଆରପିଏଫ ବାଟାଲିୟନର ଯବାନ ଏବଂ ୨୦୩ କୋବ୍ରା ବାଟାଲିୟନର ଯବାନ ମିଳିତ ଭାବେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଙ୍ଗଲରୁ ମାଓ ସାମଗ୍ରୀ ଜବତ କରିଛନ୍ତି।

ନକ୍ସଲ ଦମନ ଅଭିଯାନରେ ଯବାନ ଲଗାତାର ସର୍ଚ୍ଚ ଅପରେସନ ଏବଂ କମ୍ବିଂ କରୁଥିବା ବେଳେ ସୁକମା ଜିଲ୍ଲାର ଗୁଣ୍ଡରାଜଗୁଡ୍ଡୁମ ଏବଂ ବେଦାରେନ୍ଦା ମଧ୍ୟରେ ଥିବା ଜଙ୍ଗଲରେ ଯବାନ ସର୍ଚ୍ଚ ଅପରେସନ କରୁଥିଲେ। ଟିନ୍‌ଚହାଦୁ ନଦୀ ନିକଟରେ ନକ୍ସଲ ବନ୍ଧୁକ ସହ ମାଓ ପୁସ୍ତକ ତଥା ଅନ୍ୟ ସାମଗ୍ରୀ ଲୁଚାଇ ରଖିଥିଲେ । ଯବାନମାନେ



ଏହା ଜାଣିବା ପରେ ତୁରନ୍ତ ସେହି ଅଞ୍ଚଳକୁ ନିଜ କବଜାକୁ ନେବା ସହ ମାଓ ସାମଗ୍ରୀଗୁଡିକକୁ ଜବତ କରିଥିଲେ।

ନକ୍ସଲ ବ୍ୟାନର, ନକ୍ସଲ ପୋଷାକ ସହ ବହୁ ଡାଏରୀ ମଧ୍ୟ ରହିଥିଲା। ଯେଉଁ ଡାଏରୀରେ ନକ୍ସଲ ବହୁ ଗୋପନ ତଥ୍ୟ ଲୁଚାଇ ରଖିଥାଇପାରନ୍ତି ବୋଲି ପୁଲିସ ଅନୁମାନ କରୁଛି । ଏବେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ ମଧ୍ୟ ପଞ୍ଚାୟତ ନିର୍ବାଚନକୁ ଭଣ୍ଡୁର କରିବାକୁ ପ୍ରୟାସ ଜାରି ରଖିଛନ୍ତି।

## ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ଓଡ଼ିଶା ଟ୍ରାଭେଲ ବଜାର

ଭୁବନେଶ୍ୱର, ୨୨।୨

ନ୍ୟୁଜ୍ ବ୍ୟୁରୋ

ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘ (ଫିକି) ସହ ସହଭାଗିତାରେ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗର୍ବର ସହିତ ଓଡିଶା ଟ୍ରାଭେଲ ବଜାର ୨୦୨୫ର ୬ଷ୍ଠ ସଂସ୍କରଣର ଘୋଷଣା କରାଯାଉଛି । ୨୪ରୁ ୨୭ ତାରିଖ ୨୦୨୫ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରମୁଖ କାର୍ଯ୍ୟକ୍ରମ ଏକ ଅଗ୍ରଣୀ ଅନ୍ତର୍ଜାତୀୟ ଭ୍ରମଣ ଗନ୍ତବ୍ୟସ୍ଥଳୀ ଭାବେ ଓଡିଶାର ସ୍ଥିତିକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ରାଜ୍ୟର ସାଂସ୍କୃତିକ ଐତିହ୍ୟ, ଶାନ୍ତ ବେଳାଭୂମି, ଇକୋ-ଟୁରିଜିମ ଓ ଆଡ୍‌ଭେଞ୍ଚର ଟୁରିଜିମ ଅଫରିଙ୍ଗଗୁଡିକୁ ହାଇଲାଇଟ କରିଥିଲେ ।



ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର କମିଶନର ତଥା ସଚିବ ବଲୱନ୍ତ ସିଂହ ଓଡିଶାର ପର୍ଯ୍ୟଟନ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖିଥିବା ରାଜ୍ୟ ସରକାର ପର୍ଯ୍ୟଟନ ନୀତି, ପଦକ୍ଷେପ ଓ ରଣନୈତିକ ଦୃଷ୍ଟିକୋଣ ଉପରେ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ ।

୬ଷ୍ଠ ଓଡିଶା ଟ୍ରାଭେଲ ବଜାର ୨୦୨୫ ହେଉଛି ଏକ ପ୍ରମୁଖ କ୍ରେତା-ବିକ୍ରେତା ସମ୍ମିଳନୀ ଯାହା ଜାତୀୟ ଓ ଅନ୍ତର୍ଜାତୀୟ ଟ୍ରାଭେଲ ଓ ଟୁର ଅପରେଟର, ଡେଷ୍ଟିନେସନ ମ୍ୟାନେଜମେଣ୍ଟ କମ୍ପାନୀ (ଡିଏମ୍‌ସି) ଓ ଓଡିଶାର ବିକ୍ରେତା ମାନଙ୍କୁ ଏକତ୍ରିତ କରିବ । ମେ'ଫେୟାର କନ୍‌ଭେନସନ ଓ ସ୍ୱସ୍ତି ପ୍ରିମିୟମ ଭୁବନେଶ୍ୱରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ଓଡିଶାର ବିସ୍ତୃତ ପର୍ଯ୍ୟଟନ କ୍ଷେତ୍ରକୁ ଅନ୍ୱେଷଣ କରିବା ପାଇଁ ଅନୁମତି ଦେବ ।

ଏହାର ସଫଳତାକୁ ବଜାୟ ରଖି ଓଡିଶା ଟ୍ରାଭେଲ ବଜାର ୨୦୨୫ ଓଡିଶାକୁ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ପାଇଁ ଏକ ଅଗ୍ରଣୀ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ପ୍ରୋତ୍ସାହିତ କରିବ । ରାଜ୍ୟର ଲୁକ୍କାୟିତ ସ୍ଥାନଗୁଡିକ ଏବେ ବାସ୍ତବ ଅନୁଭୂତି ଚାହୁଁଥିବା ଭ୍ରମଣକାରୀଙ୍କ ପାଇଁ ପ୍ରାଥମିକ ପସନ୍ଦ ଭାବେ ସ୍ୱୀକୃତି ଲାଭ କରୁଛନ୍ତି । ନିଜର ଅନନ୍ୟ ପ୍ରାକୃତିକ ଓ ସାଂସ୍କୃତିକ ଐତିହ୍ୟ ସହିତ ଓଡିଶା ବିବିଧ ଓ ଆକର୍ଷଣୀୟ ଭ୍ରମଣ ଅନୁଭୂତି ଦେଉଛି ଯାହା ବର୍ଷ ପରେ ବର୍ଷ *(ପୃଷ୍ଠା ୭ରେ)*

## ଗୀତା ଛୁଇଁ ଏଫବିଆଇ ନିର୍ଦ୍ଦେଶକ ଭାବେ ଶପଥ ନେଲେ କାଶ୍ ପଟେଲ

ନୂଆଦିଲ୍ଲୀ, ୨୨।୨

ଭାରତୀୟ ବଂଶଜ ତଥା ଡୋନାଲ୍ଡ ଟ୍ରମ୍ପଙ୍କ ବିଶ୍ୱସ୍ତ କାଶ୍ ପଟେଲ ଶନିବାର ସଂଘୀୟ ତଦନ୍ତକାରୀ ବ୍ୟୁରୋ(ଏଫବିଆଇ) ନିର୍ଦ୍ଦେଶକ ଭାବେ ଶପଥ ଗ୍ରହଣ କରିଛନ୍ତି । ପବିତ୍ର ଗ୍ରନ୍ଥ ଭଗବତ ଗୀତାକୁ ଛୁଇଁ ସେ ଶପଥ ନେଇଛନ୍ତି। ଏହା ସହିତ ସେ ଏଫବିଆଇର ନେତୃତ୍ୱ ନେବାରେ ୯ମ ବ୍ୟକ୍ତି ପାଲଟି ଯାଇଛନ୍ତି । ୱାଶିଂଟନ ଡିସିସ୍ଥିତ ହ୍ୱାଇଟହାଉସ ପରିସରରେ ଥିବା ଆଇଜନହାୱର କାର୍ଯ୍ୟାଳୟ କୋଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆମେରିକାର ଆଟର୍ଣ୍ଣି ଜେନେରାଲ ପ୍ୟାମ ବାଣ୍ଡି ତାଙ୍କୁ ଶପଥପାଠ କରାଇଥିଲେ। କାଶ୍ ପଟେଲଙ୍କ ନିଯୁକ୍ତିକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶଂସା କରିଛନ୍ତି । ଏଫବିଆଇ ଏଜେଣ୍ଟମାନଙ୍କ ମଧ୍ୟରେ କାଶ୍ ପଟେଲଙ୍କ ଲୋକପ୍ରିୟତା ଯୋଗୁ ତାଙ୍କୁ ଏହି ପଦବୀ ମିଳିଛି । କାଶ୍ ଏହି ପଦବୀରେ ବର୍ତ୍ତମାନ ସୁଦ୍ଧା ସବୁଠୁ ଉତ୍ତମ ବ୍ୟକ୍ତି ପ୍ରମାଣିତ ହେବେ।


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ଏକାଳ ପଖାଳ





ଆଜିତ ଭାରତ ପାକିସ୍ତାନ ମ୍ୟାଚ୍
ଝଡତୋଫାନର ଖେଳ
ସତରର ପ୍ରତିଶୋଧ ନେବା ପାଇଁ
ଇଏ ଯେ ଠିକ୍ ବେଳ
ପାକ୍‌ର ହୋଇ କାଳ
ଭାରତ ଏମିତି ପିଟିବ ପାହାର
ସେ ପାଇବନି ଥଳକୂଳ।

## ପୁଣି ଡରାଇଲା ଚାଇନା ଭାଇରସ, ବାଦୁଡିରୁ ମିଳିଲା ଏଚ୍‌କେୟୁ୫-କୋଭ-୨ ଜୀବାଣୁ



ବେଜିଂ, ୨୨।୨

ଆମେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ କରୋନାର ତାଣ୍ଡବକୁ ଭୁଲି ପାରିନାହୁଁ । କିନ୍ତୁ ପୁଣି ଗୋଟି, ଚାଇନା ଭାଇରସ ତାର ରୂପ ଦେଖାଇବା ଆରମ୍ଭ କଲାଣି । ଚାଇନାର ଏକ ନୂଆ ଭାଇରସ ଏଚ୍‌କେୟୁ୫-କୋଭ-୨ ଆବିଷ୍କୃତ ହୋଇଛି, ଯାହା କୋଭିଡ-୧୯ ପରି ବିପଜ୍ଜନକ ହୋଇପାରେ ବୋଲି କୁହାଯାଉଛି । ଏହି ଭାଇରସ ବାଦୁଡ଼ିଠାରେ ମଧ୍ୟ ମିଳିଛି ଏବଂ ଏହା ମଣିଷକୁ ସଂକ୍ରମିତ କରିପାରେ। ଏହି ଖବର ପରେ, ବିଶ୍ୱର ବୈଜ୍ଞାନିକମାନେ ସମସ୍ତଙ୍କୁ ଆଲର୍ଟ କରିଛନ୍ତି। କିଛି ଲୋକ ଏହାକୁ ବ୍ୟାଟ କରୋନା ଭାଇରସ ବୋଲି କହୁଛନ୍ତି।

ସାଉଥ ଚାଇନା ମର୍ଣ୍ଣିଂ ପୋଷ୍ଟର ଏକ ରିପୋର୍ଟ ଅନୁଯାୟୀ, ଏଚ୍‌କେୟୁ୫-କୋଭ-୨ ଭାଇରସ ସମାନ ମାନବ ରିସେପ୍ଟର (ଏସିଇ୨) ବ୍ୟବହାର କରେ, ଯାହାକୁ କୋଭିଡ-୧୯ ପାଇଁ ଦାୟୀ ସାର୍ସ-କୋଭ-୨ ବ୍ୟବହାର କରିଥିଲା। ଏହି ଆବିଷ୍କାର ବ୍ୟାଟ ଓମ୍ୟାନ ଭାବରେ ଜଣାଶୁଣା ଭାଇରୋଲୋଜିଷ୍ଟ ସି ଝେଙ୍ଗଲି କରିଛନ୍ତି । ଏହି ନୂତନ ଆବିଷ୍କାର ପୂର୍ବରୁ, ଚାଇନାରେ ମାନବ ମେଟାପନ୍ୟୁମୋଭାଇରସ (ଏଚ୍‌ଏମ୍‌ପିଭି) ମାମଲା ଯଥେଷ୍ଟ ବୃଦ୍ଧି ପାଇଥିଲା, ଯାହା ପରେ କୋଭିଡ ଭଳି ମହାମାରୀ ଭୟ ଘାରିଥିଲା।

ବାଦୁଡ଼ିରେ ମଧ୍ୟ ଏଚ୍‌କେୟୁ୫-କୋଭ-୨ ଭାଇରସ ମିଳିଛି, କିନ୍ତୁ ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ *(ପୃଷ୍ଠା ୭ରେ)*

## ସୋସିଆଲ ମିଡ଼ିଆରେ ଆଉ ଚାଲିବନି ଅଶ୍ଳୀଳ କଣ୍ଟେଣ୍ଟ !

ନୂଆଦିଲ୍ଲୀ, ୨୨।୨

ନିକଟରେ ୟୁଟ୍ୟୁବର ରଣବୀର ଆହ୍ଲାବାଦିଆଙ୍କ ମାମଲାରେ ସୁପ୍ରିମକୋର୍ଟ କଡ଼ା ଟିପ୍ପଣୀ ଦେଇଥିଲେ । ଏହା ମଧ୍ୟରେ କେନ୍ଦ୍ର ସରକାର ସୋସିଆଲ ମିଡ଼ିଆକୁ ନେଇ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍ସରଙ୍କ ପାଇଁ କୋଡ ଅଫ କଣ୍ଡକ୍ଟ ଆଣିବାକୁ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି କୋଡର ପାଳନ ୫ରୁ ୫ ଲକ୍ଷ ଫଲୋଅର୍ସ ଥିବା ଇନଫ୍ଲୁଏନ୍ସରଙ୍କ ପାଇଁ ଲାଗୁ ହେବ। ଭବିଷ୍ୟତରେ ଇଣ୍ଡିଆଜ ଗଟ ଟ୍ୟାଲେଣ୍ଟ ପରି ଶୋ ଦେଶବାସୀଙ୍କ ଭାବନାକୁ ଯେପରି କ୍ଷତି ପହଞ୍ଚାଇ ନ ପାରିବ, ତା ଉପରେ ଧ୍ୟାନ ଦିଆଯିବ । ଏଥିସହିତ ଇନଫ୍ଲୁଏନ୍ସର୍ସଙ୍କୁ କଣ୍ଟେଣ୍ଟ ପାଇଁ ରେଟିଂ ମଧ୍ୟ ଦେବା ବାଧ୍ୟତାମୂଳକ କରାଯିବ। ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଓ ଓଟିଟି କଣ୍ଟେଣ୍ଟକୁ ନେଇ ସରକାର ବିଭିନ୍ନ ସ୍ତରରେ ପଦକ୍ଷେପ ଗ୍ରହଣ କରୁଛନ୍ତି । ଛୋଟ ପିଲାଙ୍କୁ ଅଶ୍ଳୀଳ କଣ୍ଟେଣ୍ଟ ଠାରୁ ଦୂରେଇ ରଖିବା ପାଇଁ ନିୟମ ଅଣାଯିବ। ଓଟିଟି ପ୍ଲାଟଫର୍ମ ପାଇଁ ଆଡଭାଇଜରି ଓ ଡିଜିଟାଲ ଇଣ୍ଡିଆର ବିଧେୟକ ପ୍ରସ୍ତୁତି ଉପରେ କାମ ଚାଲିଛି ।

ଇଣ୍ଡିଆଜ ଗଟ ଟ୍ୟାଲେଣ୍ଟ ବିବାଦକୁ ନେଇ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି । ଏଭଳି ଖରାପ କଣ୍ଟେଣ୍ଟ ଉପରେ ରୋକ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଫେବୃୟାରୀ ୨୦୨୫ ରବିବାର





# ଉଚିତ୍ ମୂଲ୍ୟ ନମିଳିବାରୁ ପନିପରିବା ଫିଙ୍ଗିଲେ ଚାଷୀ

## ନାହିଁ ସଂରକ୍ଷଣ ଓ ବଜାର ବ୍ୟବସ୍ଥା:ଦର ନିର୍ଦ୍ଧାରଣ କରୁଛନ୍ତି ଦଲାଲ୍

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକର ରମ୍ଭା ଥାନା ଇଲାକା କଣ୍ଟାପଡା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଧାନ ଚାଷ ଅପେକ୍ଷା ରବି ଜାତ ଫସଲ ତଥା ପନିପରିବା ଚାଷରେ ଅଧିକ ଦୁଇ ପଇସା ଲାଭ କରିବା ଆଶାରେ ବହୁ ଚାଷୀ ତଥା ଉପରୋକ୍ତ ଅଞ୍ଚଳର ଜଣେ ସଫଳ ଚାଷୀ ଝଡିଆ ନାହାକ ନିଜର ୩ ଏକର ଉର୍ଦ୍ଧ୍ୱ ଜମିରେ ଟମାଟ, କଞ୍ଚାଲଙ୍କା, ଥାଇଲ୍ୟାଣ୍ଡ ଏପଲ ବେରି, ମଧୁମେହ ପିଜୁଳି, କଲରା, ପତ୍ରକୋବି, ଫୁଲକୋବି ପ୍ରଭୃତି ଚାଷ କରିଥିଲେ । ତେବେ ଅଜଣା ରୋଗ ବାଦୁଡ଼ି, କୁହୁଡି, ମୟୁରର ଶିକାର ହୋଇ ଚାଷୀ ଲକ୍ଷ ଲକ୍ଷ ଟଙ୍କାର କ୍ଷୟକ୍ଷତି ସମ୍ଭାଳି ମୁଣ୍ଡରେ ହାତ ଦେଇ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି । ୨୫,୦୦୦ ଟଙ୍କାର ଟମାଟ ବିହନ ବୁଣି ୨୫ ଲକ୍ଷ ଟଙ୍କା ରୋଜଗାର ଆଶା ବାନ୍ଧିଥିବା ବେଳେ ତାହା ଆଜି କୁହୁଡିର ଶିକାର ହୋଇ ଜମିରେ ଫୋପଡା ଫିଙ୍ଗା ସାଙ୍ଗକୁ ହେକ୍ଟର ହେକ୍ଟର ଜମିରେ ପଚିସଢ଼ି ନଷ୍ଟ ହୋଇଥିବା ଲକ୍ଷ୍ୟ କରାଯାଇଛି । ତାରଜାଲି ବାଡ଼, ପଲିଥିନ୍ ଆଚ୍ଛାଦାନ ବ୍ୟବସ୍ଥା ଓ ସମ୍ପୂର୍ଣ୍ଣ ଜୈବିକ ସାରରେ କୀଟନାଶକ ମୁକ୍ତ ଫଳ ଅମଳ କରି ବିଗତ ବର୍ଷ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ତାହା କୋହଭରା କଣ୍ଠରେ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି । ଏଥି ସହିତ ନିଜର ଥାଇଲ୍ୟାଣ୍ଡ ଏପଲ ବେରି ଓ ବିଗତ ବର୍ଷ ଗେଣ୍ଡୁଫୁଲ ଚାଷ କରି କିଛି ଆଶ୍ୱସ୍ତି ଲାଭ କରିଥିବା ବେଳେ ଆଜି ତାହା ଟମାଟ ରୋଜଗାରରେ କୁହା ପଥର



ମାଡ଼ କରିଲା ଭଳି ରୋଜଗାର ହାତରୁ ଛଡାଇ ନେଇଥିବାରୁ ଆଜି ସେ ଦିଗହରା ହୋଇଯାଇଛନ୍ତି । କିନ୍ତୁ ଅମଳ ଉତ୍ପାଦ ସୁରକ୍ଷିତ ରଖିବା, ବଜାର ବ୍ୟବସ୍ଥା ନଥିବା, ଶୀତଳ ଭଣ୍ଡାର ସଂରକ୍ଷଣ ହୋଇନଥିବା ଫଳରେ ଦର ନିର୍ଦ୍ଧାରଣ କରୁଛନ୍ତି ଦଲାଲ । ବହୁବାର ପ୍ରଶାସନ ନିକଟରେ ଗୁହାରି ହୋଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରିନଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୁଷ୍ଟ ଦେଖା ଦେଇଛି । ଭଲ ଫସଲ ହୋଇଥିଲେ ଚାଷୀଟିଏ ତାର ପରିବାର ପ୍ରତିପୋଷଣ କରି ସ୍ୱାବଲମ୍ବି ହୋଇପାରିଥାନ୍ତା । ନିଜ ଅଞ୍ଚଳରେ କାମ ନ ମିଳିବାରୁ ଯୁବ ଗୋଷ୍ଠୀ ପ୍ରବାସୀ ଶ୍ରମିକ ଭାବେ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି । ହେଲେ ନିଜର ଆତ୍ମ ବିଶ୍ୱାସ, ଦୃଢ ମନ ବଳ, ଦୂର ଦୃଷ୍ଟି ସମ୍ପର୍ଣ୍ଣ ଲକ୍ଷ୍ୟ ରଖି ଶେଷରେ ଏହା ଆମକୁ ମିଳିଲା ବୋଲି ଜଣାଇଛନ୍ତି । ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କୁ ଉପଯୁକ୍ତ କ୍ଷତି ପୂରଣ ପ୍ରଦାନ କରିବା ସହ ସହଯୋଗ ଓ ଆତ୍ମ ବିଶ୍ୱାସ ଜୁଟାଇବା ପାଇଁ ନିକଟରେ ଠିଆ ହୋଇ ମାର୍ଗ ଦର୍ଶନ ଦେଲେ କେମିତି ହୁଅନ୍ତା ?

# ବ୍ରାଉନ୍ ସୁଗାର୍ ଓ ଚୋରା ମଦ ଜବତ:୩ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର କେନ୍ଦ୍ରାପଡ଼ା ଟାଉନ୍, ମାର୍ଶାଘାଇ, ଜମ୍ବୁ ମେରାଇନ୍ ଏବଂ ରାଜକନିକା ଥାନା ବିଭିନ୍ନ ସ୍ଥାନରେ ବ୍ରାଉନ୍ ସୁଗାର ଏବଂ ଚୋରା ମଦ ବିକ୍ରି ହେଉଥିବାର ଖବର ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ, ବିପ୍ର ଚରଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅବକାରୀ ଟିମ୍ ସ୍ଥାନରେ ଚଢଉ କରି ୧୭ ଗ୍ରାମ୍ ବ୍ରାଉନ୍ ସୁଗାର ସହ ୫୫୧ ଲିଟର ଚୋରା ଦେଶୀ ଓ ରନ୍ଧା ମଦ ସହିତ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ହେଲେ ବଡବାରଙ୍ଗ ଗ୍ରାମର ସୁରେନ୍ଦ୍ର ବେହେରା (୫୪), ନାଳଦିଆ ପାଳନ୍ଦ ଗ୍ରାମର ଦେବେନ୍ଦ୍ର ବେହେରା (୪୫) ଏବଂ ବରଡା ଗ୍ରାମର ଶେଖର ସେଠୀ (୫୫) । ଏମାନଙ୍କୁ ଗିରଫ କରାଯାଇ ଏମାନଙ୍କ ପାଖରୁ ୧୭ ଗ୍ରାମ୍ ବ୍ରାଉନ୍ ସୁଗାର୍ ସହିତ ୫୫୧ ଲିଟର ଚୋରା ଦେଶୀ ଓ ରନ୍ଧା ମଦ ବିପୁଳ ପରିମାଣରେ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ନିରିକ୍ଷକ କହିଛନ୍ତି । ଏହି ଚଢଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲିକ, ପଦ୍ମଲୋଚନ ନାୟକ ଏବଂ ଅନ୍ୟ କର୍ମଚାରୀ ସାମିଲ୍ ଥିଲେ ।



# ଟାଟା ଷ୍ଟିଲ୍ ପକ୍ଷରୁ ୫୦୦ ୟୁନିଟ୍ ରକ୍ତ ସଂଗ୍ରହ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଟାଟା ଷ୍ଟିଲ୍ କଳିଙ୍ଗନଗର ଗ୍ରୀନ୍ ଟ୍ରାନ୍ସପୋର୍ଟ ପାର୍କରେ ଗୁରୁବାର ଦିନ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ଟାଟା ଷ୍ଟିଲ୍ କର୍ମଚାରୀମାନଙ୍କ ବ୍ୟତୀତ, ଠିକା କର୍ମଚାରୀ ଏବଂ ଭେଣ୍ଡର ଅଂଶୀଦାରମାନେ ୫୦୦ ୟୁନିଟ୍ ରକ୍ତଦାନ କରିଥିଲେ । ଏହି ରକ୍ତଦାନ ଶିବିର ଟାଟା ଷ୍ଟିଲ୍ କଳିଙ୍ଗନଗର ଲଜିଷ୍ଟିକ୍ସ ବିଭାଗ, ଆମ ଓଡ଼ିଶା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର ଏବଂ ରେଡକ୍ରସ୍ ରକ୍ତଭଣ୍ଡାର, କଟକର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା । ଏହି ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ଜେନେରାଲ୍ ମ୍ୟାନେଜର (ଅପରେସନ୍ସ) କରମବୀର ସିଂହ, ଟିଏସ୍‌କେ ଏବଂ ଟିଏସ୍ଏମ୍ ସୁରକ୍ଷା ବିଭାଗ ଚିଫ୍ ସଞ୍ଜୟ ପ୍ରକାଶ, ସମ୍ବାଦର ଜିଲ୍ଲା ପ୍ରତିନିଧି ସଂଗ୍ରାମ ସିଂହ ଏବଂ ଆମ ଓଡ଼ିଶା ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଉଦ୍‌ଯାପନୀ ସମାରୋହରେ ଆଶୁତୋଷ କୁମାର, ଚିଫ୍, ଷ୍ଟିଲ୍ ମେଲ୍ଟିଙ୍ଗ ସପ୍‌ଙ୍କ ସହ ଟାଟା ଷ୍ଟିଲ୍ କଳିଙ୍ଗନଗରର ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ ରକ୍ତଦାତା ମାନଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରିବା ସହିତ ଚାରା ପ୍ରଦାନ କରିଥିଲେ । ଟାଟା ଷ୍ଟିଲ୍ କଳିଙ୍ଗନଗରର ଲଜିଷ୍ଟିକ୍ସ ବିଭାଗ ନେତୃତ୍ୱରେ ଏହି ପଦକ୍ଷେପର ଲକ୍ଷ୍ୟ ରକ୍ତ ସଂରକ୍ଷଣକୁ ବୃଦ୍ଧି କରିବା ସହିତ ଜନସାଧାରଣଙ୍କ ରକ୍ତ ଆବଶ୍ୟକତାରେ ସହଯୋଗ କରିବା ଥିଲା ଏକ ନିରାପଦ ଏବଂ ଦକ୍ଷ ରକ୍ତଦାନ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଶିବିରରେ ଆମ ଓଡ଼ିଶା ଏବଂ ରେଡକ୍ରସ୍ ସୋସାଇଟିର ପ୍ରତିନିଧିମାନଙ୍କ ସହିତ ଟାଟା ଷ୍ଟିଲ୍ କଳିଙ୍ଗନଗରର ଲଜିଷ୍ଟିକ୍ସ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବନାଗ୍ନି ରୋକିବା ପାଇଁ ବନ ବିଭାଗର ପଥପ୍ରାନ୍ତ ନାଟକ



**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବନାଗ୍ନୀ ରୋକିବାକୁ ଖରାଦିନ ପୂର୍ବରୁ ଆଗୁଆ ପଦକ୍ଷେପ ନେଉଛି ବନବିଭାଗ । ବାଲିଗୁଡା ବନଖଣ୍ଡର ଡ଼ିଏଫଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ କୋଟଗଡ ବନାଞ୍ଚଳ ଅଧିକାରୀ ବାଲଗୋପାଳଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ଶ୍ରୀରାମପୁର ସେକ୍ସନ୍ ଓ ସୁବର୍ଣ୍ଣଗିରୀ ଠାରେ ଏକ ଜନସଚେତନତା ସଭା ସହିତ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା । କନ୍ଧମାଳ କଳା ବିକାଶ କେନ୍ଦ୍ର ବାଲିଗୁଡାର କଳାକାରମାନେ ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ । ଯୁବ ନାଟ୍ୟକାର ପ୍ରମୋଦ କୁମାର ଦଣ୍ଡସେନାଙ୍କ ରଚିତ ଓ ନିର୍ଦ୍ଦେଶନାରେ ସଚେତନଧର୍ମି ପଥପ୍ରାନ୍ତ ନାଟକ 'ଜଳୁଛି ଜଙ୍ଗଲ' ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା । ଜଙ୍ଗଲ ନିଆଁ ନିରାକରଣ ପୋଡୁଚାଷରୁ ନିବୃତ, ବେଆଇନ୍ ଶିକାର ଏବଂ ମହୁଲ ସଂଗ୍ରହ ସମୟରେ ଗଛ ତଳେ ନିଆଁ ନଲଗାଇ ସଠିକ୍ ଉପାୟରେ ମହୁଲ ଫୁଲ ସଂଗ୍ରହ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ଆୟୋଜିତ ପଥପ୍ରାନ୍ତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମିନତୀ ପାଟମାଝି ଯୋଗଦେଇ ଦୀପ ଧୂପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ଅଗ୍ନିଶମ ଅଧିକାରୀ ତଥା ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଖଣ୍ଡଗିରୀ ଯୋଗଦେଇ ଜଙ୍ଗଲ ନିଆଁକୁ ରୋକିବା ଓ ଜଙ୍ଗଲ ସୁରକ୍ଷା ନେଇ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଫରେଷ୍ଟର ହରିଶ ପ୍ରଧାନ, ଫକୀର ଡିଗାଲ, ରବୀନ୍ଦ୍ର ନାୟକ, ପ୍ରିୟଙ୍କା କହଁର, ଫରେଷ୍ଟଗାର୍ଡ ସଂଜୀବ ବିଶିମାଝି, ଶ୍ରଦ୍ଧାଞ୍ଜଳି ମଲିକ, ଧନେଶ୍ୱର ବେନିଆ ଖଗେଶ୍ୱର ପ୍ରଧାନ, ରଜନୀକାନ୍ତ ବେହେରା, ଦୀପକ ପଟ୍ଟନାୟକଙ୍କ ସମେତ ସମସ୍ତ ଫରେଷ୍ଟଗାର୍ଡ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ବନ ସୁରକ୍ଷା ସମିତିର ସଦସ୍ୟ ସମେତ ଗ୍ରାମବାସୀ ସକ୍ରିୟ ଅଂଶଗ୍ରହଣ କରି ଜଙ୍ଗଲକୁ କିଭଳି ନିଆଁ ଦାଉରୁ ରକ୍ଷାକରି ଗ୍ରାମ୍ୟ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ସମୂହ ଶପଥ ପାଠ କରିଥିଲେ ।

# ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସଂସ୍କୃତି ଓ କ୍ରୀଡ଼ାର ବିକାଶ ପାଇଁ ଜିନ୍ଦଲ୍ ଷ୍ଟିଲ୍ ଏଣ୍ଡ ପାୱାର୍ ପ୍ରତିଶ୍ରୁତିବଦ୍ଧ




**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**

ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସଂସ୍କୃତି ଓ କ୍ରୀଡ଼ାର ବିକାଶ ପାଇଁ ସବୁବେଳେ ଜିନ୍ଦଲ୍ ଷ୍ଟିଲ୍ ଏଣ୍ଡ ପାୱାର୍ (ଜେଏସ୍‌ପି) ପ୍ରତିଶ୍ରୁତିବଦ୍ଧ । ଏହି କ୍ରମରେ ଜେଏସ୍‌ପିର ସାମାଜିକ ସଂସ୍ଥା ଜିନ୍ଦଲ୍ ଫାଉଣ୍ଡେସନ୍ ପକ୍ଷରୁ ପାରିପାର୍ଶ୍ୱିକ ଅଞ୍ଚଳର ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଟ୍ରିକ୍ ବୃତ୍ତି ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଛି । ୨୦୨୪ ମାଟ୍ରିକ୍ ପରୀକ୍ଷାରେ ଷାଠିଏ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅଭିଭାବକଙ୍କ ଉପସ୍ଥିତିରେ ଏହି ବୃତ୍ତି ପ୍ରଦାନ କରାଯାଇଛି । ଜନଜୀବିକା କେନ୍ଦ୍ରରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଦେଓଝରର ସରପଞ୍ଚ ଧ୍ରୁବଚରଣ ନାଏକ, ଦେଓଝରର ପଞ୍ଚାୟତ ସମିତି ସଭ୍ୟ ଲକ୍ଷ୍ମୀ ମୁଣ୍ଡା, ଜେଏସ୍‌ପିର ଏଚ୍ଆର୍ ଏଣ୍ଡ ଇଏସ୍ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି, ବଡ଼ବିଲ୍ ୟୁନିଟ୍‌ର ସିଏସ୍ଆର୍ ମୁଖ୍ୟ ଉର୍ଜିଲ୍ ଲାକ୍ରା ପ୍ରମୁଖ ଯୋଗଦେଇଥିଲେ । ସରପଞ୍ଚ ଶ୍ରୀ ନାଏକ ଓ ସମିତି ସଭ୍ୟ ଶ୍ରୀମତୀ ମୁଣ୍ଡା ଜିନ୍ଦଲ୍ ଫାଉଣ୍ଡେସନ୍ ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏହି ବୃତ୍ତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ବହୁତ ସହାୟକ ହେବ ବୋଲି ସେମାନେ କହିଥିଲେ । ଶ୍ରୀ ମହାନ୍ତି ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷା ସହ ଉତ୍ତମ ସଂସ୍କାର ମଧ୍ୟ ଦରକାର । ମୋବାଇଲ୍ ଫୋନ୍‌ର ଅଯଥା ବ୍ୟବହାରରୁ ନିଜକୁ ଦୂରେଇ ରଖିବା ପାଇଁ ଶ୍ରୀ ମହାନ୍ତି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏବଂ ଛାତ୍ରଛାତ୍ରୀ ମାନଙ୍କର ଏହି ସଫଳତା ପାଇଁ ସେ ଅଭିଭାବକ ମାନଙ୍କୁ ପ୍ରଶଂସା ମଧ୍ୟ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦେଓଝରର ସ୍ଥିତ ଧବେଳେଶ୍ୱର ଉଚ୍ଚ ମାଧ୍ୟମିକ ସ୍କୁଲ୍‌ର ପ୍ରଧାନ ଶିକ୍ଷକ ବିଜୟ କୁମାର ନାୟକ, ବିଲେଇପଦା ହାଇସ୍କୁଲ୍‌ର ପ୍ରଧାନଶିକ୍ଷକ ପରେଶ ଚନ୍ଦ୍ର ପ୍ରଧାନ, କଣ୍ଡା ସ୍ଥିତ ବାସୁଦେବପୁର କନ୍ୟାଶ୍ରମର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାଏକ ଉପସ୍ଥିତ ଥିଲେ । ସମସ୍ତ ଶିକ୍ଷକ ଓ ଅଭିଭାବକ ଜିନ୍ଦଲ୍ ଫାଉଣ୍ଡେସନ୍‌କୁ ଧନ୍ୟବାଦ ଦେଇଥିଲେ ।

# ଦୁଇ ବାଇକ୍ ମୁହାଁମୁହିଁ, ୨ ଗୁରୁତର

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ବ୍ଲକ ଅନ୍ତର୍ଗତ କୁଲାରସିଂ ପଞ୍ଚାୟତ ମହକୁମା ନିକଟ ଦଳେଇପୁଟ ଛକରେ ରାତିରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ବାଇକ୍‌ର ତିନି ଜଣ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ସୂଚନା ଅନୁଯାୟୀ ପରଜା ବଡପଡା ନିକଟ ତାଟିପୁଟ ଗ୍ରାମର ଦେବନ୍ଦ୍ର ବଡନାୟକ ଓ ରଶ୍ମିତା ଖିଲ ନିଜ ବାଇକ୍ ଯୋଗେ ନନ୍ଦପୁର ଆସିଥିଲେ । କାମ ସାରି ନିଜ ଗାଁକୁ ଫେରୁଥିବା ବେଳେ ଦଳେଇପୁଟ ଗ୍ରାମର ଶିବ ଖଡା (୧୯) ପାଡୁଆ ଅଭିମୁଖେ ଆସୁଥିବା ବେଳେ ଦଳେଇପୁଟ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେଇଥିଲା । ରାସ୍ତାରେ ଦୁର୍ଘଟଣା ହୋଇଥିବା କିଛି ଲୋକେ ଦେଖି ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ । ସଙ୍ଗେ ସଙ୍ଗେ ଗୁରୁତର ତିନି ଜଣଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ଦୁଇ ଜଣଙ୍କ ସ୍ୱାସ୍ଥ୍ୟ ଗୁରୁତର ଥିବାରୁ ଅଧିକ ଚିକିତ୍ସା ଲାଗି କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି ।

# ଫେବୃୟାରୀ ୨୭ରୁ ବାଲେଶ୍ୱରରୁ ତୀର୍ଥଯାତ୍ରାରେ ଯିବେ ୮୦୦ ବରିଷ୍ଠ ନାଗରିକ




**ବାଲେଶ୍ୱର, ନ୍ୟୁଜ୍**

ଚଳିତ ଫେବୃୟାରୀ ୨୭ ତାରିଖରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା - ୨୦୨୫ରେ ବାଲେଶ୍ୱର ଠାରୁ ଶିରଡ଼ି ପର୍ଯ୍ୟନ୍ତ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା କାର୍ଯ୍ୟକ୍ରମ ପାଇଁ ଦିନ ଧାର୍ଯ୍ୟ ହୋଇଛି । ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ ନିମନ୍ତେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅମ୍ଳାନ କୁମାର ନାୟକ ବୈଠକରେ ଉପସ୍ଥିତ ପଦାଧିକାରୀଙ୍କୁ ସ୍ୱାଗତ କରିବା ପରେ ଜିଲ୍ଲାପାଳ ଶ୍ରୀ ବିକାଶ ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ ବରିଷ୍ଠ ନାଗରିକଙ୍କ ପାଇଁ ସରକାରୀ ଯୋଜନାରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା କାର୍ଯ୍ୟକାରୀ ଜାରି ରହିଛି ବୋଲି ମତପ୍ରକାଶ କରିଥିଲେ । ଏହି ଯୋଜନାରେ ୫ ଗୋଟି ଜିଲ୍ଲା ବାଲେଶ୍ୱର ସମେତ ମୟୁରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର ଜିଲ୍ଲାରୁ ମୋଟ ୮୦୦ ଜଣ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ପାଇଁ ବିବେଚିତ ହୋଇଛନ୍ତି । ଚଳିତ ମାସ ୨୬ ତାରିଖ ସମସ୍ତ ଯୋଗ୍ୟ ତାଲିକାଭୁକ୍ତ ଯାତ୍ରୀଙ୍କୁ ସମ୍ପୃକ୍ତ ଅଞ୍ଚଳର ନୋଡାଲ୍ ଅଫିସର ବାଲେଶ୍ୱର ପଦ୍ମାବତୀ ୱାଟର ପାର୍କ ଠାରେ ପହଞ୍ଚାଇବା ସହିତ ଉଦ୍ଦିଷ୍ଟ କାଉଣ୍ଟରରେ ନାମ ପଞ୍ଜିକରଣରେ ନିଜର ସମସ୍ତ ଠିକଣା, ଫୋନ୍ ନମ୍ବର , ସମ୍ପର୍କୀୟଙ୍କ ଫୋନ୍ ନମ୍ବର ଜରୁରୀ ବୋଲି ଜିଲ୍ଲାପାଳ ଶ୍ରୀ ବିକାଶ ଉପସ୍ଥିତ ସମସ୍ତ ପଦାଧିକାରୀଙ୍କୁ ଅବଗତ କରିଥିଲେ । ପଦ୍ମାବତୀ ୱାଟର ପାର୍କ ଠାରେ ଯାତ୍ରୀଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା, ଖାଦ୍ୟ ପାନୀୟ ଠାରୁ ସ୍ୱାସ୍ଥ୍ୟ ପରୀକ୍ଷା ଯାଞ୍ଚ କରାଯିବା, ରହଣି ସମୟରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ବିକାଶ ସମସ୍ତଙ୍କ ସହଯାଗ କାମନା କରିବା ସହିତ ନୋଡାଲ୍ ଅଫିସର ତଥା ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ଏବଂ ସମସ୍ତ କାର୍ଯ୍ୟକ୍ରମର ସଂଯୋଜକ ଭାବେ ସହକାରୀ ଜିଲ୍ଲାପାଳ ତଥା ପର୍ଯ୍ୟଟନ ଅଧିକାରୀ ଶ୍ରୀ ନାୟକଙ୍କୁ କାର୍ଯ୍ୟଭାର ନ୍ୟସ୍ତ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂ, ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ସାମିଲ୍ ହୋଇଥିଲେ ।

# ବେଦାନ୍ତ ଆଲୁମିନିୟମ୍‌ର 'ସୁରକ୍ଷା ସାରଥି' ମେଗା ସଡ଼କ ସୁରକ୍ଷା ସଚେତନତା ପଦକ୍ଷେପ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍), ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ (ବିଟିଓଏ) ଭଳି ପ୍ରମୁଖ ପରିବହନକାରୀ ସଂଘ ଏବଂ ଇନାନି କୋଇଲା ସେବା ପ୍ରାଇଭେଟ୍ ଲିମିଟେଡ୍ ଭଳି ପରିବହନକାରୀଙ୍କ ସହ ସହଭାଗୀତାରେ ବ୍ରଜରାଜନଗରର ସମଲେଶ୍ୱରୀ ଖଣିରେ ଏହାର ମେଗା ସଡ଼କ ସୁରକ୍ଷା ସଚେତନତା ଅଭିଯାନ, 'ସୁରକ୍ଷା ସାରଥି'ର ତୃତୀୟ ସଂସ୍କରଣ ଆୟୋଜନ କରିଛି । ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଡ୍ରାଇଭର ଅଂଶଗ୍ରହଣ କରିଥିଲେ, ସେମାନଙ୍କୁ 'ସାରଥି' ଭାବରେ ମାନ୍ୟତା ଦେଇଥିଲେ ଯାହା ଦ୍ୱାରା ସଡ଼କ ସୁରକ୍ଷାକୁ ପ୍ରୋତ୍ସାହିତ କରିବାରେ ସେମାନଙ୍କର ଅପରିହାର୍ଯ୍ୟ ଭୂମିକା ଉପରେ ଆଲୋକପାତ କରାଯାଇଥିଲା । ସୁନ୍ଦରଗଡ଼ ଜିଲ୍ଲାରେ ପୂର୍ବ କାର୍ଯ୍ୟକ୍ରମରେ ଅଂଶୀଦାର ଏବଂ ଟ୍ରକ୍ ଡ୍ରାଇଭରମାନଙ୍କ ଠାରୁ ସକାରାତ୍ମକ ପ୍ରତିକ୍ରିୟା ପରେ, ଏହା ବେଦାନ୍ତ ଝାରସୁଗୁଡ଼ାର ଏହାର କାର୍ଯ୍ୟକ୍ଷମ ଅଞ୍ଚଳରେ କୋଇଲା ଲୋଡିଂ ପଏଣ୍ଟରେ ଚାଲିଥିବା ସଡ଼କ ସୁରକ୍ଷା ଅଭିଯାନର ତୃତୀୟ ସଂସ୍କରଣ ଥିଲା । ସଚେତନତା ଅଭିଯାନର ଏକ ଅଂଶ ଭାବରେ, ବେଦାନ୍ତ ଆଲୁମିନିୟମ୍ ସଡ଼କ ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି ଅନେକ କାର୍ଯ୍ୟକଳାପ ଆୟୋଜନ କରିଥିଲା । ଏଥିରେ ପୌରାଣିକ ଚରିତ୍ର ଯମରାଜ ଏବଂ ଚିତ୍ରଗୁପ୍ତଙ୍କୁ ଚିତ୍ରଣ କରୁଥିବା ଅଭିନେତାମାନଙ୍କୁ ନେଇ ଏକ ଆକର୍ଷଣୀୟ 'ନୁକ୍କଡ଼ ନାଟକ' (ପଥ ନାଟକ), ଏକ ସଡ଼କ ସୁରକ୍ଷା କୁଇଜ୍, ସଡ଼କ ସୁରକ୍ଷା କିଟ୍ ବଣ୍ଟନ ଏବଂ ଏକ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଅନ୍ତର୍ଭୁକ୍ତ ଥିଲା- ଯାହା ସମସ୍ତଙ୍କୁ ଡ୍ରାଇଭରମାନଙ୍କ ଠାରୁ ପ୍ରଶଂସା ମିଳିଥିଲା । ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ, କମ୍ପାନୀ ଟ୍ରାଫିକ୍ ନିୟମ ଏବଂ ସୁରକ୍ଷା ପ୍ରୋଟୋକଲ୍ ପାଳନ କରିବାର ଗୁରୁତ୍ୱକୁ ଗୁରୁତ୍ୱାରୋପ କରିଥିଲା । ଏହି ଅବସରରେ ପଦକ୍ଷେପ ଗୁଡ଼ିକରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିବା ସମ୍ମାନିତ ଅଧିକାରୀମାନଙ୍କ ମଧ୍ୟରେ ଥିଲେ ଲୋକନାଥ ମେହେର, ମୋଟର ଯାନବାହନ ନିରୀକ୍ଷକ, ଝାରସୁଗୁଡା କହ୍ନେୟା ମିଶ୍ର, ପ୍ରକଳ୍ପ ଅଧିକାରୀ, ସମଲେଶ୍ୱରୀ ଓପନ୍ କାଷ୍ଟ ପ୍ରୋଜେକ୍ଟ କେ. ବର୍ମା, କ୍ଷେତ୍ର ସୁରକ୍ଷା ପରିଚାଳକ - ସମଲେଶ୍ୱରୀ ଓପନ୍ କାଷ୍ଟ ପ୍ରୋଜେକ୍ଟ ଆର୍.କେ. ଶର୍ମା, ଷ୍ଟାଫ୍ ଅଫିସର ମାଇନିଂ - ସମଲେଶ୍ୱରୀ ଓପନ୍ କାଷ୍ଟ ପ୍ରୋଜେକ୍ଟ ଦେବୋ ପ୍ରସାଦ ଦାଶ, ସଭାପତି, ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ ଧନଞ୍ଜୟ ସିଂହ, ସାଧାରଣ ସଚିବ, ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ ସତୀଶ ଇନାନୀ ଏବଂ ରାଜେଶ ଇନାନୀ - ମାଲିକ, ପରିବହନକାରୀ ଇନାନୀ, ରବି ଶାହୀ, ସିଓଓ ଏବଂ ନିର୍ଦ୍ଦେଶକ ଇନ୍ଧନ ସୁରକ୍ଷା, ବେଦାନ୍ତ ଝାରସୁଗୁଡା ଏବଂ ଏର୍ନେଷ୍ଟୋ ମାଟେଲା, ନିର୍ଦ୍ଦେଶକ - ସୁରକ୍ଷା, ବେଦାନ୍ତ ଝାରସୁଗୁଡା ପ୍ରମୁଖ ଉପସ୍ଥିତ ଥିଲେ ।




# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୪ବୃ / ୫ମଙ୍ଗ | ୩ | ଶୁରା୨ / ରବୁଶ୍ଲ |
| ୬ | ୧୯ / ୯ | ୧୨ |
| ୭ / ୮କେ | ୯ | ଚ୧୧ / ୧୦ |

**ମେଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେବ ଦର୍ଶନ ସାଙ୍ଗକୁ ସେବା ଓ ବ୍ରତର ମଧ୍ୟ ସୁଯୋଗ ଲାଭ କରିବେ । ଆୟ ସାମାନ୍ୟ ବୃଦ୍ଧି ହେବ । ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେହ ଭଲ ରହିବ ।

**ବୃଷ:** ଆଜି ମନରେ ଅଶାନ୍ତି ସୃଷ୍ଟି ହେବ । ଆୟ ଓ ବ୍ୟୟ ମଧ୍ୟମ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମନ ଅସ୍ଥିର ରହିବ । ଠକାମିର ଶିକାର ହୋଇପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ହେବ ।

**ମିଥୁନ:** ଆପଣ ଦୂରକୁ ଯାତ୍ରା କରି ସଫଳତା ପ୍ରାପ୍ତ କରିବେ । ମନରେ ପ୍ରସନ୍ନ ଭାବ ରହିବ । ମାଲିମୋକଦ୍ଦମା କ୍ଷେତ୍ରରେ ସଫଳତା । ଆୟ ଭଲ ହେବ । ଦେହ ମନ ଭଲ ରହିବ । ଗୃହେ ଆନନ୍ଦ ଦେଖାଦେବ ।

**କର୍କଟ:** ଶତ୍ରୁମାନେ ପରାସ୍ତ ହେବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ । ପରିବାର ପାଇଁ ସାମାନ୍ୟ ଚିନ୍ତା ଦେଖାଦେବ । ରୋଜଗାର ମଧ୍ୟମ ଧରଣର ହେବ । ଦୂରଯାତ୍ରା କରିପାରନ୍ତି ।

**ସିଂହ:** ପରିବାରରେ ଅଶାନ୍ତି ଦେଖାଦେବ । ଆପଣ ନୀତିଭ୍ରଷ୍ଟ ମଧ୍ୟ ହୋଇପାରନ୍ତି । ଅସହଯୋଗ ଯୋଗୁ ପଦୋନ୍ନତିରେ ବାଧା । ଆୟ ଓ ବ୍ୟୟ ସମାନ ରହିବ । ଅଯଥା ଭ୍ରମଣ ଯୋଗ । ମହିଳାମାନେ ସୁଖୀ ହେବାର ସୂଚନା ।

**କନ୍ୟା:** କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ । ବନ୍ଧୁମାନଙ୍କ ସାଙ୍ଗେ କଳହ ବା ମତାନ୍ତର ସୃଷ୍ଟି ହେବ । ବ୍ୟବସାୟରେ ଲାଭବାନ୍ ହେବେ । କଚେରୀ ମାମଲାରେ ଆପୋଷ ଆଲୋଚନା ଦ୍ୱାରା ସମ୍ଭବ ହେବ ।

**ତୁଳା:** ଆଜି ସମସ୍ତ କାର୍ଯ୍ୟ ସଫଳ ହେଲେ ମଧ୍ୟ ଶାରୀରିକ ଅସୁସ୍ଥତା ଦେଖାଦେବ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ଦ୍ୱନ୍ଦ୍ୱ ସୃଷ୍ଟି ହେବ । ମନ ଅସ୍ଥିର ରହିବ । ମହିଳାମାନେ ବିଚଳିତ ହେବେ ।

**ବିଛା:** ବ୍ୟବସାୟରେ ଲାଭବାନ୍ ହେବେ । ପ୍ରତୀକ୍ଷା କରିଥିବା ଖବରଟି ପ୍ରାପ୍ତ ହେବ । ସୁସ୍ୱାଦୁ ଭୋଜନରେ ଆପ୍ୟାୟିତ ହେବେ । ରୋଜଗାର ସ୍ଥିର ରହିବ । ପିଲାମାନେ ପାଠପଢ଼ାରେ ମନ ଦେବାର ସୂଚନା ।

**ଧନୁ:** ଆଜି ଦିନଟି ଭଲରେ କଟିବ । ଯାତ୍ରାରେ ସଫଳତା ପ୍ରାପ୍ତ ହେବ । ଶୁଭ ଖବର ପ୍ରାପ୍ତ ହେବ । କାର୍ଯ୍ୟରେ ସଫଳତା ମିଳିବ । ଦେହ ମନ ଭଲ ରହିବ । ଆୟ ମଧ୍ୟମ ଧରଣର ହେବ ।

**ମକର:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ । ଠକାମିର ଶିକାର ହୋଇପାରନ୍ତି । ଶତ୍ରୁ ନାଶ ହେବେ । ମହିଳାମାନେ ସୁଖୀ ହେବେ । ସୁସମ୍ବାଦ ମିଳିବ । ପରିବାରରେ ସୁଖ ଶାନ୍ତି ବଜାୟ ରହିବ ।

**କୁମ୍ଭ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ଆୟ ବୃଦ୍ଧି ହେବ । ଗୃହରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଯୋଗୁ ଚିନ୍ତିତ ହେବେ । ମନ ଅସ୍ଥିରତା ରହିବ । କୁଭୋଜନ କରି ଉଦର ପୀଡ଼ା ଦେଖାଦେବ ।

**ମୀନ:** ଆୟ ଠାରୁ ବ୍ୟୟ ଅଧିକ ହେବ । ଏଣୁ ଗୃହରେ ଅଶାନ୍ତି । କର୍ମରେ ସଫଳତା । ମନ ପ୍ରଫୁଲ୍ଲ ରହିବ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହେବ । ଶରୀର ସୁସ୍ଥ ରହିବ । ମହିଳାମାନେ ଉଚ୍ଚମନା ହେବେ ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୩।୨।୨୦୨୫, ଫାଲ୍ଗୁନ ଦି୧୨ନ, ରବିବାର**

**ସୂର୍ଯ୍ୟୋଦୟ-** ଘ୬।୧୧।୩୪ **ଚନ୍ଦ୍ରୋଦୟ-** ରାଘ ୩।୧୦।୦୮

**ଦଶମୀ-** ଦିଘ ୧।୫୬ ପର୍ଯ୍ୟନ୍ତ । **ମୂଳା ନକ୍ଷତ୍ର-** ସଂଘ ୬।୪୨ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ଏକାଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୧।୫୬ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୪ ଗତେ ଦିଘ ୧୦।୦୫ ମଧ୍ୟେ, ଦିଘ ୧।୨୬ ଗତେ ଘ ୧।୫୫ ମଧ୍ୟେ । **ପର୍ବୋତ୍ସବ-** ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଜୟନ୍ତୀ ।

# ବାଇକ୍ ପଛରୁ ଖସି ଜଣେ ଗୁରୁତର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ରାତି ୮.୩୦ ମିନିଟ୍ ସମୟରେ ବୌଦ୍ଧ - ଧଳପୁର ପୁରୁଣା ଜଗନ୍ନାଥ ସଡକର ପରଗଳପୁର ନିକଟରେ ଏକ ବାଇକ୍ ପଛରେ ବସିଥିବା ଜଣେ ଯୁବକ ଖସିପଡି ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଆଠମଲ୍ଲିକ ନଅଗାଁ ଗ୍ରାମର ବାଦଲ ମହାନ୍ତି ଗ୍ରାମର ଜଣେ ସାଙ୍ଗ ସହ ବାଇକ୍‌ରେ ବୌଦ୍ଧ ଆସିଥିଲେ । କାମ ସାରି ଘରକୁ ଫେରୁଥିବା ସମୟରେ ପରଗଳପୁର ଗ୍ରାମ ନିକଟରେ କୌଣସି କାରଣରୁ ବାଇକ୍ ପଛରୁ ଖସିପଡି ଗୁରୁତର ହୋଇଥିଲେ । ବାଇକ୍ ଚାଳକ ଓ ବାଇକ୍ ସୁରକ୍ଷିତ ଥିବା ସୂଚନା ମିଳିଛି । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଇଥିବା ବେଳେ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୪।୨।୨୦୨୫, ଫାଲ୍ଗୁନ ଦି୧୩ନ, ସୋମବାର**

**ସୂର୍ଯ୍ୟୋଦୟ-** ଘ୬।୧୦।୫୩ **ଚନ୍ଦ୍ରୋଦୟ-** ରାଘ ୪।୦୨।୧୦

**ଏକାଦଶୀ-** ଦିଘ ୧।୪୫ ପର୍ଯ୍ୟନ୍ତ । **ପୂର୍ବାଷାଢ଼ା ନକ୍ଷତ୍ର-** ସଂଘ ୬।୫୮ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ରାଘ ୧୨।୫୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । ରାଘ ୧୨।୫୪ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । ରାଘ ୧୨।୫୪ ଗତେ ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଦିଘ ୧।୪୫ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୪ ଗତେ ଘ ୭।୪୦ ମଧ୍ୟେ, ଦିଘ ୧୦।୫୧ ଗତେ ଘ ୧।୦୯ ମଧ୍ୟେ । **ପର୍ବୋତ୍ସବ-** ପଙ୍କୋଦ୍ଧାର ଏକାଦଶୀ, ଶରଣ ପଞ୍ଚକ ଆରମ୍ଭ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଦାରିଦ୍ର୍ୟ ଦୃତ ଭାବେ ହ୍ରାସ

ଆର୍ଥିକ ବର୍ଷ ୨୦୨୩-୨୪ରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦ୍ରୁତ ଭାବେ ହ୍ରାସ ହୋଇଛି। ଏହା ପ୍ରଥମ ଥର ଲାଗି ୫%ରୁ ନିମ୍ନରେ ରହିଛି। ୨୦୨୨-୨୩ରେ ଏହା ୭.୩% ରହିଥିବା ବେଳେ ଗତ ଆର୍ଥିକ ବର୍ଷ ୪.୮%କୁ ଖସି ଆସିଥିବା ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି । ୨୦୧୨ରେ ଏହି ହାର ୨୫.୭% ସ୍ତରରେ ଥିଲା । ସହରାଞ୍ଚଳରେ ଦାରିଦ୍ର୍ୟ ହାର ୪.୬% ରୁ ୪.୦୯%କୁ ଖସିଛି । ଆର୍ଥିକ ବର୍ଷ ୨୦୧୨- ୧୩ରେ ଏହା ୧୩.୭% ଥିଲା । ୨୦୧୨ ତୁଳନାରେ ଦାରିଦ୍ର୍ୟ ହାରରେ ବଡ ପରିବର୍ତ୍ତନ ଆସିଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଗତ ୧୦ ବର୍ଷରେ ୨୩ କୋଟିରୁ ଊର୍ଦ୍ଧ୍ୱ ଲୋକ ଦାରିଦ୍ର୍ୟ କବଳରୁ ବାହାରକୁ ଆସିଛନ୍ତି । ଆଗାମୀ ବର୍ଷଗୁଡିକରେ ସହରାଞ୍ଚଳ ଦାରିଦ୍ର୍ୟ ହାର ଆହୁରି ହ୍ରାସ ହୋଇପାରେ । ୨୦୨୧ ଜନଗଣନା ସମ୍ପୂର୍ଣ୍ଣ ହେଲେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଦାରିଦ୍ର୍ୟ ହାରରେ କିଛିଟା ସଂଶୋଧନ ହେବ । ଗ୍ରାମାଞ୍ଚଳରେ ଚାହିଦା ଉନ୍ନତ ହେବାରୁ ଏହା ଲୋକଙ୍କ ଆର୍ଥିକ ସ୍ଥିତିରେ ମଧ୍ୟ ଭଲ ପ୍ରଭାବ ପକାଇଛି। ସଦ୍ୟତମ ପାରିବାରିକ ଚାହିଦା ସର୍ଭେ (ଏଚ୍‌ସିଇଏସ) ମୁତାବକ, ଭିତ୍ତିଭୂମି ଦୃଢ଼ୀକରଣ ହେବା ଯୋଗୁ ଏହା ଗ୍ରାମାଞ୍ଚଳରେ ଯାନବାହନ ଗ୍ରହଣୀୟତା ବଢ଼ାଇଛି। ଏହା ରୋଜଗାର କ୍ଷେତ୍ରରେ ମଧ୍ୟ ସକରାତ୍ମକ ପରିବର୍ତ୍ତନ ସହ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ଆୟ ଅସମାନତା ହ୍ରାସ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହାବାଦ କେନ୍ଦ୍ର ସରକାର ବିଭିନ୍ନ ଯୋଜନାର ଅର୍ଥ ବାଟମାରଣା ରୋକିବା ଲାଗି ସୁବିଧାର ପ୍ରତ୍ୟକ୍ଷ ହସ୍ତାନ୍ତର (ଡିବିଟି) ଜରିଆରେ ପ୍ରକୃତ ହିତାଧିକାରୀଙ୍କୁ ବ୍ୟାଙ୍କ ଖାତାରେ ଆର୍ଥିକ ସହାୟତା ଦେଉଛନ୍ତି । ଏହା ମଧ୍ୟ ଗ୍ରାମାଞ୍ଚଳର ସ୍ଥିତି ଉନ୍ନତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସରକାର ଗ୍ରହଣ କରୁଥିବା ଡିବିଟି, ଗ୍ରାମୀଣ ଭିତ୍ତିଭୂମି ଦୃଢ଼ୀକରଣ, କୃଷି ଆୟ ବୃଦ୍ଧି ପଦକ୍ଷେପ ଭଳି ଅନ୍ୟ ପ୍ରମୁଖ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳ ପରିବାର ଗୁଡିକର ଉନ୍ନତି ଦିଗରେ କାର୍ଯ୍ୟ କରୁଛି । ମୁଦ୍ରାସ୍ଫୀତି ଆଧାରରେ ୨୦୨୩-୨୪ ଲାଗି ଏସ୍‌ବିଆଇ ରିସର୍ଚ୍ଚ ଯଥାକ୍ରମେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦାରିଦ୍ର୍ୟ ସୀମା ରେଖା ଯଥାକ୍ରମେ ୧୬୩୨ ଟଙ୍କା ଏବଂ ୧୯୪୪ ଟଙ୍କା ଧାର୍ଯ୍ୟ କରିଛି । ୨୦୧୧-୧୨ ଲାଗି ସୁରେଶ ତେନ୍ଦୁଲକର କମିଟି ଏହାକୁ ଯଥାକ୍ରମେ ୮୧୬ ଏବଂ ୧୦୦୦ ଟଙ୍କା ରଖିଥିଲେ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**



ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡ଼ିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକର୍ମ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କର୍ମକୁ ନିନ୍ଦିବ ( ୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବେକରେ କର୍ମକର

କରାଇବା କରୁଥିବା
ଯେତେ କର୍ମମାନ
ହୃଦୟରେ ବିବେକକୁ
କରିବ ସ୍ମରଣ (୧୭୮)

ଭଲମନ୍ଦ ବିଚାରକୁ
ବିବେକଟି ସାକ୍ଷୀ
କ୍ଷୀର ନୀର ପରଖିବ
ସେହି ଧର୍ମ ପକ୍ଷୀ (୧୭୯)

ହୃଦୟରେ ବସିଅଛି
ସଦା ତୁନି ହୋଇ
ନିର୍ବିକାର ନିର୍ବିବାଦ
ଅବଧୂତ ସେହି (୧୮୦)

ଏକ ବ୍ରହ୍ମ ବେନିଖଣ୍ଡ
ଜଗତ କଲ୍ୟାଣେ
ହେତୁ ଘରେ ଚେତା ରଖ
ଅଭିରାମ ଭଣେ (୧୮୧)

ଗୁରୁଶିଷ୍ୟ ପିତାପୁତ୍ର
ପ୍ରକୃତି ପୁରୁଷ
ଭକ୍ତ ଭଗବାନ ସେତ
ପରମ ପୁରୁଷ (୧୮୨)

ଜଗତର ହିତ ପାଇଁ
ବ୍ରହ୍ମ ବେନି ଖଣ୍ଡ
ସୃଷ୍ଟି ସ୍ଥିତି ପାଳନରେ
ଖେଳୁଛି ବ୍ରହ୍ମାଣ୍ଡ (୧୮୩)

ଦୁଃଖ ସୁଖ ରୋଗ ଭୋଗ
ସଂସାର ଯାତନା
ଦେହେ ବ୍ରହ୍ମ ଗୁପ୍ତ ଥାଇ
ଭୋଗଇ ବାସନା (୧୮୪)

ଚିନ୍ତା ନାହିଁ ଯେଣୁ ତାର
ଅଚିନ୍ତ୍ୟ ପୁରୁଷ
ଶରୀରରେ ଗୁପ୍ତେ ଥାଇ
କରଇ ରାହାସ (୧୮୫)
(କ୍ରମଶଃ)

# ସମୂହ ବିକାଶଧାରାରେ ଆଜିର ଶିକ୍ଷା



କିଶୋର ଚନ୍ଦ୍ର ଜେନା
ପୂର୍ବତନ ବରିଷ୍ଠ ଅଧିକାରୀ
(ବି.ଏସ୍.ଏନ୍.ଏଲ) ଓ
ଅଧିବକ୍ତା
ମୋ: ୯୪୩୭୦୪୧୩୦୦

ଶିକ୍ଷା ଶବ୍ଦଟି ଶିକ୍ଷ ଧାତୁର (ଶିକ୍ଷ-ଅ-ଆ)ରୁ ଆସିଅଛି । ଏହାର ଅର୍ଥ ହେଲା ଶିଖିବା, ଅଧ୍ୟୟନ ବା ବିଦ୍ୟାଭାସ ବା ଜ୍ଞାନାର୍ଜନ । ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଲା ଜାଗୃତି ଯାହା ଶିକ୍ଷାର ଅନ୍ତର୍ନିହିତ ଗୁଣମାନଙ୍କୁ ପରିପୁଷ୍ଟ, ଉଜାଗର ଏବଂ ବିକଶିତ କରିବାରେ ସହାୟକ ହୁଏ । ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ- ''ଯେଉଁ ଶିକ୍ଷା ଉତ୍ତମ ଚରିତ୍ର ଗଠନରେ ସହାୟକ ହୁଏ, ମନର ଶକ୍ତିକୁ ସମୃଦ୍ଧ କରାଏ, ବୁଦ୍ଧିମତାକୁ ପ୍ରସାରିତ ଓ ରଦ୍ଧିମନ୍ତ କରାଏ ଓ ନିଜ ଗୋଡ଼ରେ ଠିଆ ହେବାର ସାହସ ଦିଏ ତାହାହିଁ ପ୍ରକୃତ ଶିକ୍ଷା । ଯେଉଁ ଶିକ୍ଷା ଶିକ୍ଷାର୍ଥୀର ଅନ୍ତର୍ନିହିତ ଗୁଣର ସମୂହ ବିକାଶ ଓ ସୃଜନ ଶକ୍ତି ବିକାଶର ପରିପନ୍ଥୀ, ସେ ଅଶିକ୍ଷା ।''

ଆଜିର ଶିକ୍ଷା କେବଳ ବ୍ୟବସାୟିକ, ପ୍ରୟୋଗାତ୍ମକ ଭାବେ ଉଭା ହୋଇଛି । ଏହାର ମୂଳ ଉଦ୍ଦେଶ୍ୟ ଜୀବିକାନିର୍ବାହ, ଜ୍ଞାନାର୍ଜନ ବା ଜୀବନ ଉପଯୋଗୀ ନୁହେଁ। ଆମର ବୈଦ୍ଧିକ ଶିକ୍ଷା ପଦ୍ଧତିଠାରୁ ବହୁ ଊର୍ଦ୍ଧ୍ୱରେ । ପାଶ୍ଚାତ୍ୟ ଶିକ୍ଷାର ମୋହଜାଲରେ ଆମେ ବିମୋହିତ। ଆମେ ସମସ୍ତ ପାଶ୍ଚାତ୍ୟର ବାସ୍ତୁବାଦୀ ମାନସିକତାର ନଗ୍ନ ସଭ୍ୟତା ପ୍ରତି ଆକୃଷ୍ଟ ଯାହାଫଳରେ ଆମେ ଆମର ଉନ୍ନତ ଐତିହ୍ୟପୂର୍ଣ୍ଣ ସଂସ୍କୃତିସମ୍ପନ୍ନକୁ ସମ୍ପୂର୍ଣ୍ଣଭାବେ କୁଠାରାଘାତ କରିଛେ ଯାହାଫଳରେ ବାସ୍ତୁବାଦିକ ଶିକ୍ଷାର ବିରାଟ ଦ୍ରୁମ ଆଜି ତାହାର ଶାଖା ପ୍ରଶାଖା ପ୍ରସାରିତ କରି ତାହାର ବାସ୍ତୁବାଦିକତା ରୂପକୁ ଶିଥିଳ ଛାୟାରେ ବିମୋହିତ କରିଛି । ମାନବିକତା ଆଜି ସାତ ସପନରେ ପରିଣତ ହୋଇଛି। ବର୍ତ୍ତମାନ ବଜାରରେ ଉଦାରୀକରଣ ପ୍ରଭାବରେ ଜ୍ଞାନ ଏବଂ ଶିକ୍ଷାର ଉଦାରସ୍ୱରୂପ ଜ୍ଞାନ ଏକ ବସ୍ତୁର ରୂପ ଧାରଣ କରିଛି । ଯାହାର ବିନିମୟ ମୂଲ୍ୟ ନିଶ୍ଚିତ ଶୁଳ୍କ ମାଧ୍ୟମରେ ନିର୍ଦ୍ଧାରଣ କରାଯାଉଅଛି। ମା' ମାଟି, ମାତୃଭୂମିର ମୋହକୁ ଭୁଲିଯାଇ ଆମର ପିଲାମାନେ ଆଜି ବିଦେଶର ଚାକଚକ୍ୟ ମୋହରେ ବିମୋହିତ । ଯାହାଫଳରେ ଗ୍ରାମବହୁଳ ଐତିହ୍ୟ ସମ୍ପନ୍ନ ସଂସ୍କୃତିଭରା ମାତୃଭୂମି ସବୁ ପ୍ରଗତିଶୀଳ ଦେଶମାନଙ୍କ ପଛରେ ମାଗିଆଣିବା ତୁଅଣ ସୁତ୍କେ ବା ସବୁଥାଇ ଅନ୍ୟ ପାଖରେ ଆଜି ଆମକୁ ହାତ ପାତିବାକୁ ପଡୁଛି । ଆଜି ଆମର ଉନ୍ନତ ମସ୍ତିଷ୍କ ମାନଙ୍କର ସ୍ୱଦେଶ ପ୍ରତି ବିମୁଖତା ମୂଳରେ ରହିଛି ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ଶିକ୍ଷାର ଅଭାବ । ଏହାର ମୂଳ କାରଣ ହେଉଛି ଶିକ୍ଷାର ବ୍ୟବସାୟୀକରଣ। ଶିକ୍ଷା ଆଜି ବସ୍ତୁଭାବରେ ବଜାରରେ ବିକ୍ରି ହେଉଛି। ପ୍ରତିଦ୍ୱନ୍ଦ୍ୱିତାମୂଳକ, ନୀତିହୀନ, ବ୍ୟବସାୟିକ ବ୍ୟୟବହୁଳ ଘରୋଇ ଶିକ୍ଷାନୁଷ୍ଠାନ ଆଜି ଛତୁଫୁଟିଲା ପରି ସହର ଏବଂ ଗ୍ରାମର କୋଣ ଅନୁକୋଣରେ ସେମାନଙ୍କର ପସରା ମେଲେଇଛନ୍ତି । ଶିକ୍ଷାର ଘରୋଇକରଣ ଭଲ ହୋଇପାରେ କିନ୍ତୁ ଏହାର ବ୍ୟବସାୟୀକରଣ ନିଶ୍ଚିତ ଭାବରେ ଆଜି ସଂସ୍କୃତି ସମ୍ପର୍ଣ୍ଣ, ବୈଦିକ ଶିକ୍ଷା ଓ ସଂସ୍କୃତିର ପରିପନ୍ଥୀ । ଆମ ଶିକ୍ଷାର ମୂଳ ଉଦ୍ଦେଶ୍ୟ 'ସା ବିଦ୍ୟା ଯା ବିମୁକ୍ତୟେ' ଠାରୁ ବହୁତ ଦୂରରେ । ଆମର ପିଲାମାନେ ଆଜି ଘୋଷା ବଳଦ ପାଲଟି ପାଶ୍ଚାତ୍ୟ ଦେଶର ଶିକ୍ଷାରେ ବେଙ୍ଗଳା ପକେଇବାରେ ବ୍ୟସ୍ତ । ଘରୋଇ ଶିକ୍ଷା ଅନୁଷ୍ଠାନ ସଂଖ୍ୟାଧିକ ପିଲା କିପରି ଅଧିକ ନମ୍ବର ରଖିବେ, ସେଥିପାଇଁ ବିଭିନ୍ନ ପ୍ରକାର ଅସାଧୁ ପନ୍ଥା ଅବଲମ୍ବନ କରୁଛନ୍ତି । ଶିକ୍ଷାନୁଷ୍ଠାନ ମାନଙ୍କର ମାଲିକମାନେ ଆଜି ଶିକ୍ଷା ଆକାଶରେ ଜଣେ ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ ଭାବରେ ଉଭା ହୋଇଛନ୍ତି । ଶିକ୍ଷା କ୍ଷେତ୍ରରେ ବିଶିଷ୍ଟ ଶିକ୍ଷାବିଦ୍ ଭାବରେ ନିଜକୁ ପ୍ରତିବାଦିତ କରିବାରେ ବ୍ୟସ୍ତ । ସରକାରୀ ବ୍ୟବସ୍ଥା ମଧ୍ୟ ସେମାନଙ୍କୁ ଅଧିକ ପ୍ରୋତ୍ସାହନ ଦେବାରେ ବ୍ୟସ୍ତ । ପଇସା ଆଜି ସମସ୍ତଙ୍କୁ ମୋହଗ୍ରସ୍ତ କରି ଦେଇଛି । ' ଆବେ ପରଶୁ, ଯାବେ ପରଶୁ, ବାବୁ ପରଶୁରାମ, ପଇସା କ୍ୟା ନ କରେ କାମ । ଏ ପ୍ରକାର ଭୂତ ଆଜି ପିଲାମାନଙ୍କର ଉର୍ବର ମସ୍ତିଷ୍କକୁ ଗ୍ରାସକରିଗଲାଣି । ଯେଉଁ ସମୟରେ ପିଲାମାନେ ନିଜର ଉତ୍କର୍ଷତା ଓ ଦକ୍ଷତା ଓ ସୃଜନ ଶକ୍ତିର କ୍ଷମତାକୁ ଆଗେଇ ନେବାର କଥା, ସେହି ସମୟରେ ଆମର ପିଲାମାନେ ବିରାଟ ବିରାଟ ଶିକ୍ଷାନୁଷ୍ଠାନରେ ବସି ନିଜର ମେଧାଶକ୍ତି ଓ ଉତ୍କର୍ଷତାକୁ ହରେଇବାରେ କେବଳ ମୋଟା ଅଙ୍କର ପଇସା ଦେଇ ସାର୍ଟିଫିକେଟ୍ କିଣିବାରେ।

ଯେଉଁ ଶିକ୍ଷା ମଣିଷ ମନରେ ଆତ୍ମସନ୍ତୋଷ ଓ ସ୍ୱାବଲମ୍ବୀ ହେବାର ମାର୍ଗ ଦେଖାଇପାରୁନି, ଭଲ ନେତୃତ୍ୱ ଦେବାରେ ବିଫଳ, ମାନବଧର୍ମୀ ଓ ଆବେଗତା ବିହୀନ, ଆତ୍ମଶୃଙ୍ଖଳା ଜ୍ଞାନ ଦେବାରେ ବିଫଳ, ସେ ଶିକ୍ଷା ପ୍ରକୃତରେ ଅଶିକ୍ଷା ବା ଅନ୍ତଃସାରଶୂନ୍ୟ । ଶିକ୍ଷା ସବୁବେଳେ ମାନବଧର୍ମୀ ହେବା ଉଚିତ ଓ ବିକାଶଧାରା, ପ୍ରୟୋଗାତ୍ମକ, ନିର୍ଭୀକ, ଉଚ୍ଚମନା, ସାହସୀ, ସତ୍ୟବାନ, ସହନଶୀଳତା, ଧୈର୍ଯ୍ୟ, କର୍ମକୁଶଳତା, ସମୟାନୁବର୍ତ୍ତିତା, ଚରିତ୍ରବାନ, ସତ୍ୟନିଷ୍ଠ ଆଦି ଗୁଣର ଜାଗୃତିକରଣର ମାଧ୍ୟମ ହେବା ଦରକାର। ଏହା ଉପର ଲିଖିତ ଗୁଣମାନଙ୍କର ଜାଗତିକରଣ ପରିବର୍ତ୍ତେ କେବଳ ଯନ୍ତ୍ରମାନବ ସୃଷ୍ଟି କରୁଛି ଯାହା ସଂକୀର୍ଣ୍ଣତା, ଚରିତ୍ରହୀନତା, ଧନମାଦକତା, ଅସାମାଜିକତା ଆଦି ଗୁଣମାନଙ୍କୁ ପରିପୁଷ୍ଟ କରିବାରେ ବ୍ୟସ୍ତ ।

୨୦୨୩ରେ ବିୟାଣ୍ଡସ୍ ବେସିକ୍ସ ଦ୍ୱାରା ସର୍ବେକ୍ଷଣ ତଥ୍ୟ ଅନୁସାରେ ସିଭିଲ ସୋସାଇଟି ସଙ୍ଗଠନ ଦ୍ୱାରା ୧୪ରୁ ୧୮ବର୍ଷୀୟ ଗ୍ରାମୀଣ ପିଲାମାନଙ୍କୁ ନେଇ କରାଯାଇଥିବା ରିପୋର୍ଟରୁ ତଥ୍ୟ ମିଳିଲା ଯେ ଏମାନଙ୍କ ମଧ୍ୟରୁ ଅଧାରୁ ଅଧିକ ପିଲା ଗଣିତରେ ବହୁତ ଦୁର୍ବଳ। ୨୬ ରାଜ୍ୟରୁ ୨୮ ଜିଲ୍ଲାରେ କରାଯାଇଥିବା ସର୍ବେକ୍ଷଣରେ ମୋଟ୍ ୩୪,୭୪୫ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମୂଳରୁ ଅଙ୍କ ଗଣିତୀୟ କ୍ଷମତାର ଆକଳନ କରାଗଲା । ଏହି ଆକଳନ ଅନୁସାରେ ଅନ୍ୟାନ୍ୟ ନିଷ୍କର୍ଷ ମଧ୍ୟ ସାମ୍ନାକୁ ଆସିଲା । ଏହି ଆୟବର୍ଗ ମଧ୍ୟରୁ ୨୫ ପ୍ରତିଶତରୁ ଅଧିକ ପିଲାମାନେ ଦ୍ୱିତୀୟ ଶ୍ରେଣୀର ନିଜ ମାତୃଭାଷାକୁ ମଧ୍ୟ ପଢ଼ିପାରୁ ନାହାନ୍ତି । ୧୪ ରୁ ୧୮ ବର୍ଷର ଆୟୁ ବର୍ଗରୁ ମଧ୍ୟ ୮୬.୮ ପ୍ରତିଶତ ଛାତ୍ରଛାତ୍ରୀ କୋଉଠି ନା କୋଉଠି ଶିକ୍ଷାନୁଷ୍ଠାନରେ ନାମାଙ୍କିତ । କିନ୍ତୁ ଏମାନେ ବଡ଼ ହେବାପରେ ଏମାନଙ୍କର ଅପାରଗତା ଓ ଦୁର୍ବଳତା ଧୀରେଧୀରେ ପଦାକୁ ଆସୁଛି । ୧୪ବର୍ଷର ୩୯ ପ୍ରତିଶତ ଛାତ୍ରଛାତ୍ରୀ କୌଣସି ସ୍ଥାନରେ ନାମାଙ୍କିତ ନୁହନ୍ତି। କିନ୍ତୁ ୧୮ ବର୍ଷୀୟ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏହା ୨୫.୬ ପ୍ରତିଶତ। ୨୦୨୨ ତଥ୍ୟାନୁସାରେ ଶିକ୍ଷା କ୍ଷେତ୍ରରେ ବିଶ୍ୱରେ ଭାରତ ୫୩ତମ ସ୍ଥାନରେ ଅଛି । ତେଣୁ ଏଥିରୁ ଅନୁମେୟ ଯେ ଆମ ଦେଶର ଶିକ୍ଷା ବିକାଶଧାରାର ଗତି, ନୀତି ଓ ସ୍ଥିତି କେତେ ସୁଦୃଢ଼ । କଥାରେ ଅଛି ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ- ଶ୍ରଦ୍ଧାରେ ଆମେ କାମ କଲେ, ସିଦ୍ଧି ନିଶ୍ଚିତ । ତେଣୁ ଶ୍ରଦ୍ଧାର ସହିତ ଜ୍ଞାନ ଅର୍ଜନ କଲେ ଏବଂ ଶ୍ରଦ୍ଧାର ସହିତ ଜ୍ଞାନ ଆହରଣ କଲେ, ତାହା ଜ୍ଞାନର ପ୍ରାଚୁର୍ଯ୍ୟ ଏବଂ ଜ୍ଞାନର ମହତ୍ତ୍ୱକୁ ପ୍ରତିପାଦିତ କରିଥାଏ । ତେଣୁ ଆମ ସରକାର ଶ୍ରଦ୍ଧାର ସହିତ ଶିକ୍ଷାର ପ୍ରଚାର ଓ ପ୍ରସାର କରିବା ଉଚିତ୍। ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ମାତୃଭାଷାର ପ୍ରଚଳନ ଏବଂ ଯେ ପର୍ଯ୍ୟନ୍ତ ଏହି ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଠିକ୍ ଭାବରେ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ନ ଦେଇଛି, ସେ ପର୍ଯ୍ୟନ୍ତ ଶିକ୍ଷା ଦୁର୍ବଳ ଓ ରୁଗ୍ଣ ହୋଇ ରହିବା ନିଶ୍ଚିତ। ଆଜିର ଉଚ୍ଚଶିକ୍ଷା ଜ୍ଞାନବର୍ଦ୍ଧକ ପ୍ରକ୍ରିୟା ପରିବର୍ତ୍ତେ, ବ୍ୟକ୍ତିକେନ୍ଦ୍ରିକ ହୋଇପଡ଼ିଛି । ଶିକ୍ଷାରେ ଦିଗହରା ବାରିଣି ସ୍ରୋତର ପରିବର୍ତ୍ତନ ହିଁ ମାନବିକ ମୂଲ୍ୟବୋଧର ବାଧକ ସାଜିଛି। ଯେ ପର୍ଯ୍ୟନ୍ତ ପ୍ରଚଳିତ ଶିକ୍ଷାକୁ ବ୍ୟବସ୍ଥା ସୁସଂଗଠିତ, ସୁସଂହତ ସୁମାର୍ଜିତ, ସର୍ବଜନବିଦିତ, ସମବ୍ୟବସ୍ଥିତ ଲକ୍ଷ୍ୟକୁ ହାସଲ ନ କରିପାରିଛି, ସେ ପର୍ଯ୍ୟନ୍ତ ଶିକ୍ଷା ଜ୍ଞାନାର୍ଜନ ପରିବର୍ତ୍ତେ କେବଳ ସାର୍ଟିଫିକେଟ ହାସଲ କରିବାର ପରିଧିରେ ହିଁ ସୀମିତ ରହିବ । ସେଥିପାଇଁ ସରକାରଙ୍କ ସହିତ ସମାଜରେ ପ୍ରତ୍ୟେକ ବ୍ୟକ୍ତିଙ୍କର ଯୋଗଦାନ ନିତାନ୍ତ ଆବଶ୍ୟକ। ସେଥିପାଇଁ ଶିକ୍ଷକ ସମାଜ ମଧ୍ୟ ସେମାନଙ୍କର ମନୋଭାବ, କର୍ତ୍ତବ୍ୟବୋଧ, ମାନସିକତା, ସମୟାନୁବର୍ତ୍ତିତା, ଜ୍ଞାନ ଅର୍ଜନ ଓ ଜ୍ଞାନ ଅର୍ପଣରେ ସମଭାବତା ନିତାନ୍ତ ଜରୁରୀ ଏବଂ ବର୍ତ୍ତମାନର ଆବଶ୍ୟକତା । ତେବେ ଯାଇଁ 'ସର୍ବେ ଭବନ୍ତୁସୁଖିନଃ, ସର୍ବେସନ୍ତୁ ନିରାମୟ'ର ଧାରା ପୃଥିବୀପୃଷ୍ଠକୁ ଜାଜ୍ୱଲ୍ୟମାନ କରିବ ।

# କୃମି ନାହିଁ ଯଦି ଦେହେ, ସୁସ୍ଥ ସବଳ ଶିଶୁ ରହେ

**ଜନ ଗଣର ସ୍ୱାସ୍ଥ୍ୟ-୮**



ଡାକ୍ତର ଅଂଶୁମାନ କର
ଏନ୍-୧/୧୮୩, ନୟାପଲ୍ଲୀ
ମୋ. : ୯୭୭୮୦୩୦୪୯୪

ନିକଟରେ ଆମ ବିଦ୍ୟାଳୟ ଓ ଅଙ୍ଗନବାଡି ଶିଶୁ ମାନଙ୍କୁ କୃମି ନାଶକ ବଟିକା ଆବଣ୍ଟନ କାର୍ଯ୍ୟ ହେଉଥିଲା। ପ୍ରତିବର୍ଷ ଭାରତ ସାରା ଫେବୃଆରୀ ମାସ ଏବଂ ଅଗଷ୍ଟ ମାସରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏହି ଔଷଧ ଦିଆ ଯାଇଥାଏ। ନିଜ ବୃତ୍ତିଗତ ଜୀବନର କାର୍ଯ୍ୟକ୍ରମ ମଧ୍ୟରେ 'ଜାତୀୟ କୃମି ଦିବସ' ଏକ ପ୍ରମୁଖ ଜନ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରି ଆସୁଥିବା ବେଳେ, ପ୍ରତିବର୍ଷ ବିଦ୍ୟାଳୟ କର୍ମଚାରୀ, ଛାତ୍ର-ଛାତ୍ରୀ ଓ ଅଭିଭାବକ ମାନଙ୍କୁ ଏ ରୋଗ ବିଷୟରେ ସଚେତନ କରିବା ସହ ତାଙ୍କୁ ଔଷଧ ଖାଇବାକୁ ପ୍ରବର୍ତ୍ତାଇବା ଆମର ଏକ ଗୁରୁ ଦାୟିତ୍ୱ। ଏହି ପର୍ଯ୍ୟାୟରେ ଲୋକଙ୍କ ଅନେକ ଭ୍ରାନ୍ତି କଥାକୁ ଧ୍ୟାନରେ ରଖି 'ଜନ ଗଣ ସ୍ୱାସ୍ଥ୍ୟ' ର ଆଜିର ଅଧ୍ୟାୟରେ ଆମେ କୃମି ଉପରେ ଆଲୋଚନା କରିବା।

କୃମି ହେଉଛି ଏକ ପ୍ରକାରର ପରଜୀବୀ ଜୀବାଣୁ ଯାହାକି ମଣିଷ ଶରୀରରେ ପ୍ରବେଶ କରି ସେଠାରେ ନିବାସ କରେ। ଯେତେବେଳେ କୃମି ଅନ୍ତନଳୀ ଏବଂ ଶରୀରର ଅନ୍ୟାନ୍ୟ ଅଂଶକୁ ସଂକ୍ରମିତ କରନ୍ତି, ସେତେବେଳେ କୃମି ଆକ୍ରମଣ ହୁଏ। ବିଭିନ୍ନ କୃମିର ଉଦାହରଣ ହେଉଛି ପିନୱର୍ମ, ଗୋଲୱର୍ମ, ହ୍ୱିପୱର୍ମ, ହୁକୱର୍ମ, ଟେପୱର୍ମ ଏବଂ ଫ୍ଲୁକ୍ସ। ପିଲାମାନେ ପ୍ରାୟତଃ ପେଟ ଯନ୍ତ୍ରଣାର ଅଭିଯୋଗ କରନ୍ତି। ପିଲାମାନଙ୍କ ପେଟ ଯନ୍ତ୍ରଣାର ଏକ ପ୍ରମୁଖ କାରଣ ହେଉଛି ଅନ୍ତନଳୀ ସଂକ୍ରମଣ ଯାହା ମୁଖ୍ୟତଃ ଅନ୍ତନଳୀ ପରଜୀବୀ ଯେପରିକି କୃମି ଦ୍ୱାରା ହୋଇଥାଏ। କୃମିଗୁଡ଼ିକ ଅନ୍ତନଳୀରେ ରହି ଆପଣଙ୍କ ପିଲାର ପୁଷ୍ଟିସାର ଖାଇଥାନ୍ତି। କୃମି ଅଣ୍ଡା ମଳଦ୍ୱାରରୁ ପାଟିକୁ ଯିବା ଦ୍ୱାରା ସାଧାରଣତଃ ବ୍ୟାପିଥାଏ। କୃମି ଅଣ୍ଡା ପ୍ରାୟତଃ ସଂକ୍ରମିତ ବ୍ୟକ୍ତିଙ୍କ ନଖ ତଳେ ମିଳିଥାଏ ଯିଏ ମଳଦ୍ୱାର ଚାରିପାଖରେ ସ୍ଥାନ ଖୋଳିଛନ୍ତି। ଯେତେବେଳେ ସଂକ୍ରମିତ ବ୍ୟକ୍ତି ଖାଦ୍ୟ ଧରିବା କିମ୍ବା ଖାଇବା ପାଇଁ ସେମାନଙ୍କର ଦୂଷିତ ଆଙ୍ଗୁଠି ବ୍ୟବହାର କରନ୍ତି, କୃମି ଅଣ୍ଡାଗୁଡ଼ିକ ପରୋକ୍ଷ ଭାବରେ ମଳଦ୍ୱାରରୁ ପାଟିକୁ ସ୍ଥାନାନ୍ତରିତ ହୁଏ। ପିଲାମାନେ ବହୁତ ଗତିଶୀଳ ଏବଂ ସକ୍ରିୟ ହୋଇଥିବାରୁ, ସେମାନେ ସହଜରେ ଜୀବାଣୁଙ୍କ ସଂସ୍ପର୍ଶରେ ଆସିପାରନ୍ତି। କୃମି ସଂକ୍ରମଣର କିଛି କାରଣ ମଧ୍ୟରେ ଅନ୍ତର୍ଭୁକ୍ତ: ଖେଳ ପଡ଼ିଆରେ ଅଣ୍ଡା କିମ୍ବା ଜୀବାଣୁ ଥିବା ମାଟି ପରି ସଂକ୍ରମିତ ପୃଷ୍ଠ ସଂସ୍ପର୍ଶରେ ଆସିବା କିମ୍ବା କୃମି ସଂକ୍ରମିତ ପାଳିତ ପଶୁମାନଙ୍କୁ ଛୁଇଁବା,ସଂକ୍ରମିତ ଖାଦ୍ୟ କିମ୍ବା ପାଣି ଖାଇବା, ଅନୁପଯୁକ୍ତ ପରିଚ୍ଛନ୍ନତା, ଅପର୍ଯ୍ୟାପ୍ତ ହାତ ଧୋଇବା ଇତ୍ୟାଦି ପେଟରେ କୃମି ହେବାର ଅନ୍ୟ ଏକ କାରଣ ହେଉଛି ଗାଈ, ଘୁଷୁରୀ କିମ୍ବା ମାଛ ପରି ସଂକ୍ରମିତ ପ୍ରାଣୀର ଅର୍ଦ୍ଧସିଝା କିମ୍ବା ନିମ୍ନ ରନ୍ଧା ମାଂସ ଖାଇବା ପେଟରେ କୃମି ସଂକ୍ରମଣର ଅନ୍ୟ ସମ୍ଭାବ୍ୟ କାରଣଗୁଡ଼ିକ ମଧ୍ୟରେ ଦୂଷିତ ପାଣି ସେବନ ଅନ୍ୟତମ। ସାଧାରଣତଃ ଉଷ୍ଣକଟିବନ୍ଧୀୟ(tropical) ଜଳବାୟୁ ପରି ଜଳବାୟୁରେ ରହିବା ସମୟରେ ମଧ୍ୟ ଅନ୍ତନଳୀ କୃମି ସଂକ୍ରମଣ ହୋଇପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଅନୁଯାୟୀ, ବିଶ୍ୱ ଜନସଂଖ୍ୟାର ପ୍ରାୟ ୨୪% ଲୋକ ମାଟିରୁ ସଂକ୍ରମିତ କୀଟ ସଂକ୍ରମଣ କରନ୍ତି। ଏହି ସଂକ୍ରମଣ ଉଷ୍ଣକଟିବନ୍ଧୀୟ ଏବଂ ଉପଉଷ୍ଣକଟିବନ୍ଧୀୟ ଅଞ୍ଚଳରେ ସବୁଠାରୁ ଅଧିକ ଦେଖାଯାଏ। ବିକାଶଶୀଳ ଦେଶଗୁଡ଼ିକରେ ରହୁଥିବା ଏବଂ ପରିଭ୍ରମଣ କରୁଥିବା ଲୋକମାନେ ପରଜୀବୀ ଥିବା ଉତ୍ସରୁ ପାଣି ପିଇବା ଏବଂ ପରିମଳ ସ୍ତର ହ୍ରାସ ପାଇବା ଯୋଗୁଁ ସର୍ବାଧିକ ବିପଦରେ ପଡ଼ିଥାନ୍ତି।

ଏହି କୃମି ସଂକ୍ରମଣର ଲକ୍ଷଣଗୁଡ଼ିକ ନିମ୍ନଲିଖିତ ହୋଇପାରେ:

-ମଳଦ୍ୱାର ଚାରିପାଖରେ କୁଣ୍ଡାଇ ହେବା, ବିଶେଷକରି ରାତିରେ

-କ୍ଷୁଧା କମ୍ ହେବା ଫଳରେ ଓଜନ ହ୍ରାସ ହୁଏ

-ପେଟ ଅସ୍ୱସ୍ତି, ଝାଡ଼ା, ବାନ୍ତି

-ନିଦ୍ରା ଖରାପ ହେବା

-ଏକାଗ୍ରତା ହ୍ରାସ ପାଇବା

-ଝାଡ଼ା ଯିବା ସମୟରେ ଆପଣଙ୍କ ମଳରେ କୃମି ଦେଖାଯିବା

ଆପଣଙ୍କ ଅନ୍ତନଳୀରେ ଥିବା କୃମିଗୁଡ଼ିକ ଶେଷରେ ଆପଣଙ୍କ ପାଚନ ତନ୍ତ୍ର ଦେଇ ଗତି କରନ୍ତି ଏବଂ ଆପଣଙ୍କ ମଳରେ ବାହାରକୁ ବାହାରି ଆସନ୍ତି। ଯଦିଓ ଆପଣଙ୍କର କୌଣସି ଲକ୍ଷଣ ନାହିଁ, ଆପଣ ଆପଣଙ୍କ ମଳରେ କୃମିର ଲକ୍ଷଣ ପାଇପାରନ୍ତି। ମଣିଷ ମଳରେ ଥିବା କୃମି ଅନେକ ଥର ଦେଖାଯାଇପାରେ। 'ଗୋଲକୃମି' ପାଇଁ, ଆପଣ ଆପଣଙ୍କ ମଳରେ କୃମିର ଖଣ୍ଡ କିମ୍ବା ବଡ଼, ଜୀବନ୍ତ କୃମି ପାଇପାରନ୍ତି। 'ପିନକୃମି'ପାଇଁ, ଆପଣ ପତଳା, ଧଳା କୃମି ଦେଖିପାରନ୍ତି ଯାହା ସୂତା ଖଣ୍ଡ ପରି ଦେଖାଯାଏ। ଅନ୍ତନଳୀରେ କୃମି ଥିବା ଦ୍ୱାରା ସାଧାରଣତଃ ପେଟ ଯନ୍ତ୍ରଣା, ତରଳଝାଡ଼ା, ବାନ୍ତି, କିମ୍ବା ବାନ୍ତି-ଗ୍ୟାସ୍ ଏବଂ ଫୁଲା-ଥକ୍କା, ଅବ୍ୟକ୍ତ ଓଜନ ହ୍ରାସ ଆଦି ଦେଖା ଯିବା ସହ ପୁଷ୍ଟିହୀନତା ଓ ରକ୍ତହୀନତା ଭଳି ବଡ଼ ବଡ଼ ସମସ୍ୟା ମଧ୍ୟ ଦେଖା ଯାଏ। କିଛି ଲୋକଙ୍କର ବର୍ଷ ବର୍ଷ ଧରି କୌଣସି ଲକ୍ଷଣ ଅନୁଭବ ନକରି ଅନ୍ତନଳୀ କୃମି ରହିପାରେ।

ମା ମାନେ ଅନେକ ଥର ଗୋଟିଏ କଥା ଅଭିଯୋଗ କରନ୍ତି ଯେ ତାଙ୍କ ଶିଶୁ ଯେତେ ଖାଇଲେ ବି ତାଙ୍କ ଦେହରେ କିଛି ଲାଗୁନି । ଅନେକ ଥର ଏହି ଲକ୍ଷଣକୁ ହେଳା ନ କରି ଶିଶୁଟିର କୃମି ପରୀକ୍ଷା କରେଇ ଦେବା ଉଚିତ। ମଣିଷକୁ ସଂକ୍ରମିତ କରୁଥିବା ଅଧିକାଂଶ ପ୍ରକାରର କୃମି କେବଳ ହାଲୁକା ଲକ୍ଷଣ ସୃଷ୍ଟି କରନ୍ତି, କିନ୍ତୁ ଯଦି ଆପଣ କୃମି ସଂକ୍ରମଣ ସନ୍ଦେହ କରନ୍ତି ତେବେ ଡାକ୍ତରଙ୍କ ସହିତ ଯୋଗାଯୋଗ କରିବା ଗୁରୁତ୍ୱପୂର୍ଣ୍ଣ ଯାହା ଦ୍ୱାରା ଆପଣ ଶୀଘ୍ର ଚିକିତ୍ସା କରିପାରିବେ। କୃମି ଦୂର କରିବାରେ ଔଷଧ ପ୍ରାୟତଃ ପ୍ରଭାବଶାଳୀ। ଯଦି ଆପଣ: ଆପଣଙ୍କ ମଳରେ ରକ୍ତ କିମ୍ବା ପୂଜ ଦେଖୁଛନ୍ତି, ବାରମ୍ବାର ବାନ୍ତି କରୁଛନ୍ତି, ଶରୀରର ତାପମାତ୍ରା ବୃଦ୍ଧି ପାଉଛି, ଅତ୍ୟନ୍ତ କ୍ଳାନ୍ତ ଏବଂ ନିର୍ଜଳୀକୃତ

କୌଣସି ସ୍ପଷ୍ଟ କାରଣ ବିନା ଓଜନ ହ୍ରାସ କରୁଛନ୍ତି, ରୁଗ୍ଣ ଅନୁଭବ କରୁଛନ୍ତି, ତରଳ ଝାଡା ହେଉଛି, କିମ୍ବା ୨ସପ୍ତାହରୁ ଅଧିକ ସମୟ ଧରି ପେଟ ଯନ୍ତ୍ରଣା ହେଉଛି, ଆପଣଙ୍କ ଚର୍ମରେ କୃମି ଆକୃତିର ଲାଲ ଏବଂ କୁଣ୍ଡାଇ ହେଉଥିବା ଫୋଟକା ଅଛି ତାହେଲେ ଯଥା ଶୀଘ୍ର ଜଣେ ଡାକ୍ତରଙ୍କୁ ଦେଖେଇ କୃମିର ଅନୁସନ୍ଧାନ ଓ ଚିକିତ୍ସା କରିବା ଉଚିତ।

ଏହି ରୋଗର ଚିକିତ୍ସା ଅତ୍ୟନ୍ତ ସରଳ ଏବଂ ପ୍ରାଥମିକ ଭାବେ ଛୋଟ ବଡ଼ ସବୁ ଡାକ୍ତରଖାନାଠୁ ଆରମ୍ଭ କରି ଅଙ୍ଗନବାଡି ଓ ଆଶା ଦିଦି ପର୍ଯ୍ୟନ୍ତ ସବୁଠାରେ ହେଇ ପାରିବ। ତେବେ ଏହାର ଚିକିତ୍ସା ଠାରୁ ଏହାର ନିରାକରଣ ଅଧିକ ଆବଶ୍ୟକ। ପେଟର କୃମି ରୋକିବା ପାଇଁ, ଶୌଚାଳୟ ବ୍ୟବହାର କରିବା ପୂର୍ବରୁ ଏବଂ ପରେ ଏବଂ ଖାଦ୍ୟ ପ୍ରସ୍ତୁତ କରିବା କିମ୍ବା ଖାଇବା ପୂର୍ବରୁ ନିୟମିତ ଭାବରେ ସାବୁନ ପାଣିରେ ହାତ ଧୋଇବା ଦ୍ୱାରା କେବଳ ୮୦-୯୦ ଭାଗ ସଂକ୍ରମଣ ରୋକା ଯାଇପାରେ। ଶୌଚାଳୟ ବ୍ୟବହାର ସମୟରେ ପାଦରେ ଚପଲ ପିନ୍ଧିବା ଏବଂ ପରିଷ୍କାର ପରିଚ୍ଛନ୍ନତା ରଖିବା ଏକ ସକାରାତ୍ମକ ଅଭ୍ୟାସ। ଏତବ୍ୟତିତ ଖାଦ୍ୟ ସୁରକ୍ଷା ଅଭ୍ୟାସ କରିବା ଉଚିତ ଯଥା- ଗରମ ଖାଦ୍ୟ ଖାଇବା, କଞ୍ଚା ଓ ଅର୍ଦ୍ଧ ରନ୍ଧା ମାଂସ କିମ୍ବା ମାଛ ନ ଖାଇବା, ଫଳ ଓ ପନିପରିବା ଆଦିକୁ ଭଲରେ ଗରମ ପାଣିରେ ଧୋଇକି ବ୍ୟବହାର କରିବା, ନଖକୁ ଅଣ୍ଡା ସ୍ଥାନାନ୍ତରକୁ ରୋକିବା ପାଇଁ ଏବଂ ନଖ କାମୁଡ଼ିବା ଏଡାଇବା ପାଇଁ ଆପଣଙ୍କ ନଖକୁ ଛୋଟ ରଖନ୍ତୁ। ବ୍ରଶ୍ ଏବଂ ସାବୁନରେ ସଂକ୍ରମିତ ବ୍ୟକ୍ତିଙ୍କ ନଖକୁ କାଟି ଘଷନ୍ତୁ। ମଳଦ୍ୱାର ପାଖରେ ପଡ଼ିଥିବା ଅଣ୍ଡାକୁ ବାହାର କରିବା ପାଇଁ ପ୍ରତିଦିନ ସକାଳେ ଗାଧୋଇ ନିଅନ୍ତୁ। ଖାଲି ପାଦରେ ଚାଲିବା ଏଡାନ୍ତୁ। ଏହି ସବୁ ସୁ-ଆଚରଣ ସବୁ କରିବା ଦ୍ୱାରା କୃମି ସଂକ୍ରମଣ ଦ୍ୱାରା ହେଉଥିବା ସମସ୍ୟାକୁ ରୋକି ହେବ।

" ଶିଶୁ ଆମର ଭବିଷ୍ୟତ,
କୁପୋଷଣରୁ ତାଙ୍କୁ କର ରକ୍ଷା
ରକ୍ତହୀନତା କିମ୍ବା ଏକାଗ୍ରତା ହେଲେ
ହ୍ରାସ କର ପରୀକ୍ଷା
କୃମି ଥିଲେ ହେବ ଚିକତ୍ସା, ଶିଶୁଠୁ
ବଡ଼ ନିଅନ୍ତୁ ଶିକ୍ଷା
ଉତ୍ତମ ଖାଦ୍ୟ, ସ୍ୱଚ୍ଛ ପରିବେଶ,
ହାତ ଧୋଇବାର ନିଅ ଦୀକ୍ଷା"

# ସମୃଦ୍ଧ ଓଡ଼ିଶାର ଅନ୍ୟତମ ଉତ୍ସ :'କୋଟପାଡ଼ ହସ୍ତତନ୍ତ'

ରାଜେଶ୍ ରାୟ
ଅଧ୍ୟାପକ, ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର, କୋରାପୁଟ
ମୋ :- ୬୩୭୧୫୫୫୯୪୦

ଓଡ଼ିଶାର ଦକ୍ଷିଣ ରାଇଜରେ ଶୋଭା ପାଉଥିବା କୋରାପୁଟ ଜିଲ୍ଲା ପ୍ରାକୃତିକ ପରିବେଶକୁ ନେଇ ଯେତିକି ପ୍ରସିଦ୍ଧ, ସେତିକି ନିଜର ଐତିହ୍ୟ ଓ ପରମ୍ପରାକୁ ନେଇ ସମୃଦ୍ଧ । କୋରାପୁଟର ବିଭିନ୍ନ କୋଣରେ ବସବାସ କରୁଥିବା ଆଦିବାସୀ ମାନଙ୍କ ପାଖରେ ଦେଖିବାକୁ ମିଳେ ନିଆରା ପରମ୍ପରା। ଆଦିବାସୀମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ଉତ୍ପାଦରେ ଉର୍ଦ୍ଦିମାରେ ସେମାନଙ୍କ ସରଳ ଜୀବନଶୈଳୀ ଏବଂ ଅଭିନବ ସଂସ୍କୃତିର ପ୍ରତିଛବି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି 'କୋଟପାଡ଼ର ହସ୍ତତନ୍ତ'। କୋରାପୁଟ ଜିଲ୍ଲାର ଏକ ବ୍ଲକ ତଥା ବିଧାନସଭା କ୍ଷେତ୍ରର ନାମ ହେଉଛି 'କୋଟପାଡ଼' । ଯାହାକି ପୂର୍ବରୁ ବୁଣାକାର ଗ୍ରାମ ଭାବେ ପ୍ରସିଦ୍ଧି ଲାଭ କରିଛି । ଆଦିବାସୀ ହସ୍ତତନ୍ତର ଏକ ପ୍ରମୁଖ କେନ୍ଦ୍ରସ୍ଥଳୀ ଭାବେ କୋଟପାଡ଼ କେବଳ ଓଡ଼ିଶାରେ ନୁହେଁ ବରଂ ଦେଶବିଦେଶରେ ବେଶ୍ ପରିଚିତ। କୋଟପାଡ଼ରେ ବସବାସ କରୁଥିବା ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ହସ୍ତତନ୍ତ ବୁଣାକାର ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ସେମାନେ ପ୍ରାକୃତିକ ଉପାୟରେ ଲାଲ୍, ମାଟିଆ,କଳା ଓ ଧଳା ରଙ୍ଗର କୋମଳ ସୂତାରୁ ଶାଢ଼ି ଓ ଓଢ଼ଣୀ ଆଦି ବୁଣିଥାନ୍ତି ଯେଉଁ ହସ୍ତତନ୍ତ ଆଜି ସମଗ୍ର ଓଡ଼ିଶା ତଥା ବାହାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀ ମାନେ ପ୍ରାକୃତିକ ଉପାୟରେ ଧଳା ସୂତାକୁ ରଙ୍ଗଦେଇ କଳା, ମାଟିଆ ଓ ଲାଲ୍ ଏହିପରି ତିନି ରଙ୍ଗର ସୂତା ପ୍ରସ୍ତୁତ କରିଥାନ୍ତି। ଏଥିପାଇଁ ସେମାନେ ପ୍ରାକୃତିକ ଜୈବିକ ପଦାର୍ଥ ଯଥା ଗୋବର, ଜଡ଼ାତେଲ, ପାଉଁଶ ଆଦିକୁ ବ୍ୟବହାର କରନ୍ତି । ସୂତାକୁ ରଙ୍ଗଦେବା ପ୍ରକ୍ରିୟାରେ କେବଳ ମିର୍ଗାନ୍ ସମ୍ପ୍ରଦାୟର ମହିଳା ହିଁ ଭାଗ ନିଅନ୍ତି ଏବଂ ପୁରୁଷମାନେ ବୁଣାକାର ଭାବେ କାର୍ଯ୍ୟ କରନ୍ତି। ଏଠାରେ ସୂତାକୁ ରଙ୍ଗ ଦେବା ପ୍ରକ୍ରିୟାଟି ଖୁବ୍ ନିଆରା । ପ୍ରଥମେ ଧଳା ସୂତାକୁ ଆଣି ୧୨ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ବତୁରାଇ ରଖାଯାଏ । ପରେ ଆବଶ୍ୟକ ମୁତାବକ ଗୋବର ଓ ଜଡ଼ାତେଲର ମିଶ୍ରଣକୁ ଲେପ ଦିଆଯାଇ କାଠ ସାହାଯ୍ୟରେ ଶୁଖାଯାଏ (ଏଥିରେ ଗୋବର bleaching agent ପରି କାମକରେ ) । ସୂତା ଗୁଡ଼ିକ ମେହେନ୍ଦି ରଙ୍ଗ ପଡ଼ି ଆସିଲେ ତାକୁ ନେଇ ପାଉଁଶ ପାଣିରେ ବୁଡ଼ାଇ ୧୫ ରୁ ୨୦ ଦିନଯାଏ ରଖାଯାଏ। ସୂତାକୁ ନାଲିରଙ୍ଗ ଦେବାପାଇଁ ଆଲ୍ ନାମକ ଏକ ଗଛର ଛାଲିକୁ ପାଣିରେ ପକାଇ ସେଥିରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ମେହେନ୍ଦି ରଙ୍ଗର ସୂତା ନେଇ ସିଝାଯାଏ । ମେରୁନ୍ ବା ମାଟିଆ ରଙ୍ଗ ପାଇଁ ମଧ୍ୟ ଆଲ୍ ଗଛର ଛାଲିକୁ ଅଳ୍ପ କିମ୍ବା ବହୁତ ପରିମାଣର ବ୍ୟବହାର କରାଯାଏ ଏବଂ ସୂତାକୁ କଳାରଙ୍ଗ ଦେବାପାଇଁ ହରିଡ଼ା, ହୀରାକଷି ( ଏକ ଗଛର ମଞ୍ଜି ) ଆଦିକୁ ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ବ୍ୟବହାର କରନ୍ତି। ତେବେ ସୂତା ଗୁଡ଼ିକୁ ପ୍ରାକୃତିକ ଉପାୟରେ ରଙ୍ଗ କରାଯାଉଥିବାରୁ ତାହା ଶରୀର ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଏ ନାହିଁ । କୋଟପାଡ଼ର ହସ୍ତତନ୍ତରେ ମିର୍ଗାନ ସମ୍ପ୍ରଦାୟର ଆଦିବାସୀମାନେ ମାଛ , ବେଙ୍ଗ , ହରିଣ , ଗଛ ଓ ମୟୂର ଆଦି ପ୍ରତିଛବି ଗୁଡ଼ିକୁ ବୁଣିଥାନ୍ତି ଯାହା ଦେଖିବାକୁ ଅତି ଆକର୍ଷଣୀୟ ଲାଗେ ଏବଂ ଏହି ହସ୍ତତନ୍ତରେ ଆଲ୍ ଗଛର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଯାହାର ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ତେଣୁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଏବେ କୋଟପାଡ଼ର ଆଖପାଖ ଅଞ୍ଚଳରେ ଆଲଗଛର ଜଙ୍ଗଲ ସୃଷ୍ଟି କରାଯାଇଛି । କୋଟପାଡ଼ ହସ୍ତତନ୍ତର ବିଶେଷତ୍ୱ ହେଉଛି ତାହା ସଂପୂର୍ଣ୍ଣ ପ୍ରାକୃତିକ ଏବଂ ଦୀର୍ଘସ୍ଥାୟୀ । ଏହି ହସ୍ତତନ୍ତରେ ମିର୍ଗାନ୍ ଆଦିବାସୀଙ୍କ ସରଳ ଓ ପ୍ରାକୃତିକ ଜୀବନଶୈଳୀ ଜୀବନ୍ତ ହୋଇଉଠେ। ଗୋଟିଏ ଶାଢ଼ି ସର୍ବନିମ୍ନ ୭ ହଜାର ଟଙ୍କାରୁ ଆରମ୍ଭକରି ୧୮ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ । ସେଇଥିପାଇଁ ଆଜି କୋଟପାଡ଼ର ହସ୍ତତନ୍ତ ବୟନଶିଳ୍ପ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପାରଦର୍ଶିତାକୁ ବହନ କରୁଛି । ରାଜ୍ୟ ସରକାରଙ୍କ ହସ୍ତତନ୍ତ ବିଭାଗ ବୟନିକା ମାଧ୍ୟମରେ କୋଟପାଡ଼ ଆଦିବାସୀଙ୍କ ହସ୍ତତନ୍ତକୁ ଏବେ କିଣାଯାଉଛି ସେଥିପାଇଁ ଏକ ବୁଣାକାର ସୋସାଇଟିର ଗଠନ କରାଯାଇଛି ଯାହାଦ୍ୱାରା ଆଦିବାସୀମାନେ ସେମାନଙ୍କ ଉତ୍ପାଦର ସଠିକ୍ ମୂଲ୍ୟ ପାଇପାରୁଛନ୍ତି । ଅନ୍ୟ ରାଜ୍ୟରୁ ଓ ଦେଶରୁ ଆଗନ୍ତୁକମାନେ ମଧ୍ୟ ଆସି କୋଟପାଡ଼ର ଆଦିବାସୀ ହସ୍ତତନ୍ତକୁ କିଣୁଛନ୍ତି । ଏବେ ମିର୍ଗାନ୍ ସମ୍ପ୍ରଦାୟର ଯୁବପିଢ଼ୀମାନେ ମଧ୍ୟ ଏହି ହସ୍ତତନ୍ତକୁ ଆଦରି ନେଲେଣି। ଯଦି ଏହି ହସ୍ତତନ୍ତର ସଠିକ୍ ସୁରକ୍ଷା ତଥା ପ୍ରଚାର ପ୍ରସାର ହୁଅନ୍ତା ଏବଂ ସରକାରଙ୍କ ତରଫରୁ ଯଦି ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀଙ୍କ ପାଇଁ କିଛି ସୁବିଧା ସୁଯୋଗ କରାଯାଆନ୍ତା ତେବେ ବୟନଶିଳ୍ପ କ୍ଷେତ୍ରରେ କୋଟପାଡ଼ ହସ୍ତତନ୍ତ ଓଡ଼ିଶାର ନାମକୁ ବିଶ୍ୱ ଦରବାରରେ ସମୃଦ୍ଧ କରିପାରନ୍ତା ଏବଂ ରାଜ୍ୟ ସରକାର ୨୦୩୬ ମସିହା ବେଳକୁ ପରିକଳ୍ପନା କରିଥିବା ସମୃଦ୍ଧ ଓଡିଶାର ଚିତ୍ର ଆଉଟିକେ ସ୍ପଷ୍ଟ ଦିଶନ୍ତା ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଫେବୃୟାରୀ ୨୦୨୫ ରବିବାର





# ଏମ୍‌କେସିଜିରେ ଧାଡ଼ି ଯନ୍ତ୍ରଣାର ଅନ୍ତ କେବେ ?

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଉତ୍ତମ ଚିକିତ୍ସା ସୁବିଧା ପାଇବା ଆଶାରେ ପ୍ରତିଦିନ ଏମ୍‌କେସିଜି ବଡ଼ ଡାକ୍ତରଖାନାକୁ ହଜାର ହଜାର ସଂଖ୍ୟାରେ ରୋଗୀ ଆସୁଛନ୍ତି । ଡ଼ାକ୍ତରଙ୍କ ଠାରୁ ପରାମର୍ଶ ପାଇବା ପୂର୍ବରୁ ନାମ ପଞ୍ଜିକରଣ ପାଇଁ ଲମ୍ବା ଲାଇନ୍‌ରେ ଅପେକ୍ଷା କରିବାକୁ ପଡୁଛି । ସେଠାରୁ ଟିକଟ ପାଇବା ପରେ ଡ଼ାକ୍ତରଙ୍କ ପରାମର୍ଶ ପାଇଁ ପୁଣି ଧାଡ଼ି । ଡ଼ାକ୍ତର ଯଦି ରକ୍ତ, ମଳମୂତ୍ର କିମ୍ବା ଅନ୍ୟ କୌଣସି ପରୀକ୍ଷା ପାଇଁ ଚିଠାରେ ଲେଖୁଛନ୍ତି ସେଠାରୁ ପୁଣି ରୋଗୀଙ୍କୁ ଏମ୍‌କେସିଜିର ଆଞ୍ଚଳିକ ନିଦାନ କେନ୍ଦ୍ରରେ ଧାଡ଼ି ଲଗାଇବାକୁ ପଡୁଛି । ଚିକିତ୍ସା ସେବା ପାଇବା ଠାରୁ ଧାଡ଼ି ଯନ୍ତ୍ରଣା ବଳିଯାଉଥିବା କହିଛନ୍ତି ଅପେକ୍ଷାକୃତ ରୋଗୀ ଏବଂ ସେମାନଙ୍କର ସମ୍ପର୍କୀୟ । ଏହି ଧାଡ଼ିରେ ବୟସ୍କ ରୋଗୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର ସୁବିଧା ନାହିଁ । ଦିନସାରା ଧାଡ଼ିରେ ରହି ନମ୍ବର ଆସିବାର କିଛି ସମୟ ପୂର୍ବରୁ ଖାଇବା ସମୟ ହୋଇଗଲା କହି କାଉଣ୍ଟର ବନ୍ଦ କରିଦେଲେ । ରୋଗୀ ଯନ୍ତ୍ରଣା ଠାରୁ ଏହି ଧାଡ଼ି ବଡ଼ ଯନ୍ତ୍ରଣା ବୋଲି ବହୁ ରୋଗୀ କହୁଛନ୍ତି । ଏମ୍‌କେସିଜି ବଡ଼ ଡ଼ାକ୍ତରଖାନାକୁ ଦୈନିକ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଆସୁଛନ୍ତି । ନାମ ପଞ୍ଜିକରଣ ଠାରୁ ଆରମ୍ଭ କରି ପରୀକ୍ଷାର ରିପୋର୍ଟ ସଂଗ୍ରହ କରିବା ପାଇଁ ରୋଗୀଙ୍କ ସାରା ଦିନ ନଷ୍ଟ ହୋଇଯାଉଛି । ଏମ୍‌କେସିଜି ପରିସରରେ ଥିବା ଆଞ୍ଚଳିକ ନିଦାନ କେନ୍ଦ୍ରରେ ନମୁନା ସଂଗ୍ରହ, ପାଥୋଲୋଜି ଓ ମାଇକ୍ରୋ ବାୟୋଲୋଜିର ରକ୍ତ ପରୀକ୍ଷା କରିବା ପାଇଁ ୨୦ ପ୍ରକାର ନମୁନା ସଂଗ୍ରହ ସହ ଭେଷଜ ମହାବିଦ୍ୟାଳୟରେ ୬ ପ୍ରକାର ପରୀକ୍ଷା ହେଉଛି । ରୋଗୀଙ୍କ ସୁବିଧା ପାଇଁ କିଛି ବର୍ଷ ପୂର୍ବେ ଉଦ୍‌ଘାଟିତ ହୋଇଥିବା ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ନାହିଁ । ରୋଗୀ ଓ ସମ୍ପର୍କୀୟ ସାରା ଦିନ ଧାଡ଼ି ଯନ୍ତ୍ରଣାରେ ରହି ରିପୋର୍ଟ ପାଇଁ ଚାହିଁ ରହୁଛନ୍ତି । ଅନ୍ୟପକ୍ଷେ ଏମ୍‌କେସିଜି ବଡ଼ ଡ଼ାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଡ଼ାକ୍ତରଖାନା କର୍ତ୍ତୃପକ୍ଷ ଅନ୍‌ଲାଇନ୍‌ରେ ଓପିଡ଼ି ଟିକଟ ସମେତ ରୋଗୀଙ୍କ ପରୀକ୍ଷାର ରିପୋର୍ଟ ପ୍ରଦାନର ବ୍ୟବସ୍ଥା କରିଛନ୍ତି । ଏଥି ନିମନ୍ତେ ଏକ ଘରୋଇ ସଂସ୍ଥାକୁ ମାସିକ ଲକ୍ଷାଧିକ ଟଙ୍କା ପ୍ରଦାନ କରାଯାଉଛି । କିନ୍ତୁ ଏମ୍‌କେସିଜିକୁ ଆସୁଥିବା ରୋଗୀଙ୍କୁ କୌଣସି ପ୍ରକାର ଅନ୍‌ଲାଇନ୍ ସେବା ମିଳୁନଥିବା ଅଭିଯୋଗ ହେଉଛି । ଫଳରେ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟଙ୍କୁ ଲମ୍ବା ଲାଇନ୍‌ରେ ରହି ଓପିଡ଼ି ଟିକଟ ଓ ରିପୋର୍ଟ ସଂଗ୍ରହ କରିବାକୁ ଅପେକ୍ଷା କରିବାକୁ ପଡୁଛି । ସେଭଳି ଆର୍‌ଡ଼ିସିରୁ ରିପୋର୍ଟ ପାଇବା ପାଇଁ ମେଡ଼ିକାଲ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନ୍‌ଲାଇନ୍ ବ୍ୟବସ୍ଥା କରାଯାଇଛି । ବିଭିନ୍ନ ପରୀକ୍ଷାର ରିପୋର୍ଟ ପାଇଁ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟ ମାଇ ଏମ୍‌କେସିଜି ଡ଼ଟ୍ କମ୍ ନାମକ ଏକ ୱେବ୍‌ସାଇଟ୍ ଜରିଆରେ ରୋଗୀ ଆର୍‌ଡ଼ିସିର ପଞ୍ଜିକୃତ ନମ୍ବର ଦ୍ୱାରା ନିଜର ପରୀକ୍ଷା ରିପୋର୍ଟ ସଂଗ୍ରହ କରିବାରେ ବ୍ୟବସ୍ଥା ରହିଛି । ରୋଗୀଙ୍କ ରକ୍ତ ପରୀକ୍ଷା ପରେ ରକ୍ତ ପରୀକ୍ଷା ରିପୋର୍ଟ ଅନ୍‌ଲାଇନ୍‌ରେ ଅପ୍‌ଲୋଡ୍ କରିବା ନିୟମ ରହିଛି । ଏହି ଅନ୍‌ଲାଇନ୍ ବ୍ୟବସ୍ଥା କିଛି ଦିନ କାର୍ଯ୍ୟକାରୀ ହେବାପରେ ଅଚଳ ହୋଇଯାଇଥିବା ଜଣାପଡ଼ିଛି । ଅନ୍‌ଲାଇନ୍ ବ୍ୟବସ୍ଥା କାମ ନକରିବା ଫଳରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସେହି ଧାଡ଼ି ଯନ୍ତ୍ରଣା ଭୋଗିବାକୁ ପଡୁଛି । ଓପିଟିରେ ୧୦ଟି ଅଫ୍‌ଲାଇନ୍ ଟିକେଟ୍ କାଉଣ୍ଟର ବ୍ୟବସ୍ଥା ରହିଥିବା ବେଳେ ମହିଳା, ପୁରୁଷ ଓ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ରହିଛି । କିନ୍ତୁ ଆର୍‌ଡ଼ିସିରେ ସେଭଳି କୌଣସି ବ୍ୟବସ୍ଥା ନାହିଁ । ଅନ୍‌ଲାଇନ୍ ବ୍ୟବସ୍ଥା ପାଇଁ ମେଡ଼ିକାଲ୍ କର୍ତ୍ତୃପକ୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହି କାମରେ ଆସୁନଥିବା ଯୋଗୁଁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଏନେଇ ଏମ୍‌କେସିଜି ମେଡ଼ିକାଲ୍ ଅଧୀକ୍ଷକ ପ୍ରଫେସର ଡ଼ା. ସୁଚିତ୍ରା ଦାଶଙ୍କୁ ପଚାରିବାରେ ୱେବ୍ ସାଇଟ୍‌ରେ କିଛି ସମସ୍ୟା ଥିବା କାରଣରୁ ରିପୋର୍ଟ ଅପ୍‌ଲୋଡ୍ କରିବାରେ ସମସ୍ୟା ରହିଛି ।



# ବୈତରଣୀରୁ ବେଆଇନ୍ ବାଲି ଉଠାଣ:ଟିପ୍ପର ଜବତ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗରର ବିଭିନ୍ନ ସ୍ଥାନରେ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି । ଚଢ଼ଉ ବେଳେ ଗୋଟେ ବାଲି ବୋଝେଇ ଟିପ୍ପର ଜବତ କରି ଧାମନଗର ଥାନା ଜିମା ଦିଆଯାଇଛି । ଚଢ଼ଉ ବେଳେ ବାଲି ଚୋରା ଚଲାଣ କରୁଥିବା ଆଉ ୨ଟି ଟ୍ରାକ୍ଟର ଫେରାର୍ ହୋଇଯାଇଛି । ତା ସଂପର୍କରେ ଖଣି ବିଭାଗ କୌଣସି ଟେର୍ ପାଇନାହିଁ। ପ୍ରକାଶଥାଉ କି ଧାମନଗର ତହସିଲ ଅଧିନ ଆନନ୍ଦପୁର, ସୋହଡ଼ା, ପଧାନି, ଅର୍ଜୁନପୁର ଆଦି ପଞ୍ଚାୟତରେ ବୈତରଣୀ ନଦୀରୁ ବେଆଇନ୍ ଭାବେ ବାଲି ଉତ୍ତୋଳନ କରାଯାଉଥିବା ଅଭିଯୋଗ ହୋଇଆସୁଛି । ଆନନ୍ଦପୁରର ପଣସମାହାରା, ମାନଲାପୁର ଓ ଉତ୍ତେଇପୁର ଘାଟ, ସୋହଡ଼ାର କ୍ଷେତ୍ରପୁର ଓ କଣ୍ଟାପାରୀ, ଅର୍ଜ୍ଜୁନପୁରର ବାଲିପାଟଣା, ପଧାନିର ଦଶନ୍ଧିକୂଳ ଠାରେ ବାଲି ଚୋରି ହେଉଛି । ସ୍ଥାନୀୟ ଗାଡ଼ି ମାଲିକମାନେ ରାତିରେ ଡୋଜର ଲଗାଇ ନଦୀ ଗର୍ଭରୁ ବାଲି ଉଠାଉଛନ୍ତି । ସେହି ବାଲିକୁ ଟ୍ରାକ୍ଟର ଓ ଟ୍ରକ୍ ଜରିଆରେ ଚଲାଣ କରୁଛନ୍ତି । ସ୍ଥାନୀୟ ଗାଡ଼ି ମାଲିକ ମନଇଚ୍ଛା ଏଭଳି ବେଆଇନ୍ ବାଲିଘାଟ ଚଳାଇ ଆସୁଛନ୍ତି । ଏନେଇ ବାରମ୍ବାର ଖବର ପ୍ରକାଶ ପାଉଥିଲେ ବି ଖଣି ବିଭାଗ କର୍ମଚାରୀ ଅଭାବ ଦର୍ଶାଇ ନିରବ ରହି ଆସୁଥିଲା । ଖଣି ବିଭାଗ ଅଧିକାରୀ ଧାମନଗର ଅଞ୍ଚଳରେ ଚାଲିଥିବା ବେଆଇନ୍ ବାଲିଘାଟ ଉପରେ ଚଢ଼ଉ କରିବାକୁ ଯାଉଥିଲେ । ରାସ୍ତାରେ ଯିବାବେଳେ ଧାମନଗର ଜରା ନିବାସ ପାଖରୁ ୧ ବାଲି ଗାଡ଼ିକୁ ପିଛା କରି ପଳିକିରି ନିକଟରୁ ଉକ୍ତ ବାଲି ବୋଝେଇ ଟ୍ରକ୍ ଧରାଯାଇ ଧାମନଗର ଥାନାକୁ ନିଆଯାଇଛି ।





# ଜଳସ୍ୱଚ୍ଛଳ ପଞ୍ଚାୟତର ପ୍ରତିନିଧିଙ୍କୁ ସଚେତନତା ତାଲିମ୍ କାର୍ଯ୍ୟକ୍ରମ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ପରିଷଦ ପଞ୍ଚାୟତ ଭବନ ଠାରେ ଜଳ ସ୍ୱଚ୍ଛଳ ଥିବା ପଞ୍ଚାୟତ ପ୍ରତିନିଧି ମାନଙ୍କ ଏକ ଦିବସୀୟ ସଚେତନତା ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଜିଲ୍ଲା ପରିଷଦ ପକ୍ଷରୁ ଆରମ୍ଭ ହୋଇଥିବା ଉକ୍ତ ତାଲିମ୍ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାର ଜଳ ସ୍ୱଚ୍ଛଳ ଥିବା ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ, ନିର୍ବାଚିତ କର୍ମକର୍ତ୍ତା, ସିଆର୍‌ପି ଓ ଏମ୍‌ବିକେ ମାନେ ଅଂଶଗ୍ରହଣ କରିଥିଲେ । ପ୍ରକଳ୍ପ ପରିଚାଳକ ଅମ୍ରିତା ପ୍ରିୟଦର୍ଶିନୀ ପଣ୍ଡା, ଜିଲ୍ଲା ପ୍ରକଳ୍ପ ପରିଚାଳକ ବିକ୍ରମ ସିଂ ଜଳ ପରିଚାଳନା, ସୁଷମ ବଣ୍ଟନ ସମ୍ପର୍କରେ ତାଲିମ୍ ଦେଇଥିଲେ । ନିରାପଦ ଜଳ ଯୋଗାଣ, ଉତ୍ତମ ଜଳ ପରିଚାଳନା, କୃଷି, ଜଳସଂପଦର ସଂରକ୍ଷଣ, ସମସ୍ତ ଆବଶ୍ୟକତା ସହିତ ଗାଁର ସମସ୍ତଙ୍କୁ ଘରୋଇ ଟ୍ୟାପ୍ ସଂଯୋଗ ହେଉଛି ଏହାର ଲକ୍ଷ୍ୟ ବୋଲି କହିଥିଲେ।

# ବୌଦ୍ଧ ଜିଲ୍ଲାରେ ୭୭ ଛାତ୍ରଛାତ୍ରୀ +୨ ବିଜ୍ଞାନ ପରୀକ୍ଷା ଦେଲେ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାର ଏକମାତ୍ର +୨ ପରୀକ୍ଷା କେନ୍ଦ୍ରରେ +୨ ବିଜ୍ଞାନ ଛାତ୍ର ଛାତ୍ରୀଙ୍କ ପ୍ରଥମ ଦିନର ପରୀକ୍ଷା ମାତୃଭାଷା ଓଡ଼ିଆ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କେନ୍ଦ୍ରରେ ବୌଦ୍ଧ ପଞ୍ଚାୟତ କଲେଜ ଓ କେବିହିଷ୍ଟ କଲେଜର ମୋଟ୍ ୭୭ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ । ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ପରୀକ୍ଷା ହଲ୍ ପରିଦର୍ଶନ କରିଥିବା ବେଳେ ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ ।

# ଟ୍ରେନ୍‌ରୁ ୨୪ କେଜି ଗଞ୍ଜେଇ ଜବତ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

କଣ୍ଟାବାଞ୍ଜି ରେଳ ପ୍ଲାଟ୍‌ଫର୍ମ-୧ରୁ ଦୁଇଟି ଗଞ୍ଜେଇ ଭର୍ତ୍ତି ଭିଆଇପି ଟ୍ରଲି ବ୍ୟାଗ୍ ଜିଆର୍‌ପି ପୋଲିସ ଜବତ କରିବା ଆଲୋଚନାର ବିଷୟ ହୋଇଛି । ସୂଚନାରୁ ପ୍ରକାଶ ଯେ, ଗୁରୁବାର ସକାଳ ପ୍ରାୟ ୯ଟାରେ ଜିଆର୍‌ପି ପୋଲିସ ରହିଥିଲା । ଭଗତକୋଠି ଛକି ଏକ୍ସପ୍ରେସ୍ ଟ୍ରେନ୍‌ରେ ଟ୍ରଲି ବ୍ୟାଗ୍‌ରେ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ପାଇଁ ଉଦ୍ୟମ ହୋଇଥିବା ଜିଆର୍‌ପି ପୋଲିସ ଅନୁମାନ କରୁଛି । ପୋଲିସକୁ ଦେଖି ଦୁର୍ବୃତ୍ତ ଫେରାର୍ ହୋଇଯାଇଛି । ପରେ ତହସିଲଦାରଙ୍କ ଉପସ୍ଥିତିରେ ଟ୍ରଲି ବ୍ୟାଗ୍‌ରୁ ୨୪ କେଜି ୧୬୦ ଗ୍ରାମ୍ ଗଞ୍ଜେଇ ଜବତ ହୋଇଥିବା ଜିଆର୍‌ପି ଫାଣ୍ଡି ଅଧିକାରୀ ମକାରୁ ସାହୁ ସୂଚନା ଦେଇଛନ୍ତି । କୋରାପୁଟ, ମାଲକାନଗିରି, କଳାହାଣ୍ଡିରୁ ଗଞ୍ଜେଇ ଟ୍ରେନ୍ ଏବଂ ସଡ଼କ ପଥରେ କଣ୍ଟାବାଞ୍ଜିକୁ ଆସୁଛି । ପରେ ଟ୍ରେନ୍ ଓ ସଡ଼କ ପଥ ଦେଇ ରାଜ୍ୟ ବାହାରକୁ ଚାଲାଣ ହେଉଥିବା ଚର୍ଚ୍ଚା ହେଉଛି । ଦିନକୁ ଦିନ ଗଞ୍ଜେଇ ଚୋରା ଚାଲାଣ ବୃଦ୍ଧି ପାଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଗଞ୍ଜେଇ ଚୋରା ଚାଲାଣ ବନ୍ଦ ପାଇଁ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ହତ୍ୟା ମାମଲାରେ ଜଣେ ଗିରଫ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଗତ ୨୦୧୯ ମସିହାରେ ହୋଇଥିବା ଏକ ହତ୍ୟା ମାମଲାରେ ଚୌଦ୍ୱାର ପୋଲିସ ବୁଧବାର ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଢେଙ୍କାନାଳ ସଦରଥାନା କଦମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ । ପୋଲିସ ସୂଚନା ଅନୁଯାୟୀ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କର ଆଉ ୩ ଜଣ ସହଯୋଗୀ ଢ଼େଙ୍କାନାଳର ଜନୈକ ବ୍ୟବସାୟୀ ଲାଲା ଲଳିତ କୁମାର ସିଂଙ୍କୁ ନୂଆପାଟଣା ମଧୁସେତୁ ଉପରେ ଗୁଳିକରି ହତ୍ୟା କରିଥିଲା । ଏହି ଘଟଣାରେ ପୋଲିସ ୩୪୩/୧୯ରେ ଏକ ମାମଲା ରୁଜୁ କରିବା ସହିତ ଅତିରିକ୍ତ ଆଇଆଇସି ସସ୍ମିତା ଖିଲାର ଘଟଣାର ତଦନ୍ତ ଜାରୀ ରଖିଥିଲେ । ପୂର୍ଣ୍ଣଚନ୍ଦ୍ରକୁ ମଙ୍ଗଳବାର ଦିନ ଆଠଗଡ଼ ତିଗିରିଆ ଅଞ୍ଚଳରୁ ଗିରଫ କରାଯାଇଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଏହି ମାମଲା ପୂର୍ବରୁ ୩ ଜଣ ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫ କରିଥିଲେ ।

# ଧର୍ମଶାଳାରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନାର ନୂତନ ଥାନା ଅଧିକାରୀ ଭାବେ ରଞ୍ଜନ କୁମାର ମାଝି ଯୋଗ ଦେଇଛନ୍ତି । ବୁଧବାର ଦିନ ନିଜ କାର୍ଯ୍ୟରେ ଯୋଗଦେବା ପରେ ଥାନା କର୍ମଚାରୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ପୂର୍ବରୁ ଏଠାରେ ଥିବା ଥାନା ଅଧିକାରୀ ତପନ କୁମାର ନାୟକଙ୍କ ଅନ୍ୟ ଜିଲ୍ଲାକୁ ବଦଳି ପରେ ଏସ୍‌ଆଇ ଆବେଦିନ୍ ଦାୟିତ୍ୱରେ ରହିଥିଲେ । ଧର୍ମଶାଳାର ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଥିବା ବେଳେ ମାଝିଙ୍କ ଯୋଗଦାନକୁ ନେଇ ସାଧାରଣରେ ନୂତନ ଆଶା ସୃଷ୍ଟି ହୋଇଛି ।

# ବାଲୁଙ୍କେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ଉତ୍ସବ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ଆଠଗଡ଼ ବ୍ଲକ ଅନ୍ତର୍ଗତ କୁଲାଇଲୋ ପଞ୍ଚାୟତ ଅଧୀନ ପାଟଲିଙ୍ଗା ଓ ଶିଳାପାଟ ଗ୍ରାମର ସମସ୍ତ ଅଧିବାସୀଙ୍କ ମିଳିତ ସହଯୋଗରେ ବାବା ବାଲୁଙ୍କେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଏକ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ପାଟଲିଙ୍ଗା ଓ ଶିଳାପାଟ ଗ୍ରାମରେ ଦୀର୍ଘ ୨୫ ବର୍ଷ ଧରି ଏହି ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଥିଲା । ମନ୍ଦିରର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଶୁକ୍ରବାର ଠାରୁ ଆରମ୍ଭ ହୋଇ ମଙ୍ଗଳବାର ପୂର୍ଣ୍ଣାହୁତି ସହ ଶେଷ ହୋଇଛି । ପ୍ରଥମ ଦିନ ଶୁଭ ଅଙ୍କୁରୋପଣ, ଗୃହମଣ୍ଡଳ କରଣ, କଳସ ଯାତ୍ରା, ଗୋପୂଜନ, ସାଲାପୂଜନ, ମହାସ୍ନାନ, ଶୟନ ଓ ଜୀବନ୍ୟାସ, ଚଣ୍ଡୀପାଠ, ରୁଦ୍ରାଭିଷେକ ଏବଂ ଠାକୁରଙ୍କ ନଗର ପରିକ୍ରମା ସହିତ ଦୀର୍ଘ ପାଞ୍ଚ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା । ପୂର୍ଣ୍ଣାହୁତି ଦିନ ବାଜା ବାଣ ସହିତ ହରିବୋଲ ହୁଳହୁଳି ମଧ୍ୟରେ ଗ୍ରାମ ପ୍ରକମ୍ପିତ ହୋଇଥିଲା । ବାବା ବାଲୁଙ୍କେଶ୍ୱର ମହାଦେବ ଘର ଘର ବୁଲି ଭୋଗ ଖାଇଥିଲେ । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପାଟଲିଙ୍ଗା, ଶିଳାପାଟ, କୁଲାଇଲୋ ସହିତ ଆଖପାଖ ଗ୍ରାମାଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା । ଉକ୍ତ କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ସ୍ୱାଇଁ, ପ୍ରବୋଧ କୁମାର ସ୍ୱାଇଁ, ଶୁଶାନ୍ତ କୁମାର ବିଶ୍ୱାଳ, ପପି ଲେଙ୍କା, ରାନି ସ୍ୱାଇଁଙ୍କ ସହିତ ଅନ୍ୟାନ୍ୟ ଯୁବ ଗୋଷ୍ଠୀଙ୍କ ସହଯୋଗରେ ମନ୍ଦିର କାର୍ଯ୍ୟ ସୁରୁଖୁରୂପେ ଶେଷ ହୋଇଛି ।

# ସ୍ୱାସ୍ଥ୍ୟସେବାରେ ଫାର୍ମାସିଷ୍ଟ ମୂଲ୍ୟକୁ ସ୍ୱୀକାର କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କଲେ ବିଧାୟକ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଅନ୍ଧପସରା ରୋଡ୍‌ସ୍ଥିତ ରୟାଲ୍ କଲେଜ ଫାର୍ମାସୀ ଆଣ୍ଡ ହେଲ୍‌ଥ୍ ସାଇନ୍ସର ବାର୍ଷିକୋତ୍ସବ ତଥା ରୟାଲ୍ ଭାଇବ୍ରେସନ୍-୨୦୨୫ କଲେଜ କ୍ୟାମ୍ପସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କାର୍ଯ୍ୟକ୍ରମର ସଭାପତି ପ୍ରଫେସର ପି.ଏନ୍. ମୂର୍ତ୍ତି ଅତିଥିଙ୍କ ସହ ସମାବେଶକୁ ସ୍ୱାଗତ କରିଥିଲେ । ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ଯୋଗଦେଇ ସ୍ୱାସ୍ଥ୍ୟ ସେବା ଅବସ୍ଥାରେ ଫାର୍ମାସିଷ୍ଟ ମୂଲ୍ୟକୁ ସ୍ୱୀକାର କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ସେହିପରି ସମ୍ମାନୀତ ଅତିଥି ଭାବେ ପ୍ରଫେସର ଡ଼. ଏ. ଶ୍ରୀନିବାସ ପାତ୍ର ଯୋଗ ଦେଇଥିବା ବେଳେ ରୟାଲ ଏଜୁକେସନାଲ୍ ଏଣ୍ଡ ରିସର୍ଚ୍ଚ ସୋସାଇଟିର ସଭାପତି ଡ଼ା. ଇ ପ୍ରକାଶ ରାଓ, କଲେଜର ପ୍ରିନ୍ସିପାଲ୍ ଏସ୍.କେ ପଣ୍ଡା, ଉପାଧ୍ୟକ୍ଷ ପ୍ରଫେସର ୟୁ.ଏସ୍. ମିଶ୍ର ଆଦି ଯୋଗ ଦେଇଥିଲେ । କଲେଜର ଡ଼ା. ଶୈଳେଶ୍ୱର ରାୟ ସ୍ମାରକୀ ପୁରସ୍କାର ମିସ୍ ଅସ୍ମିତା ସାମନ୍ତଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର କରାଯାଇଥିଲା। ସେହିପରି ଜୟଦେବ ମିର୍ଦ୍ଧା ଡ଼ା. ଶୈଳେଶ୍ୱର ରାୟ ସ୍ମାରକୀ ଶ୍ରେଷ୍ଠ ବି. ଫାର୍ମା ଛାତ୍ର ପୁରସ୍କାର-୨୦୨୪ ପାଇଥିଲେ । ଶ୍ରେଷ୍ଠ ବି. ଫାର୍ମା ୨୦୨୪ ପାଇଁ ଡ଼ା. ଶୈଳେଶ୍ୱର ରାୟ ସ୍ମାରକୀ ମିସ୍ ମୋନାଲିସା ଲେଙ୍କାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହା ସହିତ ଦେବଦୀପ ରାୟ ମେମୋରିଆଲ୍ ବେଷ୍ଟ ଫାର୍ମକୋଲୋଜି ଛାତ୍ର ପୁରସ୍କାର ୨୦୨୪ ମିସ୍ ଶରୁତି ଲେଖା ନାହାକ ହାସଲ କରିଛନ୍ତି । ଦେବଦୀପ ରାୟ ମେମୋରିଆଲ୍ ବ୍ୟାଡ୍‌ମିଣ୍ଟନ୍ ଚମ୍ପିଆନ୍ ସିପ୍‌ରେ ମାନସ ରଞ୍ଜନ ଦାସଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା । କଲେଜର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କୁ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ କଲେଜର କର୍ମଚାରୀ ମାଲି ସାହୁ, ଚନ୍ଦନ ବିଷୋୟୀ, ଟି.ଭି. ବାବୁଜୀ, ସୁରେନ୍ଦ୍ର ପାତ୍ର, ସୁଶାନ୍ତ ପଟ୍ଟନାୟକଙ୍କ ସମେତ କଲେଜର ବହୁ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ପ୍ରଫେସର ଅଞ୍ଜନ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



# ଦୋକାନ ଗୃହ ଭାଙ୍ଗି ଦେବାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଲିଆ ଚନ୍ଦନ ନଗର ଗ୍ରାମର ସଞ୍ଜୁକ୍ତା ନାଥ (୪୦) ନାମକ ମହିଳା ସପରିବାର ଧାରଣା ଦେଇଛନ୍ତି । ତାଙ୍କ ଗ୍ରାମରେ ସେ ରାସ୍ତା କଡ ଅନାବାଦୀ ଜାଗାରେ ପରିବାର ପ୍ରତିପୋଷଣ କରିବା ନିମନ୍ତେ ବହୁ କଷ୍ଟରେ ଗୋଟେ ଛୋଟମୋଟ ବ୍ୟବସାୟ କରି ଚଳିବା ପାଇଁ କ୍ୟାବୀନ୍‌ଟିଏ ପକାଇ ଦୋକାନ କରିଥିଲେ । ସେଥିରୁ ଯୋଉ ଦିପଇସା ରୋଜଗାର ହେଉଥିଲା ସେଥିରେ ସେ ୫ ପ୍ରାଣୀ କୁଟୁମ୍ବ ଚଳୁଥିଲେ । ସେହି ଦୋକାନ ଗୃହ ବା କ୍ୟାବୀନ୍‌ଟିକୁ ସେହି ଗ୍ରାମର କିଛି ଅସାମାଜିକ ଯୁବକ ବା ଖଳ ପ୍ରକୃତିର ଯୁବକ ଭାଙ୍ଗି ଦେଇଛନ୍ତି । ଦୋକାନରେ ଥିବା ସମସ୍ତ ଆସବାବ ପତ୍ର ବା ବିକ୍ରି ନିମନ୍ତେ ରଖାଯାଇଥିବା ସାମଗ୍ରୀ ଗୁଡ଼ିକୁ ମଧ୍ୟ ସେମାନେ ଚୋରୀ କରି ନେଇଯାଇଛନ୍ତି । ତାଙ୍କୁ ବାରମ୍ବାର ଅଶ୍ଳୀଳ ଭାଷାରେ ଗାଳୀ, ଗୁଲଜ କରିବା ଏବଂ ଏଠାରେ ଦୋକାନ କଲେ ତୁମକୁ ଏବଂ ତୁମ ପରିବାରକୁ ଜୀବନରୁ ମାରି ପକାଇ ଦେବୁ ବୋଲି ବାରମ୍ବାର ଧମକ୍ ଦେଉଛନ୍ତି । ଏ ବିଷୟରେ ଅଭିଯୋଗ କାରିଣୀ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ପୋଲିସ କିଛି ବୁଝୁନାହିଁ । ଥାନକୁ ଏ ସମ୍ବନ୍ଧରେ ବୁଝିବାକୁ ଗଲେ ଉକ୍ତ ଥାନାରେ ନୂତନ ଥାନାଧିକାରୀ ଭାବେ ଯୋଗଦେଇଥିବା ଥାନାବାବୁ ସେମାନଙ୍କୁ ଧମକାଇବା ସହିତ ଧକାମାରି ଅଶ୍ଳୀଳ ଭାଷାରେ ଗାଳୀ, ଗୁଲଜ କରି ତଡ଼ି ଦେଇଥିଲେ । କିଛି ତାଙ୍କ କଥା ନବୁଝିବା କିମ୍ବା ଶୁଣିବା ପ୍ରତିବାଦରେ ସ୍ୱାମୀ ଅଲେଖ ନାଥ ଓ ଦୁଇ ପିଲାଙ୍କ ସମେତ ସପରିବାର ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା ।



# ଆଳି ବିଜେଡ଼ି ସଭାପତିଙ୍କୁ ମାଡ଼:ସପ୍ତାହକ ମଧ୍ୟରେ ଅଭିଯୁକ୍ତ ଗିରଫ ନହେଲେ ଥାନା ଘେରାଉ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକର ଯୁବ ବିଜେଡ଼ି ସଭାପତି କେଦାରନାଥ ବେହେରାଙ୍କୁ ସ୍ଥାନୀୟ କେତେକ ଯୁବକ ମରଣାତ୍ମକ ଆକ୍ରମଣ କରିଛନ୍ତି । ଏହି ଘଟଣାରେ ପୋଲିସ ବିଜେଡ଼ି ସଭାପତି ଶ୍ରୀ ବେହେରାଙ୍କ ଏତଲା ଅନୁଯାଇ ୭୮/୨୫ରେ ଏକ ମାମଲା ରୁଜୁ କରି ହାତବାନ୍ଧି ବସିଥିବା ବିଜେଡ଼ିର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ଆସନ୍ତା ୨୬ ତାରିଖ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାନଗଲେ ଥାନା ଘେରାଉ ଓ ରାସ୍ତାରୋକ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ, ଗତ ୧୧ ତାରିଖ ଦିନ ଆଳିର ଯୁବ ବିଜେଡ଼ି ସଭାପତି କେଦାରନାଥ ବେହେରାଙ୍କୁ ପ୍ରାୟ ୮ଜଣ ଯୁବକ ଠେଙ୍ଗା ଲୁହା ରଡ଼ ଇତ୍ୟାଦିରେ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ । ଏନେଇ କିଛିଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ପ୍ରଶାସନ କୌଣସି ଅଭିଯୁକ୍ତଙ୍କୁ ଗିରଫ ନକରିବାରୁ ଅଭିଯୁକ୍ତମାନେ ଖୋଲାଖୋଲି ବୁଲୁଛନ୍ତି । ଏବଂ ପୁନର୍ବାର ଶ୍ରୀ ବେହେରାଙ୍କୁ ଧମକ ଦେଉଥିବା ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲାପାଳଙ୍କୁ ଭେଟି ପ୍ରତିନିଧି ଦଳ ଆଲୋଚନା କରିଛନ୍ତି । ଏହି ଆଲୋଚନା ସମୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, କନକଲତା ବେହେରା, ଜୁନିଆ ସରପଞ୍ଚ ଶରତ ନାୟକ, ସନ୍ତୋଷ କୁମାର ବେହୁରିଆ, ମୋନାଲିସା ଦାସ, ଚେୟାରମ୍ୟାନ ଲକ୍ଷ୍ମୀଧର ମଲିକ ପ୍ରମୁଖ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ।

# ଛାତ୍ରଛାତ୍ରୀମାନେ ଚାପମୁକ୍ତ ହୋଇ ସ୍ଥିରଚିତ୍ତରେ ପରୀକ୍ଷା ଦିଅନ୍ତୁ:ଓଷ୍ଟା

**କଟକ, ନ୍ୟୁଜ୍ ବ୍ୟୁରୋ**

ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଚଳିତ ଫେବୃୟାରୀ ୨୧ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖରେ ଶେଷ ହେବାକୁ ଯାଉଛି । ଏଥିପାଇଁ ବୋର୍ଡ଼ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ଭାବରେ ଚାପମୁକ୍ତ ହୋଇ ପରୀକ୍ଷା ଦେବା ନିମନ୍ତେ ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ (ଓଷ୍ଟା)ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କହିଛନ୍ତି । ସୂଚନାଥାଉକି, ଚଳିତ ବର୍ଷ ୩ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ରରେ ମୋଟ୍ ୫ ଲକ୍ଷ ୨୨ ହଜାର ୩୩୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଯାଉଛନ୍ତି । ପ୍ରତ୍ୟେକ ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ଦିନ ୧୧ଟା ୩୦ ମିନିଟ୍‌ରେ ଶେଷ ହେବ । କେବଳ ଗଣିତ ବିଷୟ ପାଇଁ ଅଧିକ ୧୫ ମିନିଟ୍‌ର ସମୟ ରହିଛି । ପ୍ରତ୍ୟେକ ପରୀକ୍ଷା ପରେ ଦିନେ ଦୁଇ ଦିନର ବ୍ୟବଧାନ ରହୁଥିବାରୁ ଛାତ୍ରଛାତ୍ରୀମାନେ ବିଚଳିତ କିମ୍ବା ଭୟଭୀତ ନହୋଇ ଭଲଭାବରେ ପ୍ରସ୍ତୁତ ହୋଇ ପରୀକ୍ଷା ଦେବାକୁ ଯିବେ । ଶାନ୍ତ, ଚାପମୁକ୍ତ ହୋଇ ପରୀକ୍ଷା କେନ୍ଦ୍ରକୁ ଯାଇ ଏହାର ସାମ୍ନା କରିବେ । କୋମଳମତି ଛାତ୍ରଛାତ୍ରୀମାନେ କୌଣସି ପ୍ରକାର ହଇରାଣ ହରକତର ସମ୍ମୁଖୀନ ନହୋଇ ପରୀକ୍ଷା କେନ୍ଦ୍ରକୁ ଆସି ପରୀକ୍ଷା ଦେବା ପାଇଁ ଓଷ୍ଟା ପକ୍ଷରୁ ପରାମର୍ଶ ଦିଆଯାଉଛି । ଉଭୟ ରେଗୁଲାର୍ ଓ ଏକ୍ସ ରେଗୁଲାର୍ ପିଲାଙ୍କ ପାଇଁ ସମାନ ପ୍ରଶ୍ନପତ୍ର ଯୋଗାଇ ଦିଆଯିବାର ବ୍ୟବସ୍ଥା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ତରଫରୁ କରାଯାଇଛି । ପରୀକ୍ଷାରେ ଅସାଧୁ ଉପାୟ ରୋକିବା ପାଇଁ ବୋର୍ଡ଼ କର୍ତ୍ତୃପକ୍ଷ ୪୨ଟି ସ୍କ୍ୱାର୍ଡ଼ ଗଠନ କରିଛନ୍ତି । ସାମାନ୍ୟ ବିଶୃଙ୍ଖଳା ଓ ଅବ୍ୟବସ୍ଥାକୁ ଧରିବା ପାଇଁ ଗତବର୍ଷ ଭଳି ଏବର୍ଷ ମଧ୍ୟ ଏ.ଆଇ. ଟେକ୍ନୋଲୋଜିର ବ୍ୟବହାର କରାଯାଇଛି । ପ୍ରାୟ ସମସ୍ତ କେନ୍ଦ୍ରରେ ସିସିଟିଭିର ବ୍ୟବସ୍ଥା କରାଯାଇଥିବା ବେଳେ ସମ୍ବେଦନଶୀଳ କେନ୍ଦ୍ର ମାନଙ୍କରେ ସିସିଟିଭି ମାଧ୍ୟମରେ ଲାଇଭ୍ ପ୍ରସାରଣ ବୋର୍ଡ଼ କଣ୍ଟ୍ରୋଲ୍‌ରୁମ୍‌ର ନଜରରେ ରହିଛି । ପୂର୍ବରୁ ସମସ୍ତ ନୋଡାଲ୍ ସେଣ୍ଟର ମାନଙ୍କୁ ପ୍ରଶ୍ନପତ୍ର ପଠାଇ ଦିଆଯାଇଛି । ପିଲାମାନେ ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଏବଂ ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଗଣମାଧ୍ୟମ ଜରିଆରେ ପରାମର୍ଶ ଦେଇଛନ୍ତି ।

# ଯାଜପୁର ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ପଦକ୍ଷେପ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବାଲ୍ୟବିବାହ ନିଷେଧ ଆଇନ୍ ସମ୍ପର୍କିତ ସମୀକ୍ଷା ବୈଠକ.. ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଅଂଶୀଦାର ସମୂହଙ୍କ ସ୍ୱାଗତ କରିବା ସହ ସମୀକ୍ଷା ବୈଠକର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଆଗାମୀ ଦିନରେ ଜିଲ୍ଲାକୁ ବାଲ୍ୟବିବାହ ମୁକ୍ତ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାପାଇଁ ମତାମତ ଲୋଡ଼ିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିରୁଦ୍ଧ ରାଉତରାୟ, ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଶାନ୍ତ କୁମାର ମାଝି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ପ୍ରକାଶ ଚନ୍ଦ୍ର ବଳ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ, ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁକିନ୍ଦା ସୁଜାତା ମହାପାତ୍ର ଓ ଦାନଗଦି ସିଡିପିଓ ନନ୍ଦିନୀ ଲେଙ୍କା ପ୍ରମୁଖ ଯୋଗଦେଇ କାର୍ଯ୍ୟସୂଚୀ ଉପରେ ନିଜ ମତାମତ ରଖିଥିଲେ । ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା କହିଲେ କି ବାଲ୍ୟ ବିବାହ ଶିଶୁମାନଙ୍କ ପାଇଁ ହିଂସା ସଦୃଶ । ଏହାଦ୍ୱାରା ଶିଶୁଟି ତାର ଶିକ୍ଷା ଅଧିକାରରୁ ବଞ୍ଚିତ ହୋଇଥାଏ ଓ ଅନେକ ଅସୁବିଧା ଜନକ ପରିସ୍ଥିତି ଦେଇ ଗତିକରିଥାଏ । ସ୍ୱାସ୍ଥ୍ୟଗତ ଓ ମାନସିକ ସ୍ତରରେ କ୍ଷତିଗ୍ରସ୍ତ ହୋଇଥାଏ । ତୃଣମୂଳ ସ୍ତରରୁ ଜିଲ୍ଲା ପର୍ଯ୍ୟନ୍ତ ସମସ୍ତ ଅଂଶୀଦାର ସମୂହ ଓ ବିଭିନ୍ନ କମିଟିର ବୈଠକ ଓ ଅଂଶୀଦାର ମାନଙ୍କ ମଧ୍ୟରେ ସମନ୍ୱୟର ଆମେ ଆମ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବା । ଆମ ପାଖରେ ମାନବ ସମ୍ବଳର ଅଭାବ ନାହିଁ, କିନ୍ତୁ ମାନସିକତା ଅଭାବ ରହିଛି। ଅଂଶୀଦାର ସମୂହ ନିଜ ଦାୟିତ୍ୱ ନିର୍ବାହ କଲେ ଆମର ଜିଲ୍ଲାକୁ ବାଲ୍ୟବିବାହ ମୁକ୍ତ କରିପାରିବା । ଯେଉଁମାନେ ବାଲ୍ୟବିବାହ ହେଉଛି ବୋଲି ଅବଗତ ଥାଇ ଉପସ୍ଥିତ ବାଲ୍ୟବିବାହରେ ସମ୍ପୃକ୍ତ ବ୍ୟକ୍ତି ବିଶେଷ ବିରୋଧରେ ନିକଟସ୍ଥ ପୋଲିସ ଥାନାରେ ଅଭିଯୋଗ ଦାଖଲ କରିବା ଆମର ଦାୟିତ୍ୱ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ମତ ଦେଇଥିଲେ କି ପ୍ରତ୍ୟେକ ବିଦ୍ୟାଳୟରେ କିଶୋରୀ ମାନଙ୍କ ପାଇଁ ଉଚିତ୍ ପରାମର୍ଶ ଦିଆଯାଉଛି । ଆବଶ୍ୟକ ସ୍ଥଳେ ଅଦବିକା କାର୍ଯ୍ୟକ୍ରମ ବିଷୟରେ ପିଲାମାନଙ୍କୁ ଅବଗତ କରାଯିବ । ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ପ୍ରକାଶ ଚନ୍ଦ୍ର ବଳ କହିଲେ କି ଗାଁ କଲ୍ୟାଣ ସମିତିର ବୈଠକରେ ଶିଶୁ ସୁରକ୍ଷା ଓ ଅଧିକାର ଉପରେ ବିଶେଷ ଆଲୋଚନା ହେବ । ଉକ୍ତ କାର୍ଯ୍ୟକ୍ରମରେ ପିଲା ପ୍ରତିନିଧି ଯୋଗଦାନ କରିବେ। ପ୍ରତ୍ୟକ ପଞ୍ଚାୟତ ହେବ ଶିଶୁ ଅନୁକୂଳ ପଂଚାୟତ, ଜିଲ୍ଲାରେ ବିଭିନ୍ନ ଧର୍ମସ୍ଥଳୀରେ ବାଲ୍ୟବିବାହ ନିଷେଧ ଆଇନ୍ ସପର୍କିତ ପୋଷ୍ଟର ଲାଗିବ । କିଶୋର କିଶୋରୀ ମାନଙ୍କ ବ୍ଲକ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ । ସରକାର ପଞ୍ଚାୟତ ସ୍ତରରେ ପିଇଓ, ସ୍କୁଲ୍ ପ୍ରଧାନ ଶିକ୍ଷକ ଓ ଆବାସିକ ବିଦ୍ୟାଳୟର ୱାର୍ଡେନ୍ ମାନଙ୍କୁ ବାଲ୍ୟ ବିବାହ ନିଷେଧ ଅଧିକାରୀ ରୂପେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କ ବାଲ୍ୟବିବାହ ସମ୍ପର୍କିତ ନିର୍ଦ୍ଦେଶାବଳି ସମସ୍ତ ଜିଲ୍ଲାରେ କାର୍ଯ୍ୟ କରୁଥିବା ଅଂଶୀଦାର ସମୂହ ଅନୁପାଳନ କରିବା ଜରୁରୀ ଅଟେ । ଉକ୍ତ ବୈଠକରେ ଆକ୍ସନ୍ ଏଡ୍‌ର ରୋଜାଲିନ୍ ପଣ୍ଡା, ଟାଟାଷ୍ଟିଲ୍ ଫାଉଣ୍ଡେସନ୍ ବିଶ୍ୱ ଭୂଷଣ ଦ୍ୱିବେଦୀ ଓ ଝୁନା ରାଣୀ ଦଳାଇ, ରୁଚିକା ସ୍ୱେଚ୍ଛାସେବୀ ସଂଗଠନର ଶୁଭସ୍ମିତା ମହାନ୍ତି, ଜିଲ୍ଲା ମଙ୍ଗଳ ବିଭାଗର ସୁଧାକର ପ୍ରଧାନ, ଜିଲ୍ଲା ମହିଳା ହବ୍‌ର ସଂଯୋଜକ ପ୍ରଭାତ କୁମାର ଘଡେଇ ଓ ଶ୍ରଦ୍ଧାଞ୍ଜଳି ଦାସ ପ୍ରମୁଖ ଯୋଗଦେଇ ବାଲ୍ୟବିବାହ ନିଷେଧ ସମ୍ପର୍କିତ ଆଲୋଚନା କରିଥିଲେ । ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ପରାମର୍ଶଦାତା ଶିଶିର କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



# ଚାମ୍ପିୟନ୍ସ ଟ୍ରଫିରେ ଭାରତ-ପାକିସ୍ତାନ ଲଢେଇ



**ନୂଆଦିଲ୍ଲୀ**

ଭାରତକୁ ଚାମ୍ପିୟନ୍ସ ଟ୍ରଫିର ସେମି ଫାଇନାଲ ପାଇଁ ଗୋଟିଏ ବିଜୟ ଦରକାର। ସେହିପରି ପାକିସ୍ତାନ ଟପ୍ ୪ରେ ରହିବା ପାଇଁ ଭାରତ ବିପକ୍ଷ ମ୍ୟାଚ୍ ଜିତିବା ଜରୁରୀ।

ଚାମ୍ପିୟନ୍ସ ଟ୍ରଫି ୨୦୨୫ର ସବୁଠାରୁ ବଡ଼ ମ୍ୟାଚ୍ ରବିବାର ଖେଳାଯିବ। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ମୁହାଁମୁହିଁ ହେବେ ଦୁଇ ଚୀର ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ। ଏହି ଲଢ଼େଇକୁ ନେଇ କ୍ରିକେଟ ଫ୍ୟାନ୍ସ ଯେତିକି ଉତ୍ସାହିତ ଦୁଇ ଦେଶର ଖେଳାଳି ମଧ୍ୟ ସେତିକି ନର୍ଭସ। ଭାରତ-ପାକିସ୍ତାନ ହାଇଭୋଲଟେଜ ଲଢେଇ ରବିବାର ଦିନ ୨.୩୦ରୁ ଆରମ୍ଭ ହୋଇଯିବ।

ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫି ୨୦୨୫ର ଆୟୋଜନ କରୁଛି। କିନ୍ତୁ ଭାରତ ସେଠାକୁ ନ ଯାଇ ତାର ମ୍ୟାଚ୍‌ଗୁଡ଼ିକ ଦୁବାଇରେ ଖେଳୁଛି। ପ୍ରଥମଥର ପାଇଁ କୌଣସି ଆୟୋଜକ ଦେଶ ନିଜର ମ୍ୟାଚ୍ ଖେଳିବା ପାଇଁ ଅନ୍ୟତ୍ର ଯାତ୍ରା କରିଛି। ଏହି ଅଲୋଡ଼ା କୀର୍ତ୍ତିମାନ ପାକିସ୍ତାନ ନାଁରେ ଯୋଡ଼ି ହୋଇଯାଇଛି। ସୁରକ୍ଷା କାରଣରୁ ଭାରତୀୟ ଟିମ ପାକିସ୍ତାନ ଯିବାକୁ ମନା କରିଥିଲେ। ତେଣୁ ଭାରତ-ପାକିସ୍ତାନ ଲଢ଼େଇକୁ ନିଜ ଦେଶରେ ଉପଭୋଗ କରିବାକୁ ଚାହୁଁଥିବା ପାକ୍ ଫ୍ୟାନ୍ସ ମଧ୍ୟ ରୋହିତ ଆଣ୍ଡ କୋ ଉପରେ ଖପ୍ପା ହୋଇଛନ୍ତି।

ସେମାନେ ଏଥରର ଭାରତ-ପାକିସ୍ତାନ ଲଢେଇକୁ ସମ୍ମାନର ଲଢେଇ ଭାବେ ଚିତ୍ରିତ କରିଛନ୍ତି। ସେହିପରି ଆୟୋଜକ ହିସାବରେ ପାକିସ୍ତାନ ପ୍ରଥମ ମ୍ୟାଚ୍ କରାଚିରେ ଖେଳିଥିଲେ ହେଁ ଦଳକୁ ନ୍ୟୁଜିଲ୍ୟାଣ୍ଡ ଠାରୁ ହାରିବାକୁ ପଡ଼ିଥିଲା। ଏବେ ଭାରତ ବିପକ୍ଷ ଲଢେଇ ଦଳ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି। ଯଦି ଭାରତ ଠାରୁ ପାକିସ୍ତାନ ହାରି ଯାଉଛି, ତାହେଲେ ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ରାଉଣ୍ଡରୁ ବିଦାୟ ନେବାର ଆଶଙ୍କା ପ୍ରକାଶ ପାଇଛି। ତେଣୁ ପାକିସ୍ତାନ ଖେଳାଳି ଦୁଇ ପଟୁ ଅନେକ ଚାପରେ ରହିଛନ୍ତି।

ଅନ୍ୟପକ୍ଷରେ ଭାରତ ତାର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ବେଶ ସହଜରେ ୬ ୱିକେଟରେ ହରାଇ ଦେଇଛି। ଦଳ ପାଇଁ ବ୍ୟାଟିଂରେ ଶୁବମନ ଗିଲ ଶତକ ମାରିଥିବା ବେଳେ ବୋଲିଂରେ ମହମ୍ମଦ ଶାମି ୫ ୱିକେଟ ଦଖଲ କରିଥିଲେ। ଭାରତର ଅନ୍ୟ ଖେଳାଳି ମଧ୍ୟ ଠିକ ଠାକ ଫର୍ମରେ ରହିଛନ୍ତି।

ଭାରତୀୟ କ୍ୟାମ୍ପ ଖୁସି ଥିବା ବେଳେ ପାକିସ୍ତାନ ଡଗଆଉଟରେ ଅନେକ ସମସ୍ୟା ରହିଛି। ପ୍ରଥମେ ଆହତ କାରଣରୁ ଦଳର ଓପନର ଫଖର ଜମାନ ଚାମ୍ପିୟନ୍ସ ଟ୍ରଫିରୁ ବାଦ ପଡ଼ିଛନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ମ୍ୟାଚରେ ବାବର ଆଜମ ଅତ୍ୟନ୍ତ ଧିମା ଖେଳିବା ମଧ୍ୟ ପାକିସ୍ତାନର ଚିନ୍ତା ବଢାଇଛି। ପାକିସ୍ତାନର ୩ ପ୍ରମୁଖ ଦ୍ରୁତ ବୋଲର ଶାହୀନ ଶାହ ଆଫ୍ରିଦି, ହ୍ୟାରିଶ ରୌଫ ଓ ନଶୀମ ଶାହ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ପ୍ରବଳ ରନ ଖର୍ଚ୍ଚ କରିଥିଲେ।

କିନ୍ତୁ ରବିବାର ଭାରତ ବିପକ୍ଷ ମ୍ୟାଚ୍‌ରେ ସବୁ କିଛି ଶୂନରୁ ହିଁ ଆରମ୍ଭ ହେବ। ପାକିସ୍ତାନ ଏହି ମ୍ୟାଚ୍‌ରେ କେମିତି ନୂଆ ଆରମ୍ଭ କରିବ, ସେ ଚିନ୍ତାରେ ରହିଛି। ଭାରତକୁ ଚାମ୍ପିୟନ୍ସ ଟ୍ରଫିର ସେମି ଫାଇନାଲ ପାଇଁ ଗୋଟିଏ ବିଜୟ ଦରକାର। ସେହିପରି ପାକିସ୍ତାନ ଟପ୍ ୪ରେ ରହିବା ପାଇଁ ଭାରତ ବିପକ୍ଷ ମ୍ୟାଚ୍ ଜିତିବା ଜରୁରୀ। ହାରିଲେ ଆୟୋଜକ ଦଳ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେବ।

# ମ୍ୟାଚ୍ ପୂର୍ବରୁ ହଠାତ୍ ଅସୁସ୍ଥ ହୋଇଗଲେ ରିଷଭ ପନ୍ତ

**ନୂଆଦିଲ୍ଲୀ**

୨୩ ଫେବୃଆରୀ ରବିବାର ଦୁବାଇରେ ସବୁଠାରୁ ବଡ଼ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଯାଉଛି। ଚାମ୍ପିଅନ୍ସ ଟ୍ରଫି ୨୦୨୫ ର ଗ୍ରୁପ୍ ମ୍ୟାଚ୍‌ରେ ଭାରତ ଏବଂ ପାକିସ୍ତାନ ଦଳ ପରସ୍ପର ସହିତ ମୁକାବିଲା କରିବେ। ଏହି ମ୍ୟାଚ୍ ପାଇଁ ଉଭୟ ଦଳ କଠିନ ପ୍ରସ୍ତୁତି କରୁଥିବା ବେଳେ, ଟିମ୍ ଇଣ୍ଡିଆକୁ ଏକ ଖରାପ ଖବର ମିଳିଛି। ଟିମ୍ ଇଣ୍ଡିଆର ଷ୍ଟାର ଉଇକେଟ୍‌କିପର-ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ମ୍ୟାଚ୍‌ର ଗୋଟିଏ ଦିନ ପୂର୍ବରୁ ଅସୁସ୍ଥ ହୋଇପଡ଼ିଛନ୍ତି। ପନ୍ତଙ୍କ ଅସୁସ୍ଥତା ଟିମ୍ ଇଣ୍ଡିଆର ଟେନସନ୍ ବଢ଼ାଇ ଦେଇଛି, କାରଣ ଏବେ କେଏଲ୍ ରାହୁଲଙ୍କ ରୂପରେ କେବଳ ଜଣେ ଉଇକେଟକିପର ଅଛନ୍ତି।



ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ହେବାକୁ ଥିବା ବଡ଼ ମ୍ୟାଚ୍‌ର ଠିକ ଗୋଟିଏ ଦିନ ପୂର୍ବରୁ ଟିମ୍ ଇଣ୍ଡିଆର ଉପ-ଅଧିନାୟକ ଶୁଭମନ ଗିଲ ପନ୍ତଙ୍କ ବିଷୟରେ ଏହି ସୂଚନା ଦେଇଛନ୍ତି। ଶନିବାର ଫେବୃଆରୀ ୨୨ ତାରିଖରେ ଟିମ୍ ଇଣ୍ଡିଆର ଅଭ୍ୟାସ ଅଧିବେଶନ ପରେ ଖବରଦାତା ସମ୍ମିଳନୀରେ ଶୁଭମନ ଗିଲ ପ୍ରକାଶ କରିଛନ୍ତି ଯେ ପନ୍ତ ହଠାତ୍ ଅସୁସ୍ଥ ହୋଇପଡ଼ିଛନ୍ତି, ଯେଉଁଥିଲାଗି ସେ ଏହି ଅଭ୍ୟାସ ଅଧିବେଶନରେ ଅଂଶଗ୍ରହଣ କରିପାର ନାହାନ୍ତି। ଭାରତୀୟ ଉପ-ଅଧିନାୟକ କହିଛନ୍ତି ଯେ ପନ୍ତ ଭାଇରାଲ ଜ୍ୱରରେ ପୀଡିତ ହୋଇଛନ୍ତି, ଏଥିଲାଗି ତାଙ୍କୁ ଏହି ଅଭ୍ୟାସ ସେଶନରୁ ବିଶ୍ରାମ ଦିଆଯାଇଥିଲା

ଏବେ ସମସ୍ତଙ୍କ ନଜର ରବିବାର ମ୍ୟାଚ୍ ପୂର୍ବରୁ ପନ୍ତ ଫିଟ ହୋଇପାରିବେ କି ନାହିଁ ତାହା ଉପରେ ରହିଛି ତଥାପି, ପନ୍ତଙ୍କ ଅନୁପସ୍ଥିତି ଟିମ୍ ଇଣ୍ଡିଆର ପ୍ଲେଇଂ ଇଲେଭେନକୁ ପ୍ରଭାବିତ କରିବ ନାହିଁ କାରଣ ଏହି ମ୍ୟାଚ୍‌ରେ ମଧ୍ୟ ତାଙ୍କ ପାଇଁ ଖେଳିବା କଷ୍ଟକର ଟିମ୍ ଇଣ୍ଡିଆ ଏହି ଟୁର୍ଣ୍ଣାମେଣ୍ଟ ପାଇଁ କେଏଲ୍ ରାହୁଲଙ୍କୁ ପ୍ରଥମ ଉଇକେଟକିପର-ବ୍ୟାଟ୍ସମ୍ୟାନ ଭାବରେ ନିଯୁକ୍ତ କରିଛି। ସେ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ଏହି ଦାୟିତ୍ୱ ନେଇଥିଲେ। ଏପରି ପରିସ୍ଥିତିରେ, ପନ୍ତଙ୍କୁ ଦ୍ୱିତୀୟ ମ୍ୟାଚରେ ମଧ୍ୟ ସ୍ଥାନ ମିଳିବ ନାହିଁ ବୋଲି କୁହାଯାଉଛି।

ଏହା ସତ୍ତ୍ୱେ ପନ୍ତଙ୍କ ଅସୁସ୍ଥତା ଟିମ୍ ଇଣ୍ଡିଆ ପାଇଁ ଚିନ୍ତାର ବିଷୟ ପାଲଟିଛି। କାରଣ ଯଦି ମ୍ୟାଚ୍ ପୂର୍ବରୁ କିମ୍ବା ମ୍ୟାଚ ସମୟରେ ରାହୁଲ ଆହତ ହୁଅନ୍ତି ଏବଂ ପନ୍ତ ମଧ୍ୟ ଫିଟ୍ ନ ହୁଅନ୍ତି, ତେବେ ଟିମ ଇଣ୍ଡିଆ ଉଇକେଟକିପର ବାଛିବା ସମସ୍ୟାର ସମ୍ମୁଖୀନ ହେବେ। ଏହି ଦୁଇଜଣଙ୍କ ବ୍ୟତୀତ, ଭାରତୀୟ ଦଳରେ ତୃତୀୟ ମୁଖ୍ୟ ଉଇକେଟ୍‌କିପର ନାହାନ୍ତି। ଏପରି ପରିସ୍ଥିତିରେ ଭାରତୀୟ ଦଳ ପନ୍ତ ମଧ୍ୟ ଶୀଘ୍ର ଜ୍ୱରରୁ ସୁସ୍ଥ ହୋଇଯିବା ଆଶା କରୁଛି।

# କୋହଲିଙ୍କ ହାବଭାବ ଦେଖି ପାକିସ୍ତାନ ଛାନିଆ !

**ଦୁବାଇ**

କଥାରେ ଅଛି ଯଦି ତୁମେ କିଛି କରିବା ଲାଗି ନିଶ୍ଚିତ କରିନିଅ ତେବେ କିଛି ବି କଷ୍ଟକର ନୁହେଁ। ଷ୍ଟାର ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ମଧ୍ୟ ପାକିସ୍ତାନକୁ ପରାସ୍ତ କରିବାକୁ ଏଭଳି ନିଷ୍ପତ୍ତି ନେଇସାରିଛନ୍ତି। ମ୍ୟାଚ୍ ପୂର୍ବରୁ ତାଙ୍କର ହାବଭାବରୁ ଏହା ସ୍ପଷ୍ଟ ହେଉଛି। ପାକିସ୍ତାନ ବିପକ୍ଷ ବଡ଼ ମୁକାବିଲା ପୂର୍ବରୁ କୋହଲି ଦଳର ଅନ୍ୟ ଖେଳାଳିମାନଙ୍କଠାରୁ ୯୦ ମିନିଟ ପୂର୍ବରୁ ନେଟ୍ସରେ ଅଭ୍ୟାସ କରିବାକୁ ପହଞ୍ଚିଯାଇଥିଲେ। ସେଠାରେ ସେ ପ୍ରଥମେ ବ୍ୟାଟିଂ ଅଭ୍ୟାସ ଆରମ୍ଭ କରିଥିଲେ।

ବିରାଟ ଦଳର ଦୁଇ ଜଣ ସପୋର୍ଟ ଷ୍ଟାଫ୍‌ଙ୍କ ସହିତ ଏକ ଭ୍ୟାନ୍‌ରେ ଦୁବାଇ ଷ୍ଟାଡିୟମରେ ପହଞ୍ଚିଥିଲେ, ଯେଉଁଠାରେ ସେ ନେଟ୍ସରେ ବ୍ୟାଟିଂ ଅଭ୍ୟାସ ଆରମ୍ଭ କରିଥିଲେ। ଏହି ସମୟରେ ସେ ନେଟ୍ସରେ ରହି ସ୍ଥାନୀୟ ବୋଲରଙ୍କ ବିପକ୍ଷରେ ଖେଳିଥିଲେ। କୋହଲି ସର୍ବଦା କିପରି ତାଙ୍କ ଦଳକୁ ମ୍ୟାଚ୍ ଜିତାଇପାରିବେ ସେନେଇ ଚିନ୍ତା କରନ୍ତି। ଦୁବାଇରେ କୋହଲିଙ୍କ ଅଭ୍ୟାସ ସମୟରେ ସମାନ ଚିନ୍ତାଧାରାର ଏକ ଝଲକ ଦେଖିବାକୁ ମିଳିଥିଲା, ଯେଉଁଠାରେ ସେ ତାଙ୍କ ସାଥୀ ଖେଳାଳିମାନଙ୍କଠାରୁ ଦେଢ଼ ଘଣ୍ଟା ପୂର୍ବରୁ ନେଟରେ ପ୍ରବେଶ କରିଥିଲେ।

ବାଂଲାଦେଶ ବିପକ୍ଷରେ ଖେଳାଯାଇଥିବା ଚାମ୍ପିଅନ୍ସ ଟ୍ରଫିର



ପ୍ରଥମ ମ୍ୟାଚ୍‌ରେ ବିରାଟ କୋହଲି ୨୨ ରନ୍‌ରୁ ଅଧିକ ସ୍କୋର କରିପାରି ନଥିଲେ। କିନ୍ତୁ ପାକିସ୍ତାନ ବିପକ୍ଷ ଆଗାମୀ ମ୍ୟାଚ୍‌ରେ ସେ ଭଲ ଖେଳିବେ ବୋଲି ଆଶା କରାଯାଉଛି। କାରଣ ଅତୀତରେ ଯେବେ ବି ସେ ଖେଳିଛନ୍ତି ତାଙ୍କର ମନୋଭାବ ବଦଳିଯିବା ନଜିର ରହିଛି। ଏହି କାରଣରୁ ସେ ବର୍ତ୍ତମାନ ମ୍ୟାଚ୍‌ରେ ପାକିସ୍ତାନ ବିପକ୍ଷରେ ଦ୍ୱିତୀୟ ସର୍ବାଧିକ ରନ ସ୍କୋରର୍ ଅଟନ୍ତି। ସେ ଏପର୍ଯ୍ୟନ୍ତ ପାକିସ୍ତାନ ବିପକ୍ଷରେ ମ୍ୟାଚ୍‌ରେ ୫୫ ରୁ ଅଧିକ ହାରରେ ୩୩୩ ରନ କରିଛନ୍ତି।

ଫେବୃଆରୀ ୨୩ ତାରିଖରେ ଦୁବାଇରେ ଯେତେବେଳେ ଭାରତ ଏବଂ ପାକିସ୍ତାନ ଦଳ ପରସ୍ପରର ମୁହାଁମୁହିଁ ହେବେ, ବିରାଟ କୋହଲି ମଧ୍ୟ ଦୁଇଟି ଉପଲବ୍ଧି ପାଇଁ ଲକ୍ଷ୍ୟ ରଖିବେ। ପ୍ରଥମତଃ ସେ ୧୪୦୦୦ ଦିନିକିଆ ରନ ପୂରଣ କରିପାରନ୍ତି ଏବଂ ଦ୍ୱିତୀୟତଃ ସେ ପାକିସ୍ତାନ ବିପକ୍ଷରେ ଆଇସିସି ଦିନିକିଆ ଟୁର୍ଣ୍ଣାମେଣ୍ଟରେ ସ୍କୋର୍ ମାମଲାରେ ଅଧିନାୟକ ରୋହିତ ଶର୍ମାଙ୍କୁ ପଛରେ ପକାଇପାରନ୍ତି। କିନ୍ତୁ ସର୍ବୋପରି ପାକିସ୍ତାନକୁ ପରାସ୍ତ କରି ଟୁର୍ଣ୍ଣାମେଣ୍ଟରୁ ବାହାର କରିବା ତାଙ୍କର ଉଦ୍ଦେଶ୍ୟ ରହିବ। ଏହି କାରଣରୁ ସେ ତାଙ୍କ ଅନ୍ୟ ସାଥୀ ଖେଳାଳିମାନଙ୍କଠାରୁ ୯୦ ମିନିଟ ପୂର୍ବରୁ ଅଭ୍ୟାସ କରିବାକୁ ଯାଇଥିବା କୁହାଯାଉଛି।

# ସର୍ବସମାବେଶୀ ସଂସ୍କୃତିର ପ୍ରତୀକ ମହାକୁମ୍ଭ



**ଗଜେନ୍ଦ୍ର ସିଂହ ଶେଖାୱତ**
କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ, ଭାରତ ସରକାର

ଯଦି ତୁମେ ଭାରତର ଗାଁ ଗଣ୍ଡା ଏବଂ ଜନପଦ ମଧ୍ୟ ଦେଇ ଯାତ୍ରା କରିବ ତେବେ ତୁମକୁ ଏଭଳି ଅସଂଖ୍ୟ ଲୋକ ଦେଖିବାକୁ ମିଳିବେ ଯେଉଁମାନେ ପ୍ରାତଃକାଳରୁ ସ୍ନାନ କରିବା ସମୟରେ ଗଙ୍ଗେ ଚ ଯମୁନେ ଚୈବ ଗୋଦାବରୀ ସରସ୍ୱତୀ ନର୍ମଦେ ସିନ୍ଧୁ କାବେରୀ ଜଳେସ୍ମିନ ସନ୍ନିଧି କୁରୁଃ ଭଳି ମନ୍ତ୍ର ଉଚ୍ଚାରଣ କରୁଥିବେ। ଏହି ମନ୍ତ୍ରର ଅର୍ଥ ହେଲା ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ସିନ୍ଧୁ ଏବଂ କାବେରୀ ମୋର ଜଳରେ ଉପସ୍ଥିତ ହୋଇ ଏହାକୁ ପବିତ୍ର କର ସ୍ନାନ ଭଳି ନିତ୍ୟକର୍ମ ସମୟରେ ରାଷ୍ଟ୍ରର ସମସ୍ତ ପବିତ୍ର ନଦୀମାନଙ୍କୁ ଆହ୍ୱାନ କରିବା ଏହା ସୂଚୀତ କରେ ଯେ ଭାରତ ଭୂମିର ଲୋକମାନଙ୍କର ନଦୀମାନଙ୍କ ପ୍ରତି କେତେ ମାତ୍ରାରେ ଗଭୀର ଶ୍ରଦ୍ଧାଭାବ ରହିଛି।

ସମଗ୍ର ବିଶ୍ୱରେ ପ୍ରାୟ ସମସ୍ତ ସଭ୍ୟତାମାନଙ୍କର ଜନ୍ମ ନଦୀତଟରୁ ହିଁ ହୋଇଛି। କିନ୍ତୁ ଭାରତ ହେଉଛି ସମ୍ପୂର୍ଣ୍ଣ ରୂପେ ଏକ ନଦୀ ସଂସ୍କୃତି ଉପରେ ଗଢ଼ି ଉଠିଥିବା ରାଷ୍ଟ୍ର। ଭାରତର ଉତ୍ତର ଦିଗରେ ସିନ୍ଧୁ ଠାରୁ ଆରମ୍ଭ କରି ଦକ୍ଷିଣରେ କୃଷ୍ଣା- କାବେରୀ ପର୍ଯ୍ୟନ୍ତ ଏବଂ ପୂର୍ବରେ ବ୍ରହ୍ମପୁତ୍ର ଠାରୁ ନେଇ ପଶ୍ଚିମରେ ନର୍ମଦା ପର୍ଯ୍ୟନ୍ତ ଭାରତର ଏହି ପୁଣ୍ୟ ସଲିଳାମାନେ ଅନନ୍ତକାଳରୁ କୋଟି କୋଟି ଭାରତବାସୀଙ୍କ ଜୀବନକୁ ଉଦ୍ଧାର କରିବାରେ ସହାୟକ ହୋଇଆସିଛନ୍ତି। ଏହିସବୁ ନଦୀମାନେ ମାଆ ଭଳି ଆମର ଭରଣ ପୋଷଣ କରିଆସୁଛନ୍ତି। ଆମେ ଯେତେବେଳେ ଯାହା କିଛି ସମସ୍ୟାରେ ପଡ଼ିଯାଇଥାଏ ଏବଂ ଆମକୁ କିଛି ବୁଦ୍ଧିବାଟ ଦିଶି ନଥାଏ ସେତେବେଳେ ଏହି ନଦୀରୂପୀ ମାତାମାନଙ୍କ ନିକଟକୁ ଆସି ଆମେ ଶାନ୍ତିର ସନ୍ଧାନ କରିଥାଏ। ପୁଣି ଆମେମାନେ ଯେତେବେଳେ ଏହି ସଂସାରରେ ଲୌକିକ ଯାତ୍ରା ଶେଷ କରି ପାରଲୌକିକ ଯାତ୍ରାରେ ବାହାରିଥାଏ ଏହିସବୁ ନଦୀମାନେ ହିଁ ଆମକୁ ସେମାନଙ୍କ କୋଳରେ ଆଶ୍ରୟ ଦେଇଥାଆନ୍ତି। ଏହିସବୁ ନଦୀମାନେ କେବଳ ଆମର ଧାର୍ମିକ ଆଧ୍ୟାତ୍ମିକ ଜୀବନରେ ବିଲକ୍ଷଣ ମହତ୍ତ୍ୱ ରଖି ନଥାଆନ୍ତି, ଅପିତୁ ସେମାନେ ଆମର ସାମାଜିକ, ଆର୍ଥିକ, ବୈଜ୍ଞାନିକ ତଥା ଅନ୍ୟ ଅନେକ ରୂପରେ ଆମମାନଙ୍କର ସହାୟତା କରିଥାଆନ୍ତି ବୋଲି ସମସ୍ତେ ସ୍ୱୀକାର କରିଥାନ୍ତି।

ଏହି କାରଣରୁ ଆମର ଧର୍ମଗ୍ରନ୍ଥଗୁଡ଼ିକରେ ନଦୀମାନଙ୍କୁ ମାତାର ମର୍ଯ୍ୟାଦା ପ୍ରଦାନ କରାଯାଇଛି। ଋଗବେଦର ନଦୀ ସୂକ୍ତଠାରୁ ଆରମ୍ଭ କରି ଆଧୁନିକ ସାହିତ୍ୟ ପର୍ଯ୍ୟନ୍ତ, ନଦୀମାନଙ୍କର ମହିମାକୁ ବ୍ୟାପକ ରୂପରେ ଦର୍ଶାଯାଇ ଆସିଛି। ମହାଭାରତ, ମତ୍ସ୍ୟ ପୁରାଣ, ବ୍ରହ୍ମ ପୁରାଣ ଏବଂ କାଳିଦାସଙ୍କ ଦ୍ୱାରା ରଚିତ ଗ୍ରନ୍ଥମାନଙ୍କରେ ସୁଦ୍ଧା ନଦୀମାନଙ୍କ ପବିତ୍ରତାର ରେଖାଙ୍କନ କରାଯାଇଛି।

କୁମ୍ଭ ମହାପର୍ବ, ସେହିସବୁ ନଦୀମାନଙ୍କର ମାହାତ୍ମ୍ୟର ମହାପର୍ବ ବୋଲି କୁହାଯାଇପାରେ, ଯାହା ବିବିଧତା ମଧ୍ୟରେ ଏକତାକୁ ହିଁ ପ୍ରଦର୍ଶିତ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରୁଛି। କୁମ୍ଭମେଳା ଭାରତର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ପରମ୍ପରାମାନଙ୍କ ମଧ୍ୟରେ ସବୁଠାରୁ ବଡ଼ ପର୍ବ, ଏଥିରେ ଦ୍ୱିରୁକ୍ତି ନାହିଁ। ଏହି ମହାପର୍ବ ଖଗୋଳ ବିଜ୍ଞାନ, ଆଧ୍ୟାତ୍ମିକତା, କର୍ମକାଣ୍ଡର ପରମ୍ପରା ଏବଂ ସାମାଜିକ ତଥା ସାଂସ୍କୃତିକ ଜ୍ଞାନ ବିଜ୍ଞାନର ବହୁବର୍ଣ୍ଣତାରେ ସମସ୍ତଙ୍କୁ ଆକର୍ଷିତ କରିଆସୁଛି।

ଅଥର୍ବ ବେଦରେ ଉଲ୍ଲେଖ ଥିବାର ପ୍ରମାଣ ରହିଛି ଯେ ଭଗବାନ ବ୍ରହ୍ମା ହରିଦ୍ୱାର, ପ୍ରୟାଗରାଜ, ଉଜ୍ଜୟିନୀ ଏବଂ ନାସିକରେ ଚାରିଗୋଟି କୁମ୍ଭ ସ୍ଥାପନ କରିଥିଲେ, ଯେଉଁଥିପାଇଁ ଏହି ଉତ୍ସବକୁ ଏତେ ପବିତ୍ର ଭାବରେ ଗ୍ରହଣ କରାଯାଇଥାଏ। ସ୍କନ୍ଦ ପୁରାଣରେ ବର୍ଣ୍ଣନା ଥିବା କୁମ୍ଭ ଯୋଗ ସୂଚୀତ କରେ ଯେ ମେଷରାଶିଂ ଗତେ ଜୀବେ ମକରେ ଚନ୍ଦ୍ର ଭାସ୍କରୀ ଅମାବାସ୍ୟା ତଦା ଯୋଗଃ କୁମ୍ଭାଖ୍ୟସ୍ତିଥନାୟକେ ଅର୍ଥାତ୍, ଯେଉଁ ସମୟରେ ବୃହସ୍ପତି ମେଷ ରାଶି ଉପରେ ଉପସ୍ଥିତ ହେବେ ତଥା ଚନ୍ଦ୍ର ଏବଂ ସୂର୍ଯ୍ୟ ମକର ରାଶି ଉପରେ ରହିବେ ସେହି ସମୟରେ ତୀର୍ଥରାଜ ପ୍ରୟାଗରେ କୁମ୍ଭ ଯୋଗ ହେବ।

କୁମ୍ଭର ଆୟୋଜନ ସମାଜ, ଧର୍ମ ଏବଂ ସଂସ୍କୃତିର ସମନ୍ୱୟର ପ୍ରତୀକ ଅଟେ। ଏଥିରେ ପ୍ରମୁଖ ଆଖଡ଼ାମାନଙ୍କର ସାଧୁ, ସନ୍ଥ, ମହାତ୍ମା ଏବଂ ନାଗା ସନ୍ନ୍ୟାସୀଗଣ ସଂସାରର ସମ୍ପୂର୍ଣ୍ଣ କଷ୍ଟ ନିବାରଣାର୍ଥେ ତଥା ସମାଜ, ରାଷ୍ଟ୍ର ଏବଂ ଧର୍ମ ଆଦିର କଲ୍ୟାଣ ନିମନ୍ତେ ଅମୂଲ୍ୟ ଦିବ୍ୟ ଉପଦେଶ ପ୍ରଦାନ କରିଥାଆନ୍ତି। ପ୍ରୟାଗ କୁମ୍ଭରେ ତିନି ପ୍ରମୁଖ ସ୍ନାନ ସମ୍ପନ୍ନ ହୋଇଥାଏ। ସେଗୁଡ଼ିକ ହେଲା ମକର ସଂକ୍ରାନ୍ତି, ମୌନୀ ଅମାବାସ୍ୟା ଏବଂ ବସନ୍ତ ପଞ୍ଚମୀ ତିଥିରେ। ଏହି ତିନି ସ୍ନାନରେ ସର୍ବପ୍ରଥମ ସ୍ନାନିର୍ମାଣୀ ଆଖଡାର ସାଧୁସନ୍ଥ, ଦ୍ୱିତୀୟ ସ୍ନାନ ନିରଞ୍ଜନୀ ଆଖଡର ସାଧୁସନ୍ଥ ଏବଂ ତୃତୀୟ ସ୍ନାନ ଜୁନା ଆଖଡାର ସାଧୁସନ୍ଥମାନେ କରିଥାଆନ୍ତି। ଏହା ପରେ ସମସ୍ତ ସମ୍ପ୍ରଦାୟର ଅନୁଗାମୀ ତଥା ଅନ୍ୟାନ୍ୟ ଶ୍ରଦ୍ଧାଳୁମାନେ ତ୍ରିବେଣୀ ବୁଡ଼ ପକାଇଥାଆନ୍ତି।

କୁମ୍ଭ ପର୍ବର ପ୍ରାଚୀନତା ସମ୍ପର୍କରେ କୌଣସି ସନ୍ଦେହର ଅବକାଶ ନାହିଁ। କିନ୍ତୁ ଏହି କଥା ଅବଶ୍ୟ ମହତ୍ତ୍ୱପୂର୍ଣ୍ଣ ଯେ କୁମ୍ଭ ମେଳାର ଶ୍ରୀଗଣେଶ କିଏ କରିଥିଲେ ? ବିଦ୍ୱାନମାନଙ୍କର ସିଦ୍ଧାନ୍ତ ହେଲା ଯେ ଏହାର ପ୍ରବର୍ତ୍ତକ ନିଶ୍ଚିତ ଭାବରେ ଆଦି ଶଙ୍କରାଚାର୍ଯ୍ୟ ହିଁ ଥିଲେ। ସେ କୁମ୍ଭ ପର୍ବର ପ୍ରଚାରର ବ୍ୟବସ୍ଥା ଧାର୍ମିକ ସଂସ୍କୃତିକୁ ସୁଦୃଢ଼ ଓ ଶାଶ୍ୱତ ରଖିବା ନିମନ୍ତେ ତଥା ଜଗତର କଲ୍ୟାଣକୁ ଦୃଷ୍ଟିରେ ରଖି ଆରମ୍ଭ କରିଥିଲେ। ତାଙ୍କରି ଆଦର୍ଶ ଅନୁସାରେ ଆଜି ସୁଦ୍ଧା କୁମ୍ଭପର୍ବର ଚାରି ସୁପ୍ରସିଦ୍ଧ ତୀର୍ଥମାନଙ୍କରେ ସମସ୍ତ ସମ୍ପ୍ରଦାୟର ସାଧୁ- ମହାତ୍ମାଗଣ ଦେଶ- କାଳ- ପରିସ୍ଥିତି ଅନୁରୂପ ଲୋକକଲ୍ୟାଣ ଦୃଷ୍ଟିରୁ, ଧର୍ମ ରକ୍ଷାର୍ଥ ଧର୍ମର ପ୍ରଚାର କରିବା ସକାଶେ, ଯେଉଁ କାର୍ଯ୍ୟରୁ ସର୍ବଜନ କଲ୍ୟାଣ ସାଧିତ ହୋଇପାରିବ ସେଥି ପାଇଁ ସଂପାଦନ କରାଯାଇ ଆସୁଛି।

କୁମ୍ଭର ଇତିହାସ କାଣ୍ୟକୁବଜର ଶାସକ ସମ୍ରାଟ ହର୍ଷବର୍ଦ୍ଧନଙ୍କ ସହିତ ସଂଯୁକ୍ତ ହୋଇ ରହିଛି। ସମ୍ରାଟ ହର୍ଷବର୍ଦ୍ଧନ କୁମ୍ଭମେଳା ଅବସରରେ ପ୍ରୟାଗରେ ଅବସ୍ଥାନ ପୂର୍ବକ ସର୍ବଧର୍ମ ସମ୍ମେଳନର ଆୟୋଜନ କରିଥିଲେ ଏବଂ ସମସ୍ତ ମତାବଲମ୍ବୀମାନଙ୍କର ବିଚାର ଶ୍ରବଣ କରୁଥିଲେ। ଧାର୍ମିକ ସହିଷ୍ଣୁତା ସହିତ ମହାରାଜ ହର୍ଷବର୍ଦ୍ଧନ ଏହି ଅବସରରେ ନିଜର ଦାନଶୀଳତାର ମଧ୍ୟ ପରିଚୟ ପ୍ରଦାନ କରିବାର ପ୍ରମାଣ ରହିଛି। ଚୀନ ପରିବ୍ରାଜକ ହୁଏନସାଂଙ୍କ ଭାରତ ଯାତ୍ରା ବିବରଣ ଅନୁସାରେ କୁମ୍ଭଯାତ୍ରା ଅବସରରେ ସମ୍ରାଟ ହର୍ଷବର୍ଦ୍ଧନ ନିଜର ସର୍ବସ୍ୱ ଧନସମ୍ପତ୍ତି ମୁକ୍ତ ହସ୍ତରେ ଦାନ କରି ଦେଇଥିଲେ। ସମ୍ରାଟ ହର୍ଷବର୍ଦ୍ଧନ ନିଜର ସମୁଦାୟ ରାଜକୋଷ କୁମ୍ଭ ଅବସରରେ ନିଃଶେଷ କରିବା ଦାତାଙ୍କର ଦାନଶୀଳତା ଏବଂ ମହାନୁଭବତାର ପରିଚୟ ପ୍ରଦାନ କରେ। ଯେତେବେଳେ ଆଉ ଦାନ ପାଇଁ ତାଙ୍କ ହାତରେ କିଛି ହେଲେ ଧନ ସମ୍ପତ୍ତି ବଂଚି ନଥିଲା ସେତେବେଳେ ସେ ନିଜର ବସ୍ତ୍ରାଭୂଷଣ ତଥା ମୁକୁଟ ପର୍ଯ୍ୟନ୍ତ ଓହ୍ଲାଇ ସାଧୁ ସନ୍ନ୍ୟାସୀ ଏବଂ ଅନ୍ୟ ବ୍ରାହ୍ମଣମାନଙ୍କୁ ଦାନ ଦେଇଥିଲେ। ଯେତେବେଳେ ନିଜ ଶରୀରକୁ ଆବୃତ୍ତ କରିବା ଲାଗି ତାଙ୍କ ନିକଟରେ ବସ୍ତ୍ର ସୁଦ୍ଧା ରହି ନଥିଲା, ସେତେବେଳେ ତାଙ୍କ ଭଉଣୀ ରାଜଶ୍ରୀ ଭାଇଙ୍କୁ ପିନ୍ଧିବା ଲାଗି ବସ୍ତ୍ର ଦାନ କରିଥିଲେ। ମହାରାଜ ହର୍ଷବର୍ଦ୍ଧନଙ୍କ ତ୍ୟାଗ ଏବଂ ଦାନ ଗାଥା ଏହି ପ୍ରେରଣା ଓ ପରମ୍ପରା କୁମ୍ଭରେ ଆଜି ସୁଦ୍ଧା ଅକ୍ଷୁର୍ଣ୍ଣ ଭାବରେ ଚାଲିଆସିଛି।

କୁମ୍ଭ କେବଳ ଏକ ଧାର୍ମିକ ଆୟୋଜନ ନୁହେଁ, ଅପରନ୍ତୁ ଏହାର ବୈଜ୍ଞାନିକ ଏବଂ ଜ୍ୟୋତିଷୀୟ ପକ୍ଷ ମଧ୍ୟ ବେଶ ମହତ୍ତ୍ୱପୂର୍ଣ୍ଣ। ଯେତେବେଳେ ସୂର୍ଯ୍ୟ ମକର ରାଶିରେ ଏବଂ ଗୁରୁ କୁମ୍ଭ ରାଶିରେ ଅବସ୍ଥାନ କରନ୍ତି, ସେତେବେଳେ ସ୍ନାନ କରିବା ଦ୍ୱାରା ବ୍ୟକ୍ତିର ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ସଂଗମର ଜଳରେ ପ୍ରାକୃତିକ ଖଣିଜ ଏବଂ ଔଷଧୀୟ ଗୁଣ ଭରି ରହିଥାଏ ଯାହା ଫଳରେ ଏଥିରେ ସ୍ନାନ କରିବା ଦ୍ୱାରା ଶରୀର ଶୁଦ୍ଧ ହୋଇଥାଏ।

କୋଟି କୋଟି ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ ସତ୍ତ୍ୱେ କୁମ୍ଭମେଳା ସ୍ଥଳରେ ଆଧୁନିକ ପ୍ରଯୁକ୍ତିର ପ୍ରୟୋଗ ଏବଂ କୁଶଳ ପ୍ରବନ୍ଧନ ଏହି ମେଳାକୁ ବିଶ୍ୱର ସର୍ବ ବୃହତ ଏବଂ ବ୍ୟବସ୍ଥିତ ଆୟୋଜନର ମାନ୍ୟତା ପ୍ରଦାନ କରିଛି। ସ୍ୱଚ୍ଛତା, ସୁରକ୍ଷା ଏବଂ ସୁବିଧାର ଏଭଳି ସଂଗମ କଦାଚିତ ଅନ୍ୟତ୍ର ଦେଖିବାକୁ ମିଳେ। ସରକାର ଏବଂ ପ୍ରଶାସନ ଏହାକୁ ପର୍ଯ୍ୟାବରଣ ଅନୁକୂଳରେ ପରିଣତ କରିବା ନିମନ୍ତେ ବିଶେଷ ପ୍ରୟାସ କରିଛନ୍ତି ଯାହା ଫଳରେ ଏହି ଆୟୋଜନ କେବଳ ଧାର୍ମିକ ନୁହେଁ, ଅପରନ୍ତୁ ସାମାଜିକ ଏବଂ ପର୍ଯ୍ୟାବରଣର ବାର୍ତ୍ତା ମଧ୍ୟ ପ୍ରଦାନ କରୁଛି।

କୁମ୍ଭମେଳା କେବଳ ଏକ ଧାର୍ମିକ ଆୟୋଜନ ନୁହେଁ, ଏହା ସାମାଜିକ ସମାନତା ଏବଂ ବୈଶ୍ୱିକ ଭାଇଚାରାର ମଧ୍ୟ ପ୍ରତୀକ ଭାବରେ ସୁପରିଚିତ। ଏହା ବସୁଧୈବ କୁଟୁମ୍ବକମ୍‌ର ଭାବନାକୁ ସାକାର କରୁଛି, ଯେଉଁଠାରେ ଜାତି, ଧର୍ମ ଏବଂ ବର୍ଗ ଭାବନାରୁ ଉର୍ଦ୍ଧ୍ୱକୁ ଉଠି ସମସ୍ତ ଶ୍ରଦ୍ଧାଳୁ ଜନ ଏକ ସମାନତାର ଭାବନାରେ ସମବେତ ହୋଇଛନ୍ତି। ଏହି ପର୍ବ ଆମକୁ ଆତ୍ମଶୁଦ୍ଧି, ପରୋପକାର ଏବଂ ସାମାଜିକ ସଦ୍ଭାବନାର ସଂଦେଶ ପ୍ରଦାନ କରୁଛି। କୁମ୍ଭ ମାଧ୍ୟମରେ ଭାରତୀୟ ସଂସ୍କୃତି ଏବଂ ଜୀବନ ଦର୍ଶନକୁ ବୈଶ୍ୱିକ ସ୍ତରରେ ପରିଚୟ ମିଳିପାରିଛି। ବିଦେଶାଗତ ପର୍ଯ୍ୟଟକମାନେ ଏଠାରେ ଭାରତୀୟ ପରମ୍ପରାମାନଙ୍କୁ ବୁଝିବା ଏବଂ ଆହରଣ କରିବା ନିମନ୍ତେ ଆଗମନ ଘଟୁଛି।

କୁମ୍ଭମେଳା ଭାରତୀୟ ସଂସ୍କୃତିର ଗଭୀରତା, ସହିଷ୍ଣୁତା ଏବଂ ଏକତାର ଅଦ୍ଭୁତ ସଙ୍ଗମ ଅଟେ। ଏହା କେବଳ ପବିତ୍ର ସ୍ନାନର ପର୍ବ ନୁହେଁ, ବରଂ ଜୀବନର ଗୂଢ଼ ରହସ୍ୟକୁ ଜାଣିବା, ଆତ୍ମଚିନ୍ତନ କରିବା ଏବଂ ମାନବତା ପ୍ରତି ସମର୍ପଣ ଭାବ ବ୍ୟକ୍ତ କରିବାର ଏକ ଅଭିନବ ଅବସର। ଭାରତର ସନାତନ ପରମ୍ପରାରେ ଏଭଳି ଆୟୋଜନ ଅନନ୍ୟ ଆସ୍ଥା, ସଂସ୍କୃତି ଓ ଦର୍ଶନର ପରିଚାୟକ ସୃଷ୍ଟି କରିଛି।

# ବଲିଉଡରେ ଏଣ୍ଟ୍ରି କରିବେ ସାନିଆ ମିର୍ଜାଙ୍କ ପୁଅ !

**ମୁମ୍ବାଇ**

ଫରାହ ଖାନ ୟୁଟ୍ୟୁବ୍‌ରେ କୁକିଂ ବ୍ଲଗ୍ ତିଆରି କରନ୍ତି। ନିକଟରେ ଟେନିସ୍ ତାରକା ସାନିଆ ମିର୍ଜାଙ୍କୁ ତାଙ୍କ ଭିଡିଓରେ ଦେଖିବାକୁ ମିଳିଥିଲା। ସାନିଆଙ୍କୁ ତାଙ୍କ ପୁଅ ଇଜାନଙ୍କ ସହିତ ଦେଖିବାକୁ ମିଳିଥିଲା। ଏହି ବ୍ଲଗରେ ସାନିଆ ଏକ କାହାଣୀ ବର୍ଣ୍ଣନା କରିଥିଲେ ଯେଉଁଥିରେ ଫରାହ ତାଙ୍କ ପୁଅକୁ ସାଇନ କରିବା କିଛି ଆମାଉଣ୍ଟ ଦେଇଥିଲେ।

ବ୍ଲଗ୍‌ରେ, ସାନିଆ ତାଙ୍କ ପୁଅ ଇଜାନଙ୍କ ସହ ବସିଥିବାର ଦେଖାଯାଉଛି। ସେ ଫରାହଙ୍କ ବିଷୟରେ ଏକ ମଜାଦାର କାହାଣୀ କହିଲେ। ସାନିଆ କହିଥିଲେ ଯେ ଯେତେବେଳେ ମୋ ପୁଅ ଇଜାନ ଜନ୍ମ ହୋଇଥିଲା, ଫରାହ ତାକୁ ଭେଟିବାକୁ ଆସୁଥିଲେ। ସେତେବେଳେ ଫରାହ ଇଜାନଙ୍କୁ ୧୦ ଟଙ୍କା ଦେଇଥିଲେ ଏବଂ ମଜାରେ କହିଥିଲେ ଯେ ସେ ଇଜାନଙ୍କୁ ଫିଲ୍ମରେ ଲଞ୍ଚ କରିବେ। ତା'ପରେ ଫରାହ କହିଥିଲେ- କେବଳ ୧୦୦ କହିଦିଅ। ସାନିଆ



କହିଥିଲେ ଯେ ତୁମେତ କେବଳ ୧୦ ଟଙ୍କା ଦେଇଥିଲ। ମୁଁ ମିଛ କହୁନାହିଁ।

ଏକ ସାକ୍ଷାତକାରରେ, ଫରାହ କହିଥିଲେ ଯେ ସେମାନେ କିପରି ବନ୍ଧୁ ହେଲେ। ସେ କହିଥିଲେ ଯେ ସେ ସାନିଆଙ୍କୁ ତାଙ୍କ ଶୋ'କୁ ନିମନ୍ତ୍ରଣ କରିଥିଲେ, କିନ୍ତୁ ତାଙ୍କୁ ଉପଯୁକ୍ତ ତାରିଖ ମିଳିପାରିଲା ନାହିଁ। ବରଂ, ସେମାନେ କଫି ପାଇଁ ଫରାହଙ୍କ ଘରେ ଭେଟିଲେ। ଏହିଠାରୁ ଦୁହିଁଙ୍କ ମଧ୍ୟରେ ଏକ ସମ୍ପର୍କ ସୃଷ୍ଟି ହୋଇଥିଲା ଏବଂ ସେମାନେ ଭଲ ବନ୍ଧୁ ହୋଇଗଲେ। ଫରାହ କହିଛନ୍ତି ଯେ ଫିଲ୍ମ ଇଣ୍ଡଷ୍ଟ୍ରି ବାହାରେ କାହା ସହିତ ଯୋଡ଼ି ହେବା ବହୁତ ରିଫ୍ରେସିଂ ଥିଲା ଏବଂ ସେଥିପାଇଁ ସେମାନଙ୍କ ମଧ୍ୟରେ ଏକ ଭଲ ସମ୍ପର୍କ ଥିଲା।

କାର୍ଯ୍ୟ କ୍ଷେତ୍ରରେ, ଫରାହ ୨୦୦୪ ମସିହାରେ ମୈଁ ହୁଁ ନା ସହିତ ତାଙ୍କର ନିର୍ଦ୍ଦେଶନା ଜୀବନ ଆରମ୍ଭ କରିଥିଲେ। ସେ ଓମ ଶାନ୍ତି ଓମ, ତିସ ମାର ଖାନ ଏବଂ ହାପି ନ୍ୟୁ ଇୟର ଭଳି ଫିଲ୍ମ ନିର୍ଦ୍ଦେଶନା ଦେଇଛନ୍ତି। ଫରାହ ଖାନ ବର୍ତ୍ତମାନ ସେଲିବ୍ରିଟି ମାଷ୍ଟର ସେଫ ଶୋ'ରେ ନଜର ଆସୁଛନ୍ତି। ସେ ଏହି ଶୋ'ରେ ଜଣେ ବିଚାରକ। ବିକାଶ ଖାନ୍ନା ଏବଂ ରଣବୀର ବ୍ରାର ମଧ୍ୟ ଶୋ'ରେ ବିଚାରକ। ଏହି ଶୋ'ରେ ଦୀପିକା କକ୍କର, ତେଜସ୍ୱୀ ପ୍ରକାଶ, ଫୈଜଲ, ନିକି ତାମ୍ବୋଲି, ଅର୍ଚ୍ଚନା ଗୌତମ ସିଂହ, ଗୌରବ ଖାନ୍ନା ପ୍ରମୁଖ ଅଭିନୟ କରିଛନ୍ତି।

# ୨୪ତମ ସର୍ବଭାରତୀୟ ପୁଲିସ ଜଳକ୍ରୀଡ଼ା ଚାମ୍ପିୟନସିପରେ ଓଡ଼ିଶା ପୋଲିସକୁ ସଫଳତା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ହୋଇଥିବା ୨୪ତମ ସର୍ବଭାରତୀୟ ପୁଲିସ ଜଳକ୍ରୀଡ଼ା ଚାମ୍ପିୟନଶିପ୍ ୨୦୨୪-୨୫ରେ ଓଡ଼ିଶା ପୋଲିସକୁ ପ୍ରତିନିଧିତ୍ୱ କରିଥିବା ପ୍ରତିଯୋଗୀମାନେ ଅଭୁତପୁର୍ବ ସଫଳତା ହାସଲ କରିଛନ୍ତି।

ଗତ ଫେବୃଆରୀ ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଭୋପାଳ ଠାରେ ଅନୁଷ୍ଠିତ ହୋଇଥିବା ଏହି ଚାମ୍ପିୟନଶିପ୍ ରେ ଓଡ଼ିଶା ପୁଲିସ ୱାଟରସ୍ପୋର୍ଟସ ଦଳ ବିଭିନ୍ନ ପ୍ରତିଯୋଗିତାରେ ୫ ସ୍ୱର୍ଣ୍ଣ ପଦକ, ୧ ରୌପ୍ୟ ପଦକ, ୪ କାଂସ୍ୟ ପଦକ ଜିତି ବିରଳ ସଫଳତା ହାସଲ କରିଛନ୍ତି। ରାଜ୍ୟ ପୋଲିସର କ୍ରୀଡ଼ାବିତଙ୍କ ଏହି ବିରଳ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ପଦକ ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଖେଳାଳିଙ୍କ ଅସାଧାରଣ ପ୍ରତିବଦ୍ଧତା ଏବଂ କ୍ରୀଡ଼ା ଉତ୍କର୍ଷତା ପ୍ରତି ସେମାନଙ୍କ ଅବଦାନ ପାଇଁ ଭୁରି ଭୁରି ପ୍ରଶଂସା କରିଛନ୍ତି।

ଏହି ବିଜୟ ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଜଳକ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି। (ରୋଇଂ ମହିଳା ବିଭାଗ ୨୦୦୦ ମିଟର ) ଦଳଗତ ପ୍ରତିଯୋଗିତାରେ ରିତୁ କଉଡି, ରିଚେଲ ଲାକ୍ରା, ସୋନାଲିକା ଦାସ, ରେଶମ ଲାକ୍ରା ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ (ରୋଇଂ ମହିଳା ବିଭାଗ ୫୦୦ ମିଟର)ରେ ମଧ୍ୟ ଦଳ ଗତ କାଂସ୍ୟ ପଦକ ବିଜେତା ହୋଇଛନ୍ତି।

ସେହିପରି ରୋଇଂ କୋକ୍ସଲେସ ଯୋଡି ୫୦୦ ମିଟର ପ୍ରତିଯୋଗିତାରେ ଦୀପିକା ଖେସ ଓ ଝରଣା ହସ୍ତୀ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା ବେଳେ ଉଭୟେ ରୋଇଂ କୋକ୍ସଲେସ ଯୋଡି ୨୦୦୦ ମିଟରରେ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି (କାନୋଇଂ ସି – ୨ ୧୦୦୦ ମିଟର) ପ୍ରତିଯୋଗିତାରେ ସଚିମା କେରକେଟା ଓ ରଶ୍ମିତା ସାହୁ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା ବେଳେ ଉଭୟେ (କାନୋଇଂ ସି – ୨ ୨୦୦) ମିଟରରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଏହା ବ୍ୟତୀତ (କାନୋଇଂ ସି – ୧ ୨୦୦ ମିଟର ଏବଂ ୧୦୦୦ ମିଟର ପ୍ରତିଯୋଗିତାରେ ରଶ୍ମିତା ସାହୁ ୨ ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ସହ କ୍ୟାନୋଇଂ ସି-୧ (୫୦୦ ମିଟର) ରେ ସଚିମା କେରକେଟା ଓ ସି -୨( ୫୦୦ ମିଟର) ବିଭାଗରେ ରଶ୍ମିତା ସାହୁ ଏବଂ ମଧୁସ୍ମିତା ନାୟକ ବ୍ରୋଞ୍ଜ ପଦକ ବିଜୟୀ ହୋଇ ଓଡିଶା ପୋଲିସ ପାଇଁ ଗୌରବ ଆଣିଛନ୍ତି।



# ପୋଲିସ ଅପରେସନ ସକ୍ସେସ୍, ଧରାପଡିଲେ ୧୩ ଆନ୍ତଃରାଜ୍ୟ ଡକାୟତ

**କାମାକ୍ଷାନଗର, ନ୍ୟୁଜ ବ୍ୟୁରୋ**

ପୋଲିସର ଅପରେସନ ସକ୍‌ସେସ୍ । ଧରାପଡିଲେ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗ । ୧୩ଜଣଙ୍କୁ ପୋଲିସ ଗିରଫ କରିଥିବାବେଳେ ୨ ଜଣ ଚକ୍‌ମା ଦେଇ ଫେରାର ହୋଇଯାଇଛନ୍ତି । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସ୍ଥିତ ରୋଡ୍ ଗାଁ ପାଖ ବ୍ରାହ୍ମଣୀ ନଦୀ କୂଳରେ ବସି ଡକାୟତି ଯୋଜନା କରୁଥିଲେ ୧୫ ଜଣ ଡକାୟତ । କୌଣସି ସୂତ୍ରରୁ ଖବର ପାଇ ଅଚାନକ ଚଢାଉ କରିଥିଲା ପରଜଙ୍ଗ ଥାନା ଅଧିକାରୀ ପ୍ରିୟବ୍ରତ ଦାସଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ । ପୋଲିସକୁ ଦେଖି ଯିଏ ଯୁଆଡେ ଦୌଡିଥିଲେ । ତେବେ ୧୩ ଜଣଙ୍କୁ ପୋଲିସ କାବୁ କରିଥିବାବେଳେ ୨ ଜଣ ଖସିଯାଇଛନ୍ତି । ଗିରଫ ଅଭିଯୁକ୍ତମାନେ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ବିଭିନ୍ନ ଅଞ୍ଚଳର । ସେମାନଙ୍କ ଠାରୁ ୧୫ଟି ମୋବାଇଲ ଫୋନ୍, ୫ଟି ଅଫୁଟା ବୋମା, ୩ଟି କଟୁରୀ, ଗୋଟିଏ କାର, ୪ଟି ବାଇକ, କିଛି ଲଙ୍କା ଗୁଣ୍ଡ ଓ ଦଉଡି ଜବତ ହୋଇଛି । ଗିରଫ ୧୩ ଜଣଙ୍କ ମଧ୍ୟରୁ ୭ ଜଣ ପେସାଦାର ଅପରାଧୀ । ସମସ୍ତଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି । ଗିରଫ ସମସ୍ତ ଡକାୟତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଢେଙ୍କାନାଳ ଏସ୍‌ପି ।



## ମୁଖ୍ୟମନ୍ତ୍ରୀଙ୍କ କରକମଳରେ 'ସୁଖ ଶାନ୍ତି ସରୋବର' ଉଦଘାଟିତ

# ଆଧ୍ୟାତ୍ମିକ ଜୀବନ ଶୈଳୀ ଅସନ୍ତୁଳିତ ଇଚ୍ଛାକୁ ନିୟନ୍ତ୍ରିତ କରିଥାଏ : ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ**

ପ୍ରଜାପିତା ବ୍ରହ୍ମକୁମାରୀ କେନ୍ଦୁଝର ଶାଖାର ପୁରୁଣା ବଜାରଠାରେ ନବନିର୍ମିତ କାର୍ଯ୍ୟାଳୟ ସୁଖ ଶାନ୍ତି ସରୋବରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଲେ ଯେ, ଶନିବାର କେବଳ ଏହି ଭବ୍ୟ ନୂତନ କୋଠାର ଉଦ୍‌ଘାଟନ ନୁହେଁ, ବରଂ ସାରା ବିଶ୍ୱରେ ଶାନ୍ତି, ପ୍ରେମ ଏବଂ ଆଧ୍ୟାତ୍ମିକ ଜ୍ଞାନ ପ୍ରସାର କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିପାଦନ କରିବା ସହ ଆଧ୍ୟାତ୍ମିକ ଜୀବନଶୈଳୀ ଆମକୁ ସରଳ, ନିରାଡମ୍ବର ଏବଂ ମିତବ୍ୟୟୀ ହେବାକୁ ପ୍ରେରଣା ଦେଉଛି ବୋଲି କହିଥିଲେ । ଆଧ୍ୟାତ୍ମିକ ଜୀବନଶୈଳୀ ଆମର ଅସନ୍ତୁଳିତ ଇଚ୍ଛାକୁ ନିୟନ୍ତ୍ରିତ କରିଥାଏ । ସମାଜରେ ଜାଗୃତି ଆଣି ଏକ ହୋଲିଷ୍ଟିକ୍ ସଷ୍ଟେନବିଲିଟି ପାଇଁ ଏହି ସଂସ୍ଥାର ଉଦ୍ୟମକୁ ପ୍ରଶଂସା କରିବା ସହ ଆଜିର ଏଇ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁଗରେ ସମସ୍ତେ କର୍ମବ୍ୟସ୍ତତା ଭିତରେ କାହା ସହିତ ପଦେ ମନଭରି କଥା ହେବା ପାଇଁ ମଧ୍ୟ ଆମର ବେଳ ନଥିବାରୁ ପାରିବାରିକ ଓ ସାମାଜିକ ସମ୍ପର୍କ ଅବକ୍ଷୟଗାମୀ ହେଉଥିବା ବେଳେ ପ୍ରଜାପିତା ବ୍ରହ୍ମାକୁମାରୀଙ୍କ ନୀତି ନିଷ୍ଠା ପ୍ରଚେଷ୍ଟା ପୁନର୍ବାର ସେହି ପ୍ରେମ ଶାନ୍ତି ଓ ସୌହାର୍ଦ୍ଦ୍ୟ ଫେରାଇ ଆଣିବ ବୋଲି ଆଶା ବ୍ୟକ୍ତ କରିଥିଲେ । ଉଦ୍‌ଘାଟିତ ହୋଇଥିବା 'ସୁଖ ଶାନ୍ତି ସରୋବର' କୋଠା କେବଳ ଇଟା ଏବଂ ସିମେଣ୍ଟ ନୁହେଁ ବରଂ ଏହା ଜ୍ଞାନ ଏବଂ କରୁଣାର ଏକ ପବିତ୍ର ସ୍ଥାନ, ଏକ ସ୍ଥାନ ଯେଉଁଠାରେ ବ୍ୟକ୍ତିମାନେ ଆଧ୍ୟାତ୍ମିକ ସଶକ୍ତିକରଣ ମାଧ୍ୟମରେ ଶିଖିବା, ବୃଦ୍ଧି ପାଇବା ଏବଂ ସେମାନଙ୍କ ଜୀବନକୁ ପରିବର୍ତ୍ତନ କରିବା ପାଇଁ ଏକାଠି ହେବେ ବୋଲି ଶ୍ରୀ ମାଝୀ କହିଥିଲେ । ଆହୁରିମଧ୍ୟ ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମଗ୍ର ବିଶ୍ୱକୁ ଗଣିତ, ବିଜ୍ଞାନ, ସାହିତ୍ୟ ଛଡା ଭାରତର ଅନ୍ୟତମ ଅବଦାନ ଆଧ୍ୟାତ୍ମିକତାର ଜ୍ଞାନ ବଳରେ ମନୁଷ୍ୟ ଶାନ୍ତି ଓ ମୈତ୍ରୀର ପରିଭାଷା ଶିଖିପାରିଥିବା କହିବା ସହ ଆଧ୍ୟାତ୍ମିକତାର ଅନ୍ୟ ଏକ ଶାଖା ଯୋଗ ଦ୍ୱାରା ମଧ୍ୟ ଭାରତ ଆଜି ବିଶ୍ୱ ବିଦିତ ବୋଲି କହିଥିଲେ । ସାରା ପୃଥିବୀ ପ୍ରତି ବର୍ଷ ଜୁଲାଇ ୨୧ ତାରିଖକୁ ବିଶ୍ୱ ଯୋଗ ଦିବସ ରୂପେ ପାଳନ କରୁଛି ଏବଂ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ୨୦୪୭ ମସିହାରେ ଯେତେବେଳେ ସମଗ୍ର ଭାରତବର୍ଷ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳନ କରୁଥିବ, ବିକଶିତ ଭାରତର ଅଜେୟ ଗାଥାରେ, ଅର୍ଥନୀତି, ରାଜନୀତି, ସାମାଜିକ ବିଜ୍ଞାନ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଭଳି ଆଧ୍ୟାତ୍ମିକତା ମଧ୍ୟ ଅନନ୍ୟ ବ୍ୟାଖ୍ୟା ବହନ କରୁଥିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ପ୍ରଜାପିତା ବ୍ରହ୍ମାକୁମାରୀ କେନ୍ଦୁଝର ଶାଖା ଆଧ୍ୟାତ୍ମିକ କ୍ଷେତ୍ର ସହିତ ଅଞ୍ଚଳରେ ନିଶାମୁକ୍ତି ଅଭିଯାନ, ରାଜଯୋଗ, ସକାରାତ୍ମକ ଜୀବନଶୈଳୀ, ଜନସାଧାରଣଙ୍କ ଜୀବନରେ ନୈତିକତାର ସଞ୍ଚାର, ସେଲ୍ଫ ମ୍ୟାନେଜମେଣ୍ଟ, ଷ୍ଟ୍ରେସ ମ୍ୟାନେଜମେଣ୍ଟ, କୃଷି ବିକାଶ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ସଚେତନତା ଓ ବୃକ୍ଷ ରୋପଣ ଭଳି ଅନେକ ଜନଉପଯୋଗୀ କାର୍ଯ୍ୟକ୍ରମ କରି ଆଜି ଆମ କେନ୍ଦୁଝର ବ୍ରହ୍ମାକୁମାରୀ ଶାଖା ଏକ ଅନନ୍ୟ ଶିଖରରେ ପହଞ୍ଚିଛି ଏବଂ ଆଗକୁ ମଧ୍ୟ ଜନଜୀବନକୁ ଉନ୍ନତ କରିବା ପାଇଁ ଅନେକ ବିକାଶମୂଳକ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶାବ୍ୟକ୍ତ କରିଥିଲେ । ପରିଶେଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ବିଶେଷ ଅବସରକୁ ପାଳନ କରିବା ପାଇଁ ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଏକ ସୁନ୍ଦର, ଅଧ୍ୟାତ୍ମିକ ପୃଥିବୀର ପରିକଳ୍ପନାକୁ ବାସ୍ତବିକତାର ରୂପ ଦେବାକୁ ଆମର ଚେତନାରେ ପରିବର୍ତ୍ତନ ଆଣିବାକୁ ଏବଂ ସମସ୍ତଙ୍କର ସହଭାଗିତା କାମନା କରିଥିଲେ । ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ତେଲକୋଇ ବିଧାୟକ ଡକ୍ଟର ଫକୀର ମୋହନ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝର ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସାଗରିକା ସାହୁ, କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ଶ୍ରୀମତୀ ନିକୁ ସାହୁ, ବ୍ରହ୍ମକୁମାରୀ କଟକ ସବ-ଜୋନ ନିର୍ଦ୍ଦେଶିକା ତଥା ରାଜଯୋଗିନୀ ଭଉଣୀ କମଳେଶ ଦିଦିଜୀ ଓ ବ୍ରହ୍ମାକୁମାରୀ ସଂସ୍ଥାର ଅତିରିକ୍ତ ମୁଖ୍ୟ ତଥା ରାଜଯୋଗିନୀ ଭଉଣୀ ଜୟନ୍ତୀ ଦିଦିଜୀ ପ୍ରମୁଖ ଉପସ୍ଥିତ ଥିଲେ ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁଭଦ୍ରା ମା'ମାନଙ୍କ...

ଶକ୍ତିର ଉତ୍ଥାନ ପାଇଁ 'ଲକ୍ଷପତି ଦିଦି' ଯୋଜନାକୁ ଆଧାର କରି ଆମ ସରକାର ଆଗାମୀ ତିନି ବର୍ଷ ମଧ୍ୟରେ ୨୫ ଲକ୍ଷ "ଲକ୍ଷପତି ଦିଦି" ସୃଷ୍ଟି କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏଥିପାଇଁ ଚଳିତ ବର୍ଷ ଆମ ସରକାର "ଲକ୍ଷପତି ଦିଦି ସହାୟିକା ଯୋଜନା" ପ୍ରଣୟନ କରିଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ବର୍ଷକୁ ଯେପରି ଅତି କମରେ ଏକ ଲକ୍ଷ ଟଙ୍କା ରୋଜଗାର କରିପାରିବେ, ତାହା ଆମର ଉଦ୍ଦେଶ୍ୟ । ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ସହାୟତା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଚଳିତ ବର୍ଷ ଆମ ସରକାର, ରାଜ୍ୟର ପ୍ରାୟ ୫.୮୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଦିଆଯାଉଥିବା ରିଭଲଭିଂ ଫଣ୍ଡର ପରିମାଣକୁ ଦୁଇଗୁଣା କରିଛନ୍ତି । ୧୫ ହଜାର ଟଙ୍କାରୁ ୩୦ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି ଏବଂ ଗ୍ରାମ ପଞ୍ଚାୟତ ସ୍ତରୀୟ ଫେଡେରେସନ ବା ଜିପିଏଲଏଫ ମାନଙ୍କୁ ପ୍ରଦାନ କରାଯାଉଥିବା କମ୍ୟୁନିଟି ଇନଭେଷ୍ଟମେଣ୍ଟ ଫଣ୍ଡ ୩୫ ଲକ୍ଷରୁ ୬୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହା ଦ୍ୱାରା ଏହି ଅନୁଷ୍ଠାନ ଗୁଡିକ ଆର୍ଥିକ ଦୃଷ୍ଟିରୁ ସଶକ୍ତ ହୋଇପାରିବ ଓ ଭବିଷ୍ୟତରେ ମା' ମାନେ ଏଥିରୁ ଅଧିକ ଲାଭାନ୍ୱିତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ କହିଥିଲେ ଯେ, ଏଥି ସହିତ ରାଜ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ଯେପରି ଜୀବିକା ଅର୍ଜନରେ ଅଧିକ ସହାୟତା ପାଇବେ ଏବଂ ଅଧିକ ପୁଞ୍ଜି ବିନିଯୋଗ କରି ନିଜ ଉଦ୍ୟୋଗକୁ ଆଗକୁ ବଢାଇବେ, ସେଥିପାଇଁ ସେମାନଙ୍କୁ ସୁଧଛାଡ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଉପରେ ରାଜ୍ୟ ସରକାର ସୁଧ ଫେରସ୍ତ ବ୍ୟବସ୍ଥା କରିଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷରେ ୩ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩୦୦ କୋଟି ଟଙ୍କାର ସୁଧ ଫେରସ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ମା' ମାନଙ୍କ ପାଇଁ ଆମର ସବୁଠାରୁ ଲୋକପ୍ରିୟ ଯୋଜନା "ସୁଭଦ୍ରା" ଯୋଜନା । ଓଡ଼ିଶାର ଅର୍ଥନୈତିକ ଇତିହାସରେ ଏହା ସବୁଠାରୁ ବଡ ଯୋଜନା । ବର୍ତ୍ତମାନ ସୁଦ୍ଧା ୯୮ ଲକ୍ଷରୁ ଅଧିକ ସୁଭଦ୍ରା ମା'ଙ୍କୁ ୪ ହଜାର ୯୦୦ କୋଟିରୁ ଅଧିକ ଟଙ୍କା ଦିଆଯାଇ ସାରିଲାଣି । ଆସନ୍ତା ମାର୍ଚ୍ଚ ୮ ତାରିଖରେ, ଆନ୍ତର୍ଜାତିକ ମହିଳା ଦିବସ ଅବସରରେ, ମା' ମାନଙ୍କୁ ଦ୍ୱିତୀୟ କିସ୍ତି ଭାବରେ ଆଉ ୫ ହଜାର ଟଙ୍କା ଲେଖାଁଏ ଦିଆଯିବ । ଆପଣ ମାନେ ଚିନ୍ତା କରନ୍ତୁ, ଯେତେବେଳେ ୧ କୋଟି ମା', ଏହି ଅର୍ଥକୁ ପୁଞ୍ଜି ଭାବେ ଗ୍ରହଣ କରି ବ୍ୟବସାୟ କରିବେ, ସେତେବେଳେ ଓଡ଼ିଶାର ଅର୍ଥନୀତି ଉପରେ ଏହାର କଣ ପ୍ରଭାବ ପଡିବ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ମହିଳାମାନଙ୍କୁ ୫ ବର୍ଷରେ ୫୦ ହଜାର ଟଙ୍କା ଲେଖାଁଏ ଦେଇ ଆମେ ଚୁପ୍ ହୋଇ ବସିଯିବୁ ନାହିଁ । ସୁଭଦ୍ରା ଯୋଜନା ହେଉଛି, ମହିଳା ସଶକ୍ତିକରଣର ଏକ ମେରୁଦଣ୍ଡ ସଦୃଶ । ତେବେ ସୁଭଦ୍ରା ପ୍ଲାଟଫର୍ମରେ ଆମର ମା', ଭଉଣୀ ଓ ଝିଅ ମାନଙ୍କ ପାଇଁ ଆମେ ଖୁବଶୀଘ୍ର ଆରମ୍ଭ କରିବୁ ଆହୁରି ଅନେକ ଯୋଜନା । କିଶୋରୀ ସୁଭଦ୍ରା, ସୁଭଦ୍ରା ସଞ୍ଚୟ, ସୁଭଦ୍ରା ସଖୀ, ସୁଭଦ୍ରା ଯାତ୍ରୀ, ସୁଭଦ୍ରା ସଂଘ ବା କ୍ଲବ୍, କୁହ ସୁଭଦ୍ରା ବା ସୁଭଦ୍ରା କଲ୍ ସେଣ୍ଟର, ସୁଭଦ୍ରା ସହଯୋଗୀ, ସୁଭଦ୍ରା ପଣ୍ଡିତ୍, ସୁଯୋଗ୍ୟ ସୁଭଦ୍ରା ଭଳି ଅନେକ ନୂଆ ପଦକ୍ଷେପ ଗ୍ରହଣ କରାଯିବ । ସୁଭଦ୍ରା ଯୋଜନାରେ ଆଗାମୀ ଆର୍ଥିକ ବର୍ଷରେ ୧୦,୧୪୫ କୋଟି ଟଙ୍କା ବରାଦ ରଖାଯାଇଛି । ୨୦୩୬ ରେ ଯେତେବେଳେ ଆମେ ସମୃଦ୍ଧ ଓଡ଼ିଶା ପାଳନ କରିବା, ଓଡ଼ିଶାର ପ୍ରଗତିରେ ଆପଣଙ୍କର ସବୁଠାରୁ ବଡ ଅବଦାନ ରହିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ମେଳାରେ ଆୟୋଜିତ ଷ୍ଟଲଗୁଡିକୁ ବୁଲି ଦେଖିବା ସହିତ ସ୍ୱୟଂ ସହାୟକ ମହିଳାମାନଙ୍କ ଉତ୍ପାଦିତ ସାମଗ୍ରୀ ଗୁଡ଼ିକର ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ, ଉପ-ମୁଖ୍ୟମନ୍ତ୍ରୀ, ପ୍ରଭାତୀ ପରିଡା କହିଥିଲେ ଯେ, ଏହି ସୁଭଦ୍ରା ମେଳା ଏକ ସାଂସ୍କୃତିକ ଓ ଐତିହ୍ୟ ସମ୍ପନ୍ନ ମେଳା ନୁହେଁ ବରଂ ନାରୀ ଶକ୍ତିର ବିକାଶ ଓ ସମୃଦ୍ଧିର ପ୍ରତୀକ । ଯଦି ଓଡ଼ିଶାର ମା'ମାନେ, ଭଉଣୀ ମାନେ ନିରନ୍ତର ପରିଶ୍ରମ କରିବେ, ସଫଳ ହେବା ପାଇଁ ଚେଷ୍ଟା କରିବେ, ତେବେ ୨୦୩୬ ମସିହା ପୂର୍ବରୁ ଆମେ ବିକଶିତ ଓଡ଼ିଶା ଗଠନ କରିବାରେ ସକ୍ଷମ ହେବା । ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ, ଏକାମ୍ର ଭୁବନେଶ୍ୱର, ବାବୁ ସିଂ ତାଙ୍କ ଅଭିଭାଷଣ ରଖିଥିବା ବେଳେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ, ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶିକା, ମୋନିକା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ ।

## ପ୍ରସିଦ୍ଧ ଓଡ଼ିଶୀ ...

କଳା ବିକାଶ କେନ୍ଦ୍ରର ପ୍ରତିଷ୍ଠାତା ସଦସ୍ୟ ଥିଲେ । ଏହା ଭାରତର ପ୍ରଥମ ଅନୁଷ୍ଠାନ ଯେଉଁଠାରେ ଓଡ଼ିଶୀ ଶିକ୍ଷା ଦିଆଯାଉଥିଲା । ନିଜ ସହଯୋଗୀଙ୍କ ସହ ମିଶି ସେ ୧୯୫୯ ମସିହାରେ ଜୟନ୍ତୀକା ଆସୋସିଏସନ ପ୍ରତିଷ୍ଠା କରି ଓଡ଼ିଶୀ ନୃତ୍ୟର କୋଡିଫିକେସନ ଓ ବିକାଶ ଉପରେ କାମ କରିଥିଲେ ଏବଂ ଏହାକୁ ଶାସ୍ତ୍ରୀୟ ଢାଞ୍ଚା ପ୍ରଦାନ କରିବା ସହ ଅଭିନୟର ମୌଳିକ ବିଜ୍ଞାନକୁ ଅନ୍ତର୍ଭୁକ୍ତ କରି ଏହାର ଶବ୍ଦଭଣ୍ଡାର ନିର୍ମାଣ କରିଥିଲେ । ଓଡ଼ିଶୀ ଅଧ୍ୟୟନରେ ସଞ୍ଚାରୀ ଭାବ, ମୁଦ୍ରା ବିନିଯୋଗ ଏବଂ ରାସ ବିଷୟବସ୍ତୁର ପ୍ରଚଳନ କରିଥିବାରୁ ଶ୍ରୀ ରାଉତଙ୍କୁ ଶ୍ରେୟ ଦିଆଯାଏ । ସେ ପ୍ରଥମ ଗୁରୁ ଥିଲେ ଯିଏ ଶୃଙ୍ଗାର ରସ ସହିତ ଗୀତଗୋବିନ୍ଦ ଅଷ୍ଟପଦିର ନୃତ୍ୟାଭିନୟ କରିଥିଲେ, ଯେଉଁଥିରେ ପଶ୍ୟତି ଦିଶି ଦିସି, ପ୍ରିୟା ଝରୁ ଶିଳେ ଏବଂ ସଖୀ ଭଳି ରଚନା ରହିଛି । ୧୯୭୦ରୁ ୧୯୯୫ ପର୍ଯ୍ୟନ୍ତ ଶ୍ରୀ ରାଉତ ଶ୍ରୀରାମ ଭାରତୀୟ କଳା କେନ୍ଦ୍ରରେ ଓଡ଼ିଶୀ ବିଭାଗର ନେତୃତ୍ୱ ନେଇଥିଲେ । ୧୯୭୧ ମସିହାରେ ଦିଲ୍ଲୀର ପ୍ରସିଦ୍ଧ କାମାନି ଅଡିଟୋରିୟମ ତାଙ୍କ ଗୀତଗୋବିନ୍ଦ ପରିବେଷଣ ସହ ଉଦଘାଟିତ ହୋଇଥିଲା । ରମଣୀ ରଞ୍ଜନ ଜେନା, ଆଲୋକା ପାଣିକର ଓ ଗୀତା ମହାଲିକଙ୍କ ସମେତ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀମାନେ ତାଙ୍କର ଶିଷ୍ୟ । ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ତାଙ୍କର ବ୍ୟାପକ କାର୍ଯ୍ୟ ପାଇଁ ଶ୍ରୀ ରାଉତଙ୍କୁ ୧୯୭୭ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ୧୯୮୪ରେ ସାହିତ୍ୟ କଳା ପୁରସ୍କାର, ୧୯୮୫ରେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ୨୦୦୩ରେ ରାଜୀବ ଗାନ୍ଧୀ ସଦ୍ଭାବନା ପୁରସ୍କାର, ୨୦୦୫ରେ ଉପେନ୍ଦ୍ର ଭଞ୍ଜ ସମ୍ମାନ ଓ ୨୦୧୧ରେ ଟାଗୋର ଏକାଡେମୀ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା । ତାଙ୍କ ପରିବାରରେ ତାଙ୍କ ଝିଅ ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ମଧୁମିତା ରାଉତ ଓ ପୁଅ ମନୋଜ ଓ ମନ୍ମଥ ରାଉତ ଅଛନ୍ତି । ୨୦୧୭ରେ ତାଙ୍କ ପତ୍ନୀ ମମତା ରାଉତଙ୍କ ଦେହାନ୍ତ ହୋଇଥିଲା । ଶ୍ରୀ ରାଉତଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଶ୍ରୀ ରାଉତଙ୍କ ଦେହାନ୍ତ ଓଡ଼ିଶୀ ନୃତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରଭିତ୍ତିକ ଜ୍ଞାନରେ ଆହୁରି ସମୃଦ୍ଧ କରିବା ତଥା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶୀ ନୃତ୍ୟର ଗରିମା ବୃଦ୍ଧି କରିବାରେ ତାଙ୍କ ଜୀବନବ୍ୟାପୀ ଅବଦାନ ଚିର ସ୍ମରଣୀୟ ହୋଇରହିବ ।

## ମୁସଲିମ୍ ବିଧାୟକଙ୍କୁ ...

ନିଷ୍ପତ୍ତିକୁ ସ୍ୱାଗତ କରି କହିଛନ୍ତି ଯେ, ଏହି ପରମ୍ପରା ୧୯୩୭ ମସିହାରେ ମୁସଲିମ ଲିଗର ସୟଦ ସାଦୁଲ୍ଲାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଏବଂ ଏହି ବ୍ୟବସ୍ଥାକୁ ବନ୍ଦ କରିବାର ନିଷ୍ପତ୍ତି ଉତ୍ପାଦନକୁ ପ୍ରାଥମିକତା ଦିଏ । ଏହାର ଜବାବରେ ବାଚସ୍ପତି ବିଶ୍ୱଜିତ ଦୈମାରୀ କହିଛନ୍ତି ଯେ ସମ୍ବିଧାନର ଧର୍ମନିରପେକ୍ଷ ନୀତି ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି । ଅନ୍ୟ ଦିନ ପରି, ଶୁକ୍ରବାର ମଧ୍ୟ ଗୃହ ନମାଜ ବିରତି ବିନା କାର୍ଯ୍ୟ କରିବ ।

## ୨୪ରୁ ୨୭ ତାରିଖ ...

ପରିଦର୍ଶକମାନଙ୍କୁ ଆକର୍ଷିତ କରିଆସୁଛି । ଓଡିଶା ଟ୍ରାଭେଲ ବଜାର ୨୦୨୫ର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଘରୋଇ ଓ ଅନ୍ତର୍ଜାତୀୟ ବଜାରରେ ଓଡିଶାର ପର୍ଯ୍ୟଟନସ୍ଥଳୀଗୁଡିକୁ ପ୍ରୋତ୍ସାହିତ କରିବା । ଓଡିଶାରେ ଥିବା ସମ୍ଭାବନାଗୁଡିକର ଏକ ସତେଜ ଦୃଷ୍ଟିକୋଣ ଉପସ୍ଥାପନ କରି ରାଜ୍ୟ ସରକାର ଅନ୍ତର୍ଜାତୀୟ ମାନର ଏକ ବହୁମୁଖୀ ପର୍ଯ୍ୟଟନ କେନ୍ଦ୍ର ଭାବେ ଓଡିଶାକୁ ଅବସ୍ଥାପିତ କରିବା ପାଇଁ ରଣନୈତିକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଭାରତର ୩୦ରୁ ଅଧିକ ସହରର ପ୍ରାୟ ୧୦୦ ଘରୋଇ ଟୁର ଅପରେଟର ଏବଂ ଅଷ୍ଟ୍ରେଲିଆ, ୟୁକେ, ଜର୍ମାନୀ, ବେଲ୍‌ଜିୟମ, ଦକ୍ଷିଣ ଆଫ୍ରିକା, ସ୍ପେନ, ସିଙ୍ଗାପୁର ଭଳି ୧୭ଟି ଦେଶରୁ ୩୦ରୁ ଅଧିକ ବିଦେଶୀ ଟୁର ଅପରେଟର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି । ଏହି କାର୍ଯ୍ୟକ୍ରମ ଓଡିଶାର ପର୍ଯ୍ୟଟନ କ୍ଷେତ୍ରର ୭୦ ଜଣ ସେଲର, ଘରୋଇ ଟୁର ଅପରେଟର (ଡିଟିଓ) ଓ ବିଦେଶୀ ଟୁର ଅପରେଟର (ଏଫ୍‌ଟିଓ)ଙ୍କ ମଧ୍ୟରେ ବି୨ବି ବୈଠକଗୁଡିକ ଉପରେ ଗୁରୁତ୍ୱ ଦେବ । ଏଥିସହିତ ଅଂଶଗ୍ରହଣକାରୀମାନେ ଭିତରକନିକା, ରଘୁରାଜପୁର, ପୁରୀ-କୋଣାର୍କ, ଡାଇମଣ୍ଡ ଟ୍ରାଏଙ୍ଗେଲ ଭଳି ଓଡିଶାର ବିଭିନ୍ନ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀଗୁଡିକୁ ଯାତ୍ରା କରିବେ । ଏହି କାର୍ଯ୍ୟକ୍ରମ ସମୟରେ ସେଲରମାନଙ୍କ ସହ ୩୦୦୦ ପୂର୍ବ ନିର୍ଦ୍ଧାରିତ ବୈଠକ ଧାର୍ଯ୍ୟ କରାଯାଇଛି । ଏହାବ୍ୟତୀତ ବି୨ଜି ବୈଠକ ଓ ଆଡ୍‌ଭେଞ୍ଚର ୱାର୍କସପ ଏହି କାର୍ଯ୍ୟକ୍ରମର ପ୍ରମୁଖ ଅଂଶ ହେବାକୁ ଯାଉଛି । ଓଡିଶା ଟ୍ରାଭେଲ ବଜାର ୨୦୨୫ ଓଡିଶାର ପର୍ଯ୍ୟଟନ କ୍ଷେତ୍ରକୁ ସୁଦୃଢ କରିବା ଏବଂ ବିଶ୍ୱବ୍ୟାପୀ ଭ୍ରମଣକାରୀଙ୍କ ପାଇଁ ଏକ ନିଶ୍ଚିତ ଭ୍ରମଣ ଗନ୍ତବ୍ୟସ୍ଥଳୀ ଭାବେ ରାଜ୍ୟକୁ ଅବସ୍ଥାପିତ କରିବା କ୍ଷେତ୍ରରେ ଏକ ଉଲ୍ଲେଖନୀୟ କାର୍ଯ୍ୟକ୍ରମରେ ପରିଣତ ହେବା ପାଇଁ ପ୍ରସ୍ତୁତ ରହିଛି ।

## ସୋସିଆଲ ମିଡ଼ିଆରେ...

ଲଗାଇବା ପାଇଁ କେନ୍ଦ୍ର ସରକାର କଣ ପଦେକ୍ଷପ ଗ୍ରହଣ କରିଛନ୍ତି ତାହା ମଧ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ କୋର୍ଟ । ପରବର୍ତ୍ତୀ ଶୁଣାଣିରେ ସରକାର ଏହି ତଥ୍ୟ ଦାଖଲ କରିବାକୁ କୋର୍ଟ କହିଛନ୍ତି । ସୋସିଆଲ ମିଡ଼ିଆ କଣ୍ଟେଣ୍ଟରୁ ଅଶ୍ଳୀଳତା, ଅଭଦ୍ରତା ଓ ଗାଳିଗୁଲଜକୁ ଦୂର କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ । କଣ୍ଟେଣ୍ଟକୁ ରେଟିଂ ଦେଇ ଶେୟାର କରାଯାଉଥିବା ପୋଷ୍ଟ କେଉଁ ସ୍ତରର ବୋଲି ସ୍ପଷ୍ଟ କରିବାକୁ ପଡ଼ିବ । କୋଡ ଅଫ କଣ୍ଡକ୍ଟରେ ରେଟିଂ ଏକରୁ ପାଞ୍ଚ ପର୍ଯ୍ୟନ୍ତ ରଖାଯାଇପାରେ । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍‌ସର୍ସଙ୍କ ପାଇଁ କୋଡ ଅଫ କଣ୍ଡକ୍ଟ ଜାରି କରିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି ।

## ପୁଣି ଡରାଇଲା...

ଏହା ଅନ୍ୟ ପ୍ରାଣୀମାନଙ୍କ ମାଧ୍ୟମରେ ମଣିଷକୁ ବ୍ୟାପିପାରେ । ଏହା ଏମ୍‌ଇଆରଏସ୍ ଭାଇରସ ପରି ସମାନ ପରିବାରର, ଯାହା ଅତୀତରେ ବିପଜ୍ଜନକ ହୋଇସାରିଛି । ଏହି ଭାଇରସର ମାନବ କୋଷ ସହିତ ଲାଗି ରହିବାର କ୍ଷମତା ବିଷୟରେ ବୈଜ୍ଞାନିକମାନେ ଚିନ୍ତା ପ୍ରକାଶ କରିଛନ୍ତି । କିନ୍ତୁ ଏହା କେତେ ଶୀଘ୍ର ମଣିଷଙ୍କ ମଧ୍ୟରେ ବ୍ୟାପିପାରେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଏହି ଭାଇରସ ଅଧ୍ୟୟନ କରୁଥିବା ବୈଜ୍ଞାନିକ, ଗୁଆଙ୍ଗଝୁ ଲାବୋରେଟୋରୀ, ଗୁଆଙ୍ଗଝୁ ଏକାଡେମୀ ଅଫ ସାଇନ୍ସେସ, ଉହାନ ବିଶ୍ୱବିଦ୍ୟାଳୟ ଏବଂ ଉହାନ ଇନଷ୍ଟିଚ୍ୟୁଟ ଅଫ ଭାଇରୋଲୋଜିର ରିପୋର୍ଟ ସେଲ ନାମକ ଏକ ଗବେଷଣା ପତ୍ରିକାରେ ପ୍ରକାଶିତ ହୋଇଛି । ବୈଜ୍ଞାନିକମାନେ ସତର୍କ କରାଇଛନ୍ତି ଯେ ଏଚ୍‌କେୟୁ୫-କୋଭ-୨ ମଣିଷକୁ ସଂକ୍ରମିତ କରିପାରେ । ବର୍ତ୍ତମାନ ଏହା (ନୂତନ ମହାମାରୀ) ଉପରେ ଅଧିକ ଗବେଷଣା କରିବାର ଆବଶ୍ୟକତା ରହିଛି ।

# ଜେଏସ୍‌ଡବ୍ଲୁ ବିପିଏସ୍‌ଏଲ୍ ଟାଉନସିପ୍‌ରେ ୨୦ ନବ ଦମ୍ପତି ଜୀବନର ନୂତନ ଅଧ୍ୟାୟ ଆରମ୍ଭ କଲେ



**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ସମ୍ପ୍ରଦାୟର ଆତ୍ମା ଏବଂ ପ୍ରେମର ଏକ ସ୍ପର୍ଶକାତର ପ୍ରଦର୍ଶନରେ, ଜେଏସ୍‌ଡବ୍ଲୁ ବିପିଏସ୍‌ଏଲ୍ ସମ୍ବଲପୁରର ଆକାଂକ୍ଷା ଲେଡିଜ୍ କ୍ଲବ୍, ବିପିଏସ୍‌ଏଲ୍ ଟାଉନସିପରେ ଏକ ଚମତ୍କାର ସାମୁହିକ ବିବାହ ଉତ୍ସବର ଆୟୋଜନ କରିଥିଲା । ପରମ୍ପରାର ଉଷ୍ମତା, ଏକତା, ଏବଂ ସେମାନଙ୍କ ପରିବାର ଏବଂ ପଡ଼ୋଶୀମାନଙ୍କ ଆନନ୍ଦରେ ସମାହିତ ହୋଇ ୨୦ ଟି ଦମ୍ପତି ଏକତ୍ର ଭାବରେ ସେମାନଙ୍କର ଜୀବନର ନୂତନ ଅଧ୍ୟାୟ ଆରମ୍ଭ କଲେ ।
ଆୟୋଜନ ଟି ଏକ ବିବାହ ଠାରୁ ଅଧିକ ଥିଲା, ଅଭାବୀ ପରିବାରକୁ ସହାୟତା କରିବାର ଏକ ହୃଦୟସ୍ପର୍ଶୀ ପଦକ୍ଷେପ । ସାମାଜିକ ଏବଂ ଆର୍ଥିକ ପଛୁଆ ସମ୍ପ୍ରଦାୟରୁ ଆସିଥିବା ଅନେକ ଦମ୍ପତି ଆର୍ଥିକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ଯାହା ପାରମ୍ପାରିକ ସମାରୋହରେ ବିବାହ କରିବା ଅସମ୍ଭବ ହୋଇପଡିଥିଲା । ସେମାନଙ୍କ ଦୁଃଖକୁ ବୁଝି, ଆକାଂକ୍ଷା ଲେଡିଜ୍ କ୍ଲବ୍ ଏହି ସ୍ୱପ୍ନକୁ ବାସ୍ତବ ରୂପ ଦେବା ପାଇଁ ଅଣ୍ଟା ଭିଡ଼ିଥିଲା । ଏକତା ଏବଂ ସଂହତିର ଦୃଢ଼ ଭାବନା ସହିତ ଉଭୟ ପରିବାରର ପ୍ରାୟ ୫୦୦ ଅତିଥି, ଟାଉନସିପ୍ ବାସିନ୍ଦା, ସ୍ଥାନୀୟ ବ୍ୟକ୍ତି ଏବଂ ଗ୍ରାମ ସରପଞ୍ଚମାନେ ଏକତ୍ରିତ ହୋଇ ଏହି ମହତ୍ତ୍ୱପୂର୍ଣ୍ଣ ଘଟଣାର ସାକ୍ଷୀ ହୋଇଥିଲେ ।
ଏହି ମହତ ପଦକ୍ଷେପ ପଛରେ ଆକାଂକ୍ଷା ଲେଡିଜ୍ କ୍ଲବର ସଭାପତି ଶ୍ରୀମତୀ ନୀଲମ୍ ସିଂ ନିଜର ହୃଦୟସ୍ପର୍ଶୀ ଭାବନା ପ୍ରକାଶ କରିଛନ୍ତି ।
ସ୍ଥାନୀୟ ବୁଣାକାର ସମ୍ପ୍ରଦାୟକୁ ସମର୍ଥନ କରିବା ଠାରୁ ଆରମ୍ଭ କରି ବଞ୍ଚିତ ପିଲାମାନଙ୍କୁ ଡାକ୍ତରୀ ଏବଂ ଶିକ୍ଷାଗତ ସହାୟତା ପ୍ରଦାନ କରିବା ପର୍ଯ୍ୟନ୍ତ ଆକାଂକ୍ଷା ଲେଡିଜ୍ କ୍ଲବର ଚାରିଟେବୁଲ୍ ପ୍ରୟାସ ଏକ ଗଭୀର ପ୍ରଭାବ ପକାଇଛି । ଏହି ଜନ ବିବାହ ଉତ୍ସବ ଶୁଭେଚ୍ଛା, ପ୍ରେମ ଏବଂ ଏକତାର ଭାବନାକୁ ଆହୁରି ଦୃଢ଼ କରିବାକୁ ଆଉ ଏକ ସୁନ୍ଦର ପଦକ୍ଷେପ ଥିଲା ।

## ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ ସଂସ୍ଥାନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ

# ଅନୁଷ୍ଠାନ ଭିନ୍ନକ୍ଷମମାନଙ୍କ ପାଇଁ ଆଶାର କିରଣ ହୋଇଛି : ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦିବ୍ୟାଙ୍ଗମାନଙ୍କର ପୁନର୍ବାସ ଓ ଥଇଥାନ ନିମନ୍ତେ ପରିଚିତ କଟକର ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥାନ (ଏସଭି-ନିରତାର)ର ୫୦ ତମ ପ୍ରତିଷ୍ଠା ଦିବସ ଆଜି ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି । 'ଏସଭି-ନିରତାର'ର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଜୀବନରେ କିପରି ଶିକ୍ଷା, ଥଇଥାନ, ନିଯୁକ୍ତି ଏବଂ ଓକିଲାତି ମାଧ୍ୟମରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଛି, ଉତ୍ସବରେ ଏହାର ଅର୍ଦ୍ଧଶତାବ୍ଦୀର ଉଲ୍ଲେଖନୀୟ ଯାତ୍ରାରେ ଦୃଢ଼ ସମର୍ପଣର ଭାବ ସହ ସେବା ସଂପର୍କରେ ଆଲୋକପାତ କରାଯାଇଥିଲା । ଆୟୋଜିତ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ମୁଖ୍ୟ ଅତିଥି, ସାମାଜିକ ନ୍ୟାୟ ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ଦୀପକ ରାଉତରାୟ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ । ଅତିଥି ଏବଂ ଏସଭିନିରତାରର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଏବଂ ସଂସ୍ଥାନର ଉପନିର୍ଦ୍ଦେଶକମାନଙ୍କ ଉପସ୍ଥିତିରେ ଶ୍ରୀ ଜଗନ୍ନାଥ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉତ୍ସବର ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଥିଲା । ମୁଖ୍ୟ ଅତିଥି ତଥା ମୁଖ୍ୟ ଶାସନ ସଚିବ ଆହୁଜା ସଂସ୍ଥାନର ୫୦ ତମ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ଦିବ୍ୟାଙ୍ଗମାନଙ୍କ ସେବା କ୍ଷେତ୍ରରେ ଅନୁଷ୍ଠାନର ଉଲ୍ଲେଖନୀୟ ଅବଦାନ ପାଇଁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ଅନୁଷ୍ଠାନ ଭିନ୍ନକ୍ଷମମାନଙ୍କ ପାଇଁ ଆଶାର କିରଣ ହୋଇଛି ଏବଂ ସେମାନଙ୍କର ପରିବର୍ତ୍ତନର ଉତ୍ ପ୍ରେରକ ଭାବରେ ପୁନର୍ବାସ ଇତିହାସରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଅନୁଷ୍ଠାନର କର୍ମକର୍ତ୍ତା, ଡାକ୍ତରଙ୍କ ସମେତ ଅନୁଷ୍ଠାନରେ ସେବା, ପ୍ରଶିକ୍ଷଣ ଓ ଅନୁସନ୍ଧାନ ସହ ଜଡ଼ିତ ଥିବା ପ୍ରତ୍ୟେକଙ୍କର ସମର୍ପଣ ଓ ଦକ୍ଷତା ଅଗଣିତ ବ୍ୟକ୍ତିଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିଥିବା ମୁଖ୍ୟ ଶାସନ ସଚିବ କହିଥିଲେ । ଏହି ଅନୁଷ୍ଠାନ ଅଧିକ ଉନ୍ନତି, ଉଦ୍ଭାବନ ଏବଂ ଥଇଥାନ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରୁ ବୋଲି ସେ କାମନା କରିଥିଲେ । ସମ୍ମାନିତ ଅତିଥି ଶ୍ରୀଯୁକ୍ତ ରାଉତରାୟ ସଂସ୍ଥାନର ଗୌରବମୟ ଇତିହାସକୁ ଉପସ୍ଥାପନା କରିବା ସହ ଏହାର ମର୍ଯ୍ୟାଦାକୁ ସର୍ବଦା ଅକ୍ଷୁର୍ଣ୍ଣ ରଖିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ନିର୍ଦ୍ଦେଶକ ଡାକ୍ତର ମହାନ୍ତିଅନୁଷ୍ଠାନର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ବୈଷୟିକ ଉପନିର୍ଦ୍ଦେଶକ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ଏହି ଅନୁଷ୍ଠାନକୁ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ କରିବା ଉପରେ ସୁଚିନ୍ତିତ ମତ ରଖିଥିଲେ । ଶେଷରେ ପ୍ରଶାସନିକ ଉପନିର୍ଦ୍ଦେଶକ ଇଂ ସତ୍ୟଜିତ୍ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର କର୍ମଚାରୀ ଏବଂ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏବଂ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶ୍ରୀ ଚିତ୍ତରଞ୍ଜନ ମିଶ୍ର, ଶ୍ରୀ ସଞ୍ଜିବ ସେଠୀ, ଡାକ୍ତର ନରେନ୍ଦ୍ର କୁମାର ବେହେରା, ଡାକ୍ତର ମୋନାଲିସା ପଟ୍ଟନାୟକ, ଡାକ୍ତର ପ୍ରଜ୍ଞା ସିଂ, ଶ୍ରୀ ରଶ୍ମିରଞ୍ଜନ ସ୍ୱାଇଁ, ଶ୍ରୀମତୀ ରଶ୍ମିତା ଦାସ ପ୍ରମୁଖ ପରିଚାଳନା କରିଥିଲେ । ପ୍ରକାଶ ଥାଉକି, ଏସଭିନିରତାର ସମଗ୍ର ଜନମାନସରେ ଓଲଟପୁର ହସ୍ପିଟାଲ ନାମରେ ବହୁଳ ଭାବରେ ପରିଚିତ । ୧୯୭୫ ମସିହାରେ ଗତିବାଧିତ ଦିବ୍ୟାଙ୍ଗମାନଙ୍କ ଚିକିତ୍ସା ନିମନ୍ତେ ପ୍ରତିଷ୍ଠା କରାଯାଇଥିବା ଏହି ଅନୁଷ୍ଠାନଟି ଆଜିର ସମୟରେ ସୀମିତ ସେବାରେ ବାନ୍ଧି ନହୋଇ ଅତି ବ୍ୟାପକ ଭାବେ ପୂର୍ଣ୍ଣ ବିକଶିତ ପ୍ରୋସ୍ଥେଟିକ ଓ ଅର୍ଥୋଟିକ ବିଭାଗ, ଫିଜିଓଥେରାପି ବିଭାଗ, ଅକ୍ୟୁପେସନାଲ ଥେରାପି ବିଭାଗ, ସ୍ପିଚ ଲାଙ୍ଗୁଏଜ ପାଥୋଲୋଜି ବିଭାଗ, ଫିଜିକାଲ ମେଡିସିନ ଆଣ୍ଡ ରିହାବିଲିଟେସନ ବିଭାଗ, ଭୋକେସନାଲ୍ ଏବଂ ସ୍କିଲ୍ ଡେଭଲପମେଂଟ ଟ୍ରେନିଂ ବିଭାଗ ଦ୍ୱାରା ୨୧ ପ୍ରକାର ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ପୁନର୍ବାସ ସେବା ପ୍ରଦାନ କରୁଛି । ଏଠାରେଦେଶର କୋଣ ଅନୁକୋଣରୁବିଶ୍ୱବିଦ୍ୟାଳୟ ସ୍ତର ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷାରେପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ନିରନ୍ତର ଶିକ୍ଷା ଗ୍ରହଣ କରୁଛନ୍ତି ତଥା ବିଭିନ୍ନ ବିଭାଗରେ ଅନୁସନ୍ଧାନ ତଥା ଗବେଷଣାକାର୍ଯ୍ୟ ଜାରି ରଖିଛନ୍ତି ।

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION,Balangir**
**Phone No-06652-232982(Off)e-mail:-mid_balangir@yahoo.co.in**

**A-1096**

***'e'-Procurement Notice***

**Bid Reference No- SE-MID-BLGR- 11/2024-25**

***No- 332 /MID // Date-20.02.2025***

Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.

| | | | |
|---|---|---|---|
| 1- | Name of the works | :- | Construction of New Check Dam |
| 2- | No of Works | :- | **05(Five)**Nos. |
| 3- | Estimated cost | :- | Varies from **Rs.30.28** Lakh to **Rs.67.91** Lakh Only (Approx) |
| 4- | Period of completion | :- | **03(Three) to 04(Four)** Calendar months. |
| 5- | Date and Time of availability of bid documents in the portal | :- | From **Dt- 25.02.2025** at 10.00 AM to **Dt- 06.03.2025** up to 5.00 PM. |
| 6- | Last date / time of receipt of bids in the portal :- | :- | **Dt- 06 .03.2025** up to 5.00 PM. |
| 7- | Date of opening of Technical Bid | :- | **Dt- 07.03.2025** at 10.00 AM. Onwards. |
| 8- | Date of Opening of Financial Bid | :- | To be intimated Later on |
| 9- | Date of lottery scheduled to be held (If required) | :- | **Dt- 13.03.2025** at-11.00 a.m in the O/O S.E.M.I.Division, Balangir |
| 10- | Name and address of the OIT | :- | O/O The Superintending Engineer, M.I.Division, Balangir Near Sub-Collector OfficeBalangir, Dist-Balangir |
| 11- | Further details can be seen from the e-Procurement market place | :- | http://tendersodisha.gov.in |

**Superintending Engineer**
**M.I.Division, Balangir**

**OIPR-32063/11/0011/2425**

ଭୁବନେଶ୍ୱର
୨୩ ଫେବୃୟାରୀ
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. : BN/60/25-27

# ଆସୁଛି ମହାଶିବରାତ୍ରୀ : ସଜେଇ ହେଉଛି ଏକାମ୍ର କ୍ଷେତ୍ର



**ଭୁବନେଶ୍ୱର,୨୨/୦୨ ନ୍ୟୁଜ ବ୍ୟୁରୋ**

ଆଉ ମାତ୍ର ୨ ଦିନ ପରେ ପବିତ୍ର ମହାଶିବରାତ୍ରୀ। ଏଥିପାଇଁ ସଜେଇ ହେଉଛି ଏକାମ୍ର କ୍ଷେତ୍ର। ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ସମେତ ଅନ୍ୟାନ୍ୟ ଶୈବ ପୀଠରେ ଚାଲିଛି ପ୍ରସ୍ତୁତି । ପ୍ରାୟ ଅଧିକାଂଶ ପୀଠରେ ରଙ୍ଗ ଓ ସଫେଇ କାର୍ଯ୍ୟ ଚାଲିଛି । ଶ୍ରୀଲିଙ୍ଗରାଜ ମନ୍ଦିରରେ ଧାଡ଼ି ଦର୍ଶନ ପାଇଁ ଉଭୟ ଓବିସିସି ଓ ପୂର୍ତ୍ତ ବିଭାଗ ଲୁହା ବ୍ୟାରିକେଡ କରିଛନ୍ତି । ରୌଦ୍ର ତାପରୁ ରକ୍ଷା ନିମନ୍ତେ ବ୍ୟାରିକେଡ୍ ଉପରେ କପଡା ପାଲରେ ସିଲିଂ କରି ପଙ୍ଖା ଲଗାଯିବ । ମନ୍ଦିର ଚତୁଃପାର୍ଶ୍ୱ ଓ ଜଗମୋହନ ଆଲୋକୀକରଣ କାର୍ଯ୍ୟ ମଧ୍ୟ ବିଏମ୍‌ସି ତରଫରୁ ଅଧାଧିକ ସରିଲାଣି। ପାର୍କିଂ ଅଞ୍ଚଳ ସଫେଇ କରାଯାଉଛି । ସେସବୁ ସ୍ଥାନରେ ଡାକବାଜି ଯନ୍ତ୍ର ଯୋଗେ ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ସୂଚନା ପ୍ରଦାନ ବ୍ୟବସ୍ଥା ହେବ । ଶ୍ରୀଲିଙ୍ଗରାଜଙ୍କ ପୀଠ ବ୍ୟତିତ ବ୍ରହ୍ମେଶ୍ୱର, ମେଘେଶ୍ୱର, ଭାସ୍କରେଶ୍ୱର, ଭୀମେଶ୍ୱର, ମୁକ୍ତେଶ୍ୱର, ଉତ୍ତରେଶ୍ୱର, କପିଳେଶ୍ୱର, କେଦାରଗୌରୀ ଆଦି ମନ୍ଦିରରେ ମଧ୍ୟ ପ୍ରସ୍ତୁତି ଜୋରସୋର ଚାଲିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେବାୟତମାନଙ୍କୁ ଏକତ୍ରିତ କରି ନିର୍ଦ୍ଧାରିତ ସମୟରେ ମହାଦୀପ ଉଠାଇବା। ଶିବରାତ୍ରୀ ପାଇଁ ୫ଟି ପ୍ରସ୍ତୁତି ବୈଠକ ହୋଇଥିଲେ ମଧ୍ୟ ଏଯାବତ୍ ପୂଜାପଣ୍ଡା ନିଯୋଗ ଯୋଗ ନଦେବା ପ୍ରଶାସନର ମୁଣ୍ଡବ୍ୟଥା ବଢ଼ାଇଛି । ତେଣୁ ଏହି ନିଯୋଗ ପ୍ରତିନିଧିଙ୍କୁ ଦିନେ କିମ୍ବା ୨ ଦିନ ମଧ୍ୟରେ ଡକାଇ ଆଲୋଚନା କରାଯିବ। ଏଣେ ବ୍ରାହ୍ମଣ ନିଯୋଗର ନିର୍ବାଚନ ଫଳାଫଳକୁ ନେଇ ଟଣାଓଟରା ହୋଇ ବିଭାଜନ ମୁହାଁ ହୋଇଛି ନିଯୋଗ । ଯାହାକି ଚିନ୍ତାର ବିଷୟ । କାରଣ ଏହି ଗୋଟିଏ ନିଯୋଗ ନିୟନ୍ତ୍ରଣରେ ଉକ୍ତ ଦିନର ୧୮ ପ୍ରକାର ସେବା ରହିଛି। ଏସବୁ ସେବାରେ ବିଭାଜିତ ୨ ପକ୍ଷର ସେବାୟତଙ୍କ ସେହିଦିନ ପାଇଁ ପାଳି ରହିଛି । ତେଣୁ ଏହି ବିଭାଜନର ଅସନ୍ତୋଷରୁ ଠାକୁରଙ୍କ ନୀତି ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି। ସେବାୟତଙ୍କୁ ପ୍ରଶାସନ ମନାଇ ପାରିଲେ ମହାଦୀପ ଠିକଣା ସମୟରେ ଉଠିପାରିବ।

# ଶ୍ରୀମନ୍ଦିର ଚାରିପାର୍ଶ୍ୱରେ ୨୦୦ ସିସି କ୍ୟାମେରା କାର୍ଯ୍ୟକ୍ଷମ ହେଲାନି

**ପୁରୀ,୨୨/୦୨ ନ୍ୟୁଜ ବ୍ୟୁରୋ**



ଶ୍ରୀମନ୍ଦିର ପାର୍ଶ୍ୱରେ ଲାଗିଥିବା ସିସିଟିଭିର ଆଖି ଥାଇ ଦେଖିପାରୁନି। ବାହାର ପରିକ୍ରମା ମାର୍ଗରେ ଲାଗିଥିବା ମାଳ ମାଳ ଅଚଳ ସିସି କ୍ୟାମେରା ଦେଖି ଏଭଳି ମନ୍ତବ୍ୟ ଦିଅନ୍ତି ସଚେତନ ପୁରୀବାସୀ । ୨୦୨୪ ରଥଯାତ୍ରା ପୂର୍ବରୁ ଶ୍ରୀମନ୍ଦିର ବାହାର ପରିକ୍ରମା ମାର୍ଗ ଚାରିପଟେ ଲାଗିଥିଲା ସିସି କ୍ୟାମେରା। ଏବେ ୨୦୨୫ ରଥ ଯାତ୍ରା ଆସୁଛି। କ୍ୟାମେରା ଲାଗିବା ବର୍ଷେ ପୂରିବାକୁ ବସିଲା ପଛେ ସିସିଟିଭି କାର୍ଯ୍ୟକ୍ଷମ ହେଲାନାହିଁ । ଶ୍ରୀମନ୍ଦିର ବାହାର ପରିକ୍ରମା ମାର୍ଗରେ ଲାଗିଛି ୨୦୦ରୁ ଉର୍ଦ୍ଧ୍ୱ କ୍ୟାମେରା। ଖୁଣ୍ଟକୁ ୱେରିଂ ସରିଲା। ଅହେତୁକ ବିଳମ୍ବ ହେବାରୁ ମାଟି ତଳେ ବିଛା ଯାଇଥିବା ତାରକୁ ବାରମ୍ବାର ମୂଷା କାଟି ଦେଉଛି । ଖରା, କାକର ଓ ବର୍ଷା ଖାଇ ନଷ୍ଟ ହେଉଛି ଦାମୀ ଯନ୍ତ୍ରାଂଶ । କାର୍ଯ୍ୟକ୍ଷମ ନହୋଇ ପଡ଼ି ରହିବା ଯୋଗୁଁ ବାରମ୍ବାର ମରାମତି କରାଯାଉଛି । ଖରାପ ଜିନିଷ ପୁଣି କଢ଼ାଯାଇ ନୂଆ ଲାଗିବ । ପରିକ୍ରମା ପ୍ରକଳ୍ପ ଲୋକାର୍ପଣକୁ ବର୍ଷାଧିକ ସମୟ ବିତିଗଲାଣି । ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ସିସିଟିଭି ସ୍କାନରରେ ରଖାଯାଇ ଯେଉଁ ଶୃଙ୍ଖଳା ଅଣାଯିବ କୁହାଯାଉଥିଲା ତାହା ମଧ୍ୟ ସମ୍ଭବ ହେଉନାହିଁ । କାହାରି ତତ୍ପରତା ପ୍ରକାଶ ପାଉନାହିଁ । ଏନେଇ ସ୍ଥାନୀୟ ବାସିନ୍ଦା କୁହନ୍ତି ସରକାରଙ୍କ ଏଭଳି ଅମନଯୋଗିତା ପାଇଁ ଗଣଧନ ଅକାରଣରେ ନଷ୍ଟ ହେଉଛି । ସରକାର ବେପରୁଆ ଭାବେ ଖର୍ଚ୍ଚ କରିଚାଲିଛନ୍ତି। ପୁରୀର ଲୁଣିଆ ପାଣିପାଗରେ ଲୁହା ଝଡ଼ିଯାଉଛି । କାର୍ଯ୍ୟ ବିଳମ୍ବ ହେବାରୁ ଏସବୁର ସୁଫଳ ମଧ୍ୟ ଲୋକେ ପାଇଲେ ନାହିଁ । ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସ୍ଥିତିରେ କିଛି ସୁଧାର ମଧ୍ୟ ଆସନ୍ତାଣି । ଓବିସିସି ଜେନେରାଲ ମ୍ୟାନେଜର ତଥା ବରିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ପାଣିଗ୍ରାହୀ କୁହନ୍ତି ଶ୍ରୀମନ୍ଦିର ପରିକ୍ରମା କାର୍ଯ୍ୟ ସାରିବାକୁ ଆମେ ଦିନ ରାତି ଲାଗିଛୁ । ଭିତର ପରିକ୍ରମା ମାର୍ଗରେ ଲାଗିଥିବା ସିସିଟିଭି କାର୍ଯ୍ୟକ୍ଷମ ହୋଇ ପୁଲିସ ନିୟନ୍ତ୍ରଣରେ ରହିଛି । ଶ୍ରୀମନ୍ଦିର ବାହ୍ୟ ସୀମା ଉପରେ ନଜର ରଖିବାକୁ ବାହାର ପରିକ୍ରମା ମାର୍ଗରେ ୨ଶହରୁ ଉର୍ଦ୍ଧ୍ୱ କ୍ୟାମେରା ଲାଗିଛି । ଭିତର ପରିକ୍ରମା ମାର୍ଗ ସମେତ ଶ୍ରୀମନ୍ଦିର ଚାରି ଦିଗକୁ ସଂଲଗ୍ନ ମାର୍ଗ ପର୍ଯ୍ୟନ୍ତ କ୍ୟାମେରା ନଜରରେ ରହୁଛି। ଏହାର ନିୟନ୍ତ୍ରଣ କକ୍ଷକୁ ନେଇ ପୂର୍ବ ନିର୍ଦ୍ଧାରିତ ଯୋଜନାରେ ପରିବର୍ତ୍ତନ ଆସିଛି। ପୁରୁଣା ନିର୍ମାଣର ମଡ଼େଲିଂ କରାଯାଇ ନୂତନ ଭାବେ ପ୍ରସ୍ତୁତ କରାଯାଇଛି । ଏହାର ବିଦ୍ୟୁତ୍ ସଂଯୋଗ ପାଇଁ ଟିପିସିଓଡ଼ିଏଲ୍‌କୁ କୁହାଯାଇଛି । ସେମାନେ ବିଦ୍ୟୁତ ସଂଯୋଗ ଦେବା ପରେ ବାହାର ପରିକ୍ରମା ମାର୍ଗର ସମସ୍ତ ସିସିଟିଭି କାର୍ଯ୍ୟକ୍ଷମ ହୋଇଯିବ ବୋଲି ସେ ସୂଚନା ଦେଇଛନ୍ତି।



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ନେପାଳ ଦୂତାବାସ ଅଧିକାରୀ ନବୀନ ରାଜ୍ ଅଧିକାରୀ ଓ ସଂଜୀବ ଶର୍ମା ଦାସଙ୍କ ସହ ଆଲୋଚନା କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ନାନୋମେଡିସିନର ସଦ୍ୟତମ ବିକାଶ ଉପରେ କିଟ୍‌ରେ ଅନ୍ତର୍ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୨୨।୨ ନ୍ୟୁଜ ବ୍ୟୁରୋ**

କିଟ୍ ବିଶ୍ୱବିଦ୍ୟାଳୟରେ ନାନୋମେଡିସିନର ସଦ୍ୟତମ ବିକାଶ ଉପରେ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମିଳନୀରେ ବହୁ ଗବେଷକ, ଛାତ୍ର, ଚିକିତ୍ସା ବୃତ୍ତିଧାରୀ, ସମାଜବିଜ୍ଞାନୀ ଏବଂ ଷ୍ଟାର୍ଟଅପ୍ ସମେତ ୫୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ଆମେରିକା, ସ୍ୱିଜରଲ୍ୟାଣ୍ଡ, ସ୍ପେନ୍, ଭାରତ, ଜର୍ମାନୀ, ଆର୍ଜେଣ୍ଟିନା, ଫ୍ରାନ୍ସ, ଆୟାର୍ଲାଣ୍ଡ ଏବଂ ଅଷ୍ଟ୍ରେଲିଆର ବିଶିଷ୍ଟ ବକ୍ତାମାନେ ନାନୋଟେକ୍ନୋଲୋଜି-ଆଧାରିତ ଡାଇଗ୍ନୋଷ୍ଟିକ୍ସ, ଇମେଜିଂ ଏବଂ ଥେରାପ୍ୟୁଟିକ୍ସରେ ସଦ୍ୟତମ ବିକାଶ ବିଷୟରେ



ଆଲୋକପାତ କରିଥିଲେ। ପ୍ରେସିସିନ୍ ନାନୋମେଡିସିନ୍ ଜର୍ନାଲ୍ (ୟୁଏସ୍‌ଏ), ସ୍କୁଲ୍ ଅଫ୍ ବାୟୋଟେକ୍ନୋଲୋଜି ଏବଂ କିମ୍ସ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏହା ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତାଙ୍କ କାର୍ଯ୍ୟାଳୟର ଏକ ପ୍ରୟାସ-ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟର ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ଆଲୋଚନାରେ ଅଂଶଗ୍ରହଣ କରି ବୈଜ୍ଞାନିକ ଏବଂ ଉଦ୍ୟୋଗୀ ଉଦ୍ଭାବନ କିପରି ସୁଲଭ, ସ୍କେଲେବଲ୍ ଏବଂ ସ୍ଥାୟୀ ସ୍ୱାସ୍ଥ୍ୟସେବା ସମାଧାନ ଆଡ଼କୁ ନେଇପାରିବ ତାହା ଉପରେ ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ସମଗ୍ର ଭାରତରୁ ଛାତ୍ରଛାତ୍ରୀମାନେ ଏଥିରେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ପୋଷ୍ଟର ଉପସ୍ଥାପନ ସହ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମନୋନୀତ ପ୍ରକଳ୍ପଗୁଡ଼ିକୁ ଅଧିକ ବିକାଶ ପାଇଁ କିଟ୍ ଟିବିଆଇରେ ପ୍ରଦର୍ଶିତ କରାଯିବ। କିଟ୍ ବିଶ୍ୱବିଦ୍ୟାଳୟ ଏବଂ ବିସିକେଆଇସି ଏପରି ପଦକ୍ଷେପ ମାଧ୍ୟମରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମରେ ଉତ୍କର୍ଷତା ବୃଦ୍ଧି କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀକୁ ସ୍ୱିଜରଲ୍ୟାଣ୍ଡର ୟୁନିଭର୍ସିଟି ହସ୍ପିଟାଲ ବାସେଲର ଇଣ୍ଟରନ୍ୟାସନାଲ ସୋସାଇଟି ଫର ନାନୋମେଡିସିନର ସଭାପତି ପ୍ରଫେସର ପାଟ୍ରିକ୍ ହୁଙ୍ଗିକର ଏବଂ ଆମେରିକାର ପ୍ରିସିସନ୍ ନାନୋମେଡିସିନର ମୁଖ୍ୟ ସଂପାଦକ ପ୍ରଫେସର ଲାଜୋସ୍ ପି. ବାଲୋଘ୍ ଉଦ୍‌ଘାଟନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ଗବେଷଣା ଏବଂ ନବସୃଜନ ନିର୍ଦ୍ଦେଶକ ଓ କିଟ୍ ଟେକ୍ନୋଲୋଜି ବିଜିନେସ ଇନକ୍ୟୁବେଟରର ସିଇଓ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିସିକେଆଇସିର ସିଇଓ ଡ. ନମ୍ରତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ପାଦକୀୟ
ପୃଷ୍ଠା–୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-3 • Issue-33 • 19-25th February 2025 • Bhubaneswar

ରାଜ୍ୟରେ ବଢ଼ୁଛି ଅପରାଧ : ୨୦୨୩ ତୁଳନାରେ ୨୦୨୪ରେ ଅଧିକ

ଜ୍ଞାନେଶ କୁମାର ଦେଶର ନୂଆ ମୁଖ୍ୟ ନିର୍ବାଚନ କମିଶନର

୧.୩୪ ଲକ୍ଷ କୋଟିରେ ପହଞ୍ଚିଲା ଓଡ଼ିଶାର ମୋଟ ଋଣ

୮ ମାସରେ ଭିଜିଲାନ୍ସ ଜାଲରେ ୫୦ ଦୁର୍ନୀତିଗ୍ରସ୍ତ ଅଧିକାରୀ

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ୭ ବୃହତ୍ ଶିଳ୍ପ ଏବେ ବନ୍ଦ

**ଭୁବନେଶ୍ୱର,୨୨/୦୨ ନ୍ୟୁଜ ବ୍ୟୁରୋ**

ଇଡ୍‌କୋ ମାଧ୍ୟମରେ ବିଭିନ୍ନ ଜିଲ୍ଲାରେ ସ୍ଥାପନ ହୋଇଥିବା ୧୪୦ ଶିଳ୍ପାଞ୍ଚଳରେ ୬୨୭ ଶିଳ୍ପସଂସ୍ଥା ଅଚଳ ଅବସ୍ଥାରେ ରହିଛି । ବିଭିନ୍ନ କାରଣ ଲାଗି ଏହି ଶିଳ୍ପ ସଂସ୍ଥାଗୁଡ଼ିକ ବନ୍ଦ ହୋଇଯାଇଛି । ରାଜ୍ୟ ସରକାରଙ୍କ ସିଙ୍ଗଲ୍ ୱିଣ୍ଡୋ ଦ୍ୱାରା ଅନୁମୋଦିତ ବୃହତ୍ ଶିଳ୍ପ ମଧ୍ୟରୁ ୭ଟି ଶିଳ୍ପ ଏବେ ବନ୍ଦ । ଏଗୁଡ଼ିକୁ ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରେ କୋଡ୍ ଦ୍ୱାରା ପୁନରୁଦ୍ଧାର କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିଧାନସଭାରେ ସୂଚନା ଦେଇଥିଲେ । ଶିଳ୍ପମନ୍ତ୍ରୀ କହିଥିଲେ ଯେ, କଟକ ଜିଲ୍ଲାର ଟାଙ୍ଗୀରେ ବନ୍ଦ ପଡିଥିବା ଓଟିଏମ୍‌ର ଜମିକୁ ଇଡ୍‌କୋକୁ ଫେରାଇ ଆଣି ୱେଲସ୍ପନକୁ ଶିଳ୍ପ ସ୍ଥାପନ ଲାଗି ହସ୍ତାନ୍ତର କରାଯିବା ପ୍ରକ୍ରିୟା ହାତକୁ ନିଆଯାଇଛି। ଅନ୍ୟପକ୍ଷରେ, ବରଗଡ଼ କୋଅପରେଟିଭ ସୁଗାର ମିଲ୍‌ର ଜମିକୁ ଇଡ୍‌କୋକୁ ଫେରାଇ ଆଣିବା ପ୍ରକ୍ରିୟା ଜାରି ରହିଛି। ସେହିଭଳି କଟକର ବଲରପୁର ଇଣ୍ଡଷ୍ଟ୍ରିଜ ଲିମିଟେଡ୍, ଶ୍ରୀଜଗନ୍ନାଥ ୱେଭର୍ସ କୋଅପରେଟିଭ୍ ସ୍ପିନିଂ, କଟକ ସୁଗାର ମିଲ୍, ଝାରସୁଗୁଡାର ଓରିଏଣ୍ଟ ପେପର ମିଲ୍, ଭାସ୍କର ଟେକ୍ସଟାଇଲ ମିଲ୍, ଶ୍ରୀସାରଳା ୱେଭର୍ସ କୋଅପରେଟିଭ୍ ସ୍ପିନିଂ ମିଲ୍ ଭଳି କମ୍ପାନିଗୁଡ଼ିକର ଜମିକୁ ମଧ୍ୟ ଫେରାଇ ଆଣିବାକୁ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି । ମନ୍ତ୍ରୀ ଆହୁରି କହିଛନ୍ତି ଯେ, ରାଜ୍ୟରେ ଶିଳ୍ପ ଲାଗି ଅନୁମୋଦିତ ଜମିକୁ ଶିଳ୍ପ ପାଇଁ ବିନିଯୋଗ ନ କରି ଅଣ ଶିଳ୍ପ କାର୍ଯ୍ୟରେ ବ୍ୟବହାର କରିଥିବା ୧୨ଟି ଶିଳ୍ପ ସଂସ୍ଥାଙ୍କୁ ଇଡ୍‌କୋ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ସେଗୁଡିକ ମଧ୍ୟରୁ ୬ଟି ଶିଳ୍ପ ସଂସ୍ଥାଙ୍କୁ ଆବଣ୍ଟିତ ଜମିକୁ ରଦ୍ଦ କରାଯାଇଛି । ଗୋଟିଏ ଶିଳ୍ପ ସଂସ୍ଥା ସ୍ୱେଚ୍ଛାକୃତ ଭାବେ ଜମି ଫେରାଇ ଦେଇଛି। ରାଜ୍ୟରେ ଗତ ୫ ବର୍ଷରେ ଶିଳ୍ପସଂସ୍ଥା ଗୁଡ଼ିକ ୧୬୮ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ । ଏହା ମଧ୍ୟରୁ ୧୭ଟି ଶିଳ୍ପ ସଂସ୍ଥା ଶୀଘ୍ର କାର୍ଯ୍ୟକ୍ଷମ ହେବ । ଅଦ୍ୟାବଧି ଏମ୍‌ଓୟୁ କରିଥିବା ଶିଳ୍ପସଂସ୍ଥାଗୁଡ଼ିକ ମଧ୍ୟରୁ ୨୧ଟି ଶିଳ୍ପସଂସ୍ଥା ପ୍ରକଳ୍ପ ସ୍ଥାପନାରୁ ଓହରି ଯାଇଛନ୍ତି । ଚଳିତ ବର୍ଷ ଜାନୁଆରୀରେ ଅନୁଷ୍ଠିତ ହୋଇଥିବା ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ୧୪୫ଟି ଏମ୍‌ଓୟୁ ହୋଇଛି। ଶିଳ୍ପ ଲାଗି ଇଚ୍ଛା ପ୍ରକାଶ କରିଥିବା ସଂସ୍ଥାଗୁଡ଼ିକୁ ଗୋ ସ୍ୱିଫ୍ଟ ପୋର୍ଟାଲ ମାଧ୍ୟମରେ ଆବେଦନ ପତ୍ର ଦାଖଲ କରିବାକୁ ଅନୁରୋଧ କରାଯାଇଛି । ମୋଟ ଏମ୍‌ଓୟୁ ଏବଂ ନିବେଶ ଆଗ୍ରହ ମିଶାଇଲେ ଏହା ୫୯୩ ହେବ। ଏହା ଦ୍ୱାରା ରାଜ୍ୟରେ ୧୬.୭୩ ଲକ୍ଷ କୋଟିର ନିବେଶ ଏବଂ ୧୨.୮୬ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିବ । ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶାରେ ଇସ୍ପାତ ଶିଳ୍ପ ଲାଗି ୩୧ଟି ଏମ୍‌ଓୟୁ ହୋଇଛି । ଏହି ପ୍ରକଳ୍ପଗୁଡ଼ିକରେ କେତେ ପରିମାଣର ଲୁହା ପଥର, ଖଣି ଏବଂ ଖଣିଜ ପଦାର୍ଥ ବ୍ୟବହାର ହେବ, ସେ ନେଇ ରାଜ୍ୟ ସରକାର ପରବର୍ତ୍ତୀ ସମୟରେ ଆକଳନ କରିବେ ବୋଲି ସେ କହିଥିଲେ।




କେନ୍ଦୁଝର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଜାପିତା ବ୍ରହ୍ମକୁମାରୀ କାର୍ଯ୍ୟକ୍ରମରେ ଯୋଗଦେଇ ନୂତନ ଭାବେ ନିର୍ମିତ ନୂଆ ଅଫିସ୍ ବିଲ୍ଡିଂ 'ସୁଖ ଶାନ୍ତି ସରୋବର' ଉଦ୍‌ଘାଟନ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## କଂଗ୍ରେସ ଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ

# ଦଳ ଓ ବିଧାୟକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ନେଇ ନିଷ୍ପତ୍ତି

**ଭୁବନେଶ୍ୱର ୨୨।୦୨ ନ୍ୟୁଜ ବ୍ୟୁରୋ**

କଂଗ୍ରେସର ମିଶନ ଘର ସଜଡା । ନୂଆ ପିସିସି ସଭାପତି ଚୟନ ପରେ ପୁରା କଂଗ୍ରେସ କ୍ୟାମ୍ପରେ ହଲ୍‌ଚଲ୍ । ପ୍ରଥମେ ଦଳରୁ ବହିଷ୍କୃତ ଏବଂ ଦଳ ଛାଡିଥିବା ନେତାଙ୍କୁ ଘରବାହୁଡ଼ା ପାଇଁ ଅନୁରୋଧ କରାଗଲା । ପରେ ଭୁବନେଶ୍ୱରୁ ପୁରୀ ଯାଏଁ ଆରମ୍ଭ ହେଲା ସଂକଳ୍ପ ପଦଯାତ୍ରା। ଆଉ ଏବେ ଦଳ ଏବଂ ବିଧାୟକଙ୍କ ମଧ୍ୟରେ ସମନ୍ୱୟ ନେଇ ବସିଛି ଗୁରୁତ୍ୱପୂର୍ଣ୍ଣ ବୈଠକ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିବା ବେଳେ ରାଜ୍ୟର ନୂଆ



ପ୍ରଭାରୀ ଭାବେ ନିଯୁକ୍ତ ହୋଇଥିବା ଅଜୟ କୁମାର ଲଲ୍ଲୁ ମଧ୍ୟ ସାମିଲ ହୋଇଛନ୍ତି । ବାକି ବୈଠକରେ ଦଳର ସମସ୍ତ ବିଧାୟକ ଉପସ୍ଥିତ ରହିଛନ୍ତି । ଆଗାମୀ ଦିନରେ କିପରି ଦଳ ଓ ବିଧାୟକଙ୍କ ମଧ୍ୟରେ ସମନ୍ୱୟ ରହିପାରିବ, ସେନେଇ ବୈଠକରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ ଯେ, ୨୦୨୪ ବିଧାନସଭା ନିର୍ବାଚନରେ କଂଗ୍ରେସ ମାତ୍ର ୧୪ଟି ସିଟ୍‌ରେ ହିଁ ବିଜୟୀ ହୋଇଥିଲା । ଯାହାପରେ ଦିଲ୍ଲୀ ନେତୃତ୍ୱ ରାଜ୍ୟର ସମସ୍ତ ସଂଗଠନକୁ ଭଙ୍ଗ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏପିରିକି ଦୀର୍ଘ ମାସ ଧରି ରାଜ୍ୟରେ ମୁରବୀ ବିନା ଚାଲିଥିଲା କଂଗ୍ରେସ । ଶେଷରେ ଦିଲ୍ଲୀ ନେତୃତ୍ୱ ରାଜ୍ୟରେ ନୂଆ ପିସିସି ସଭାପତି ନିଯୁକ୍ତ କରିଥିଲେ । ରାଜ୍ୟର ବରିଷ୍ଠ ତଥା ପୂର୍ବତନ ସାଂସଦ ଭକ୍ତ ଚରଣ ଦାସଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯାଇଛି ।

# କାର୍‌କୁ ପଛରୁ ପିଟିଲା ଟ୍ରକ୍ : ଚାଲିଗଲା ୨ ଜୀବନ



**ଭୁବନେଶ୍ୱର ୨୨।୦୨ ନ୍ୟୁଜ ବ୍ୟୁରୋ**

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । କାର୍‌କୁ ଧକ୍କା ଦେଲା ଟ୍ରକ୍ । ଯେଉଁଥିରେ ଦୁଇ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଛି । ଭୁବନେଶ୍ୱର ଉପକଣ୍ଠ ଗଙ୍ଗପଡ଼ା ରାସ୍ତାରେ ଘଟିଛି ଏହି ଭୟଙ୍କର ଦୁର୍ଘଟଣା । ସୂଚନା ଅନୁଯାୟୀ, ବ୍ରହ୍ମପୁରରୁ ଏକ କାର୍ ଯୋଗେ କିଛି ଲୋକ ଭୁବନେଶ୍ୱର ଫେରୁଥିଲେ । ହେଲେ ଗଙ୍ଗପଡ଼ା ଜାତୀୟ ରାଜପଥ ନିକଟରେ କାର୍‌କୁ ଏକ ଟ୍ରକ୍ ଜୋରଦାର ଧକ୍କା ଦେଇଥିଲା। ଯାହାଫଳରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡିଥିଲା। ସେପଟେ ଦୁର୍ଘଟଣା ସଂପର୍କରେ ସୂଚନା ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଦୀର୍ଘ ସମୟର ଅକ୍ଳାନ୍ତ ପରିଶ୍ରମ ପରେ କାର୍‌ର ଡୋର କାଟି ସମସ୍ତଙ୍କୁ ଉଦ୍ଧାର କରିଥିଲେ । ହେଲେ ସେତେବେଳକୁ ଏହି ଭୟଙ୍କର ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି । ଗୁରୁତରଙ୍କୁ ତୁରନ୍ତ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି । ତେବେ ମିଳିଥିବା ତଥ୍ୟ ଅନୁସାରେ କାର୍‌ରେ ଥିବା ଯୁବକମାନେ ପୁରୀ ଜିଲ୍ଲା ଚନ୍ଦନପୁର ଅଞ୍ଚଳର ବୋଲି ଜଣାପଡିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ବୋଲି ସୂଚନା ମିଳିଛି।



ରବିବାସରୀୟ କଳିକା

ଓଡ଼ିଶାରେ ଦେଶର ୩% ଗାଡ଼ି : ବର୍ଷକରେ ଯାଉଛି ୩୭୧୭ ଜଣଙ୍କ ଜୀବନ

ଭିତର ପୃଷ୍ଠାରେ...

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପକସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋଦ୍ଧସା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ବମିଖାଲ ରେଲୱେ ଓଭରବ୍ରିଜ: ରଙ୍ଗସାଇଡ ଡ୍ରାଇଭିଂ ବଢାଉଛି ଦୁର୍ଘଟଣା

**ଭୁବନେଶ୍ୱର,୨୨/୦୨ ନ୍ୟୁଜ ବ୍ୟୁରୋ**

ଚିନ୍ତା ବଢାଇଲାଣି ରାଜଧାନୀର କେତେକ ଫ୍ଲାଏ ଓଭରବ୍ରିଜ । ଦୁର୍ଘଟଣାରେ ବାରମ୍ବାର ଧନଜୀବନ ହାନି ସହରବାସୀଙ୍କ ଭୟ ବଢାଇଛି । ଏଭଳି ସ୍ଥିତିରେ ଗତ ୫ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ବମିଖାଲ ରେଲୱେ ଓଭରବ୍ରିଜ ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ଲକ୍ଷ୍ୟରୁ ବହୁ ଦୂରରେ ରହିଛି । ସେ ସମୟରେ ବିଭାଗୀୟ ଯନ୍ତ୍ରୀଙ୍କ ଦୂରଦୃଷ୍ଟି ଅଭାବ ଓ ଟ୍ରାଫିକ ପରିଚାଳନା ବାବଦରେ ସୁଚିନ୍ତିତ ମତାମତ ଅଭାବ ଏବେ ବ୍ରିଜ ବ୍ୟବହାର କରୁଥିବା ଗାଡିଚାଳକ, ପଥଚାରୀ ଓ ଅଞ୍ଚଳବାସୀଙ୍କ ପାଇଁ ବୋଝ ସଦୃଶ ହୋଇଛି । ସୂଚନା ଥାଉ କି, ରସୁଲଗଡ-ସାମନ୍ତରାପୁର ରାସ୍ତାରେ ଅତ୍ୟଧିକ ଯାନବାହନ ଚଳାଚଳ ସମସ୍ୟା ସୃଷ୍ଟି କରିଛି । ଏଥିସହ ଭାରୀଯାନ ସାଙ୍ଗକୁ ଯାତ୍ରୀବାହୀ ବସ୍ ଅଧିକ ବିପଦ ସୃଷ୍ଟି କରୁଛି । କେତେକ ସ୍ଥାନରେ ସଙ୍କୁଚିତ ରାସ୍ତାରେ କ୍ରମାଗତ ଦୁର୍ଘଟଣା ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ବ୍ରିଜ ନିର୍ମାଣ ପାଇଁ ପରିକଳ୍ପନା ହୋଇଥିଲା। ୪୪କୋଟି ଟଙ୍କା ବ୍ୟୟରେ ରସୁଲଗଡ–ବମିଖାଲ ମଧ୍ୟରେ ଏହି ବ୍ରିଜ ତିଆରି ପରେ ଏବେ ଏହା ଲୋକଙ୍କ ପାଇଁ ସେତେଟା ବ୍ୟବହାର ଉପଯୋଗୀ ହୋଇପାରୁନି । ଏହା ଅତ୍ୟନ୍ତ ସଙ୍କୁଚିତ ହେବା ଓ ବିଭିନ୍ନ ଦିଗକୁ ଗତି ସମ୍ବନ୍ଧରେ ସହଜେ ଜାଣିବା ସମ୍ଭବ ନ ହେବା ଏଠାରେ ଗାଡି ଚଳାଚଳ କମିବାର ପ୍ରମୁଖ କାରଣ ବୋଲି କୁହାଯାଉଛି। ଯଦ୍ୱାରା ଅନେକ ସମୟରେ ଚାଳକ ବାଟବଣା ହେବା ସହ ଦୁର୍ଘଟଣାର ଶିକାର ହୋଇ ଆହତ ଓ ମୃତ୍ୟୁମୁଖରେ ପଡିବା ଏକାଧିକ ନଜିର ରହିଛି । ଏଭଳି ତ୍ରୁଟିପୂର୍ଣ୍ଣ ବ୍ରିଜ ନିର୍ମାଣ ନେଇ ସବୁସମୟରେ ଲୋକଙ୍କ ମଧ୍ୟରେ ଦୀର୍ଘଦିନରୁ ଅସନ୍ତୋଷ ଲାଗିରହିଛି । ତେବେ କିଛିଟା ତ୍ରୁଟି ସୁଧାରିବା ପାଇଁ କମିଶନରେଟ ଟ୍ରାଫିକ ଓ ପୂର୍ତ୍ତ ବିଭାଗ ପକ୍ଷରୁ ପୂର୍ବରୁ ଉଦ୍ୟମ ହୋଇଛି । ଏକତରଫା ରାସ୍ତାରେ ରଙ୍ଗସାଇଡ ଡ୍ରାଇଭିଂ ବନ୍ଦ ପାଇଁ ସ୍ଥାନୀୟ ପୁଲିସ ଓ ଟ୍ରାଫିକ ଅଧିକାରୀଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା । କିନ୍ତୁ ଲୋକେ ନିର୍ମାଣକାରୀ ସଂସ୍ଥା ଓ ବିଭାଗର ଦୋଷ ଦର୍ଶାଇ ଏହାକୁ ବିରୋଧ କରିଥିଲେ । ଏପରିକି ରସୁଲଗଡରୁ ଝାରପଡା ଓଭରବ୍ରିଜ ପଟରୁ ଆସୁଥିବା ଯାନବାହାନ ଗୁଡିକର ଶୃଙ୍ଖଳିତ ଯାତାୟାତ ପାଇଁ ବ୍ରିଜ ଶେଷମୁଣ୍ଡରେ ଏକ ଗୋଲେଇ ତିଆରି ପାଇଁ ଉଭୟ ବିଭାଗ ନିଷ୍ପତ୍ତି ନେଇଥିଲେ। ଏଥିସହ ବ୍ରିଜ ମଝିଛକରେ ଚାଳକଙ୍କୁ ବାଟ କଢାଇବା ପାଇଁ ବ୍ୟାରିକେଡ ବ୍ୟବସ୍ଥା ହୋଇଥିଲା । କିନ୍ତୁ ମାତ୍ର କିଛିଦିନ ପରେ ସବୁକିଛି ଶୀଥିଳ ହୋଇପଡିଛି। ଫଳରେ ଅନେକ ସମୟରେ ପରିସ୍ଥିତି ଅଣାୟତ୍ତ ହେଉଛି । ରସୁଲଗଡ ଛକରେ ଟ୍ରାଫିକ ଜାମ ସମସ୍ୟା ଉପୁଜିଲେ ବ୍ରିଜ ଉପର ରାସ୍ତା ଚାଳକଙ୍କୁ ନାକେଦମ କରୁଛି । ପୁନର୍ବାର କେଉଁ ପଦକ୍ଷେପ ନିଆଗଲେ ବ୍ରିଜରେ ଗାଡି ଯାତାୟାତ ସହଜ ହେବ ସେ ନେଇ ପୂର୍ତ୍ତ ଓ ଟ୍ରାଫିକ କର୍ତ୍ତୃପକ୍ଷ ତତ୍ପରତା ଦେଖାଇବା ଜରୁରୀ ବୋଲି ଲୋକେ କହିଛନ୍ତି ।

# ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ଯାତ୍ରୀବାହୀ ଟ୍ରେନ



**ସୋର, ୨୨/୨ ନ୍ୟୁଜ ବ୍ୟୁରୋ**

ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ଯାତ୍ରୀବାହୀ ଟ୍ରେନ। ସବିରା ଷ୍ଟେସନରେ ନ୍ୟୁ ଜଲପାଇଗୁଡ଼ି –ଚେନ୍ନାଇ ସୁପରଫାଷ୍ଟ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ଇଞ୍ଜିନରେ ତ୍ରୁଟି ଯୋଗୁଁ ବାଲେଶ୍ୱର ସବିରା ଷ୍ଟେସନରେ ଟ୍ରେନ୍ ଅଟକି ରହିଛି। ଯାତ୍ରୀମାନେ ଟ୍ରେନ୍‌ରୁ ଓହ୍ଲାଇ ଟ୍ରେନ ଠିକ୍ ହେବାକୁ ଅପେକ୍ଷା କରି ରହିଛନ୍ତି।

## କୋମନାରେ ବଡ଼ ଧରଣର ଅବକାରୀ ରେଡ

# ୫୦ କୋଟି ଟଙ୍କାର ଗଞ୍ଜେଇ ଜବତ

**ନୂଆପଡା, ୨୨/୨ ନ୍ୟୁଜ ବ୍ୟୁରୋ**

ନୂଆପଡ଼ା କୋମନା ଥାନା କେନ୍ଦୁଭଟା ଗାଁରେ ଅବକାରୀ ବିଭାଗର ଚଢ଼ଉ । ୧୩ କ୍ୱିଣ୍ଟାଲ ୨୬ କେଜି ଗଞ୍ଜେଇ ସହ ପିକ୍‌ଅପ ଭ୍ୟାନ୍ ଜବତ ହୋଇଛି। ତେବେ ଅବକାରୀ ଟିମ୍‌କୁ ଦେଖି ଗଞ୍ଜେଇ ବ୍ୟବସାୟୀ, ଗାଡ଼ି ମାଲିକ ଏବଂ ଡ୍ରାଇଭାର ଫେରାର ହୋଇଯାଇଛନ୍ତି । ନୂଆପଡ଼ା ଅବକାରୀ ଅଧିକ୍ଷିକା ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶ ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା । ଅବକାରୀ ବିଭାଗ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ସେପଟେ କନ୍ଧମାଳ ଜିଲ୍ଲାରେ ଜୋରଦାର ହୋଇଛି ଗଞ୍ଜେଇ ଧରପଗଡ଼ ଅଭିଯାନ। ଜିଲ୍ଲା ପୋଲିସ ପକ୍ଷରୁ ୫ଟି ଟିମ୍ ଗଠନ କରି ୫ଟି ଥାନା ଅଞ୍ଚଳରେ ଚଢ଼ଉ କରାଯାଇଛି। ପ୍ରାୟ ୧୦ ହଜାର ୮୫୨ କିଲୋଗ୍ରାମରୁ ଅଧିକ ଗଞ୍ଜେଇ ଜବତ କରିଛି ପୋଲିସ । ଯାହାର ଆନୁମାନିକ ମୂଲ୍ୟ ୫୦ କୋଟିରୁ ଅଧିକ ଟଙ୍କା ହେବ। ଏହି ଧରପଗଡ ଅଭିଯାନ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କହିଛନ୍ତି କନ୍ଧମାଳ ଏସ୍‌ପି।